ବର୍ଷ-୨୬, ସଂଖ୍ୟା-୨୦୩
ଭୁବନେଶ୍ୱର
ଜୁଲାଇ ୨୯, ୨୦୨୬ ବୁଧବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 203
Bhubaneswar
July, 29 2026, Wednesday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ରୌପ୍ୟ ଜିତିଲେ ଗୁଲବୀର



# ଓଡ଼ିଶାରେ ବନ୍ୟା ବିଭ୍ରାଟ







ଭୁବନେଶ୍ୱର, ୨୯।୭(ମହାଭାରତ): ଲଗାଣ ବର୍ଷା ଯୋଗୁଁ ରାଜ୍ୟରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ରାଜ୍ୟର ପ୍ରମୁଖ ନଦୀଗୁଡିକର ଜଳସ୍ତର ବିପଦ ସଙ୍କେତ ଊର୍ଦ୍ଧ୍ୱରେ ପ୍ରବାହିତ ହେଉଥିବାବେଳେ ଉତ୍ତର ଓଡିଶାରେ ବନ୍ୟା ପରିସ୍ଥିତି ଗୁରୁତର ହେବାରେ ଲାଗିଛି । ବୈତରଣୀ, ସାଳନ୍ଦୀ, ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଓ ଜଳକା ନଦୀରେ ବନ୍ୟାଜଳ କ୍ରମଶଃ ବୃଦ୍ଧି ପାଉଥିବାବେଳେ ମହାନଦୀ ମଧ୍ୟ ଫୁଲିବାରେ ଲାଗିଛି । ଏଥିଯୋଗୁ ବାଲେଶ୍ୱର, ଭଦ୍ରକ, ଢେଙ୍କାନାଳ, ଯାଜପୁର, ମୟୂରଭଞ୍ଜ ଓ ସମ୍ବଲପୁର ଭଳି ୬ଟି ଜିଲ୍ଲାର ୪୪ଟି ବ୍ଲକ୍ ୨୩୩ଟି ପଂଚାୟତ, ୭୪୮ଟି ଗାଁ ଓ ୬ଟି ପୌରାଂଚଳର ପ୍ରାୟ ୨.୦୭ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଥିବା ସୂଚନା ମିଳିଛି । ୨୨୬ଟିରୁ ଅଧିକ ଗାଁ ଜଳବନ୍ଦୀ ଅବସ୍ଥାରେ ଥିବାବେଳେ କେନ୍ଦୁଝରର ଜିଲ୍ଲାରେ ୩ଜଣଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି । ଆଉ ଏସବୁ ମଧ୍ୟରେ ମହାନଦୀ ତଳମୁଣ୍ଡରେ ଲଗାଣ ବର୍ଷା ଲାଗି ରହିଥିବାବେଳେ ଆସନ୍ତାକାଲି ସୁଦ୍ଧା ମୁଣ୍ଡଳୀଠାରେ ମହାନଦୀରେ ୮.୫ ରୁ ୯ ଲକ୍ଷ କ୍ୟୁସେକ୍ ଜଳ ଆସି ତଳମୁଣ୍ଡରେ ଥିବା ଜିଲ୍ଲାଗୁଡିକରେ ବନ୍ୟା ପରିସ୍ଥିତି ସୃଷ୍ଟି କରିବାର ଆଶଙ୍କା ରହିଛି ।

ସୂଚନା ଅନୁସାରେ, ଉତ୍ତର ଓଡିଶାର ବିଭିନ୍ନ ନଦୀଗୁଡିକର ଜଳସ୍ତରର ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ ଅବସ୍ଥାରେ ରହିଛି । ଆନନ୍ଦପୁରଠାରେ ବୈତରଣୀର ବିପଦ ସଙ୍କେତ ୩୮.୩୬ ମିଟର ଥିବାବେଳେ ଦିନ ୧୨ଟା ସୁଦ୍ଧା ଜଳସ୍ତର ୩୯.୪୮ ମିଟରରେ ରହିଛି । ସେହିପରି ଆଖୁଆପଦାଠାରେ ବିପଦ ସଂକେତ ୧୮.୩୩ ମିଟର ବଦଳରେ ଜଳସ୍ତର ୨୦.୩୫ ମିଟର ଛୁଇଁସାରିଛି । ବୁଢ଼ାବଳଙ୍ଗଠାରେ ବିପଦ ସଂକେତ ୮.୧୩ ମିଟର ଥିବାବେଳେ ଜଳସ୍ତର ୮.୧୬ ମିଟରରେ ପ୍ରବାହିତ ହେଉଛି । ବସ୍ତା ମଥାନୀଠାରେ ଜଳକା ନଦୀର ବିପଦ ସଂକେତ ୬.୫୦ ମିଟର ଥିବାବେଳେ ଜଳସ୍ତର ୬.୫୧ ମିଟରରେ ରହିଛି । ସାଳନ୍ଦୀ ନଦୀର ଜଳସ୍ତର ୧୮.୭୦ ଫୁଟ୍ ଉପରେ ପ୍ରବାହିତ ହେଉଛି । ପାଣିର ପ୍ରବଳ ସ୍ରୋତ ଯୋଗୁଁ କେନ୍ଦୁଝର ଆନନ୍ଦପୁର ରିଂ ରୋଡ୍ ବନ୍ଧରେ ୩୦ରୁ ୫୦ ଫୁଟର ବଡ ଘାଇ ସୃଷ୍ଟି ହୋଇଛି, ଯାହାଫଳରେ ସ୍ଥାନୀୟ ୫୦ରୁ ଊର୍ଦ୍ଧ୍ୱ ପରିବାରକୁ ତୁରନ୍ତ ସ୍ଥାନାନ୍ତର କରାଯାଇଛି । ସେହିପରି ଯାଜପୁରରେ ମଧ୍ୟ ଏକ ଛୋଟ ଘାଇ ହୋଇଥିବାବେଳେ ଯାଜପୁରର ଦଶରଥପୁର ସମେତ ଭଦ୍ରକର ଧାମନଗର ଓ ଚାନ୍ଦବାଲି ଅଂଚଳରେ ବନ୍ୟା ପାଣି ପ୍ରବେଶ କରିଛି ।

**■ ୬ ଜିଲ୍ଲାରେ ୪୪ ବ୍ଲକ୍ ପ୍ରଭାବିତ, ୩ ମୃତ**
**■ ବୈତରଣୀ-ସୁବର୍ଣ୍ଣରେଖାରେ ବନ୍ୟା**
**■ ମହାନଦୀରେ ଆସୁଛି ୯ଲକ୍ଷ କ୍ୟୁସେକ୍ ଜଳ**

ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପ୍ରଭାବିତ ଜିଲ୍ଲାଗୁଡିକର ସମସ୍ତ ସରକାରୀ ଅଧିକାରୀଙ୍କ ଛୁଟି ବାତିଲ କରିଛନ୍ତି । ପ୍ରଶାସନ ପକ୍ଷରୁ ପ୍ରଭାବିତ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କାର୍ଯ୍ୟ ଜାରି ରହିଛି । ଅସ୍ଥାୟୀ ରିଲିଫ୍ କେନ୍ଦ୍ରଗୁଡିକରେ ରନ୍ଧାଖାଦ୍ୟ, ଶିଶୁ ଖାଦ୍ୟ, ବିଶୁଦ୍ଧ ପାନୀୟ ଜଳ, ଗୋଖାଦ୍ୟ ଓ ସର୍ପାଘାତ ପ୍ରତିଷେଧକ ଔଷଧ ଯୋଗାଇ ଦିଆଯାଉଛି । ରିଲିଫ କେନ୍ଦ୍ରକୁ ଆସିପାରି ନଥିବା ଲୋକଙ୍କ ପାଇଁ ଶୁଖିଲା ଖାଦ୍ୟ ଓ ପଲିଥିନ ବଂଟନ କରାଯାଉଥିବା ଜଣାପଡିଛି । କ୍ଷେତ୍ରସ୍ତରରେ ଉଦ୍ଧାର କାର୍ଯ୍ୟ ପାଇଁ ୬୦ଟି ଅଗ୍ନିଶମ ଟିମ୍ ସହ ଏନଡିଆରଏଫ, ଓଡ୍ରାଫ ଓ ପୁଲିସ ବାହିନୀ ମୁତୟନ ହୋଇଛନ୍ତି । କେନ୍ଦୁଝରରେ ପାଣି ନିଷ୍କାସନ କରୁଥିବା ସମୟରେ ଜଣେ ଅଗ୍ନିଶମ କର୍ମଚାରୀଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି ।

ରାଜ୍ୟର ବନ୍ୟା ପରିସ୍ଥିତି ସମ୍ପର୍କରେ ସୂଚନା ଦେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ଦିଲ୍ଲୀରେ ରହି ସମସ୍ତ ବନ୍ୟା ସ୍ଥିତି ବାବଦରେ ଅବଗତ ହେଉଛନ୍ତି । ପଶ୍ଚିମ ଓ ଦକ୍ଷିଣ ଓଡିଶାର ଜିଲ୍ଲାଗୁଡିକୁ ହାଇଆଲର୍ଟରେ ରଖାଯାଇଛି ଓ ସ୍ଥିତି ଏବେ ନିୟନ୍ତ୍ରଣାଧୀନ ରହିଛି । ସ୍ଥିତି ଉପରେ ନଜର ରଖିବାକୁ ଜଣେ ଲେଖାଏଁ ବରିଷ୍ଠ ଅଧିକାରୀଙ୍କୁ ଜିଲ୍ଲା ଦାୟିତ୍ୱ ନ୍ୟସ୍ତ କରାଯାଇଛି । ନଦୀବନ୍ଧ ପାଇଁ ଅଧିକାରୀମାନଙ୍କୁ ଆଲର୍ଟ କରାଯାଇଛି ଓ ସମ୍ବେଦନଶୀଳ ସ୍ଥାନରେ ପୁଲିସ ଓ ଅଧିକାରୀ ମୁତୟନ ଅଛନ୍ତି । ଯଦି କେଉଁଠି କ୍ଷତି ହେଉଛି ସାଙ୍ଗେ ସାଙ୍ଗେ ବାଲିବସ୍ତା ପକାଇବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି ।

ସେହିପରି ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଦିଲ୍ଲୀପ ରାଉତ କହିଛନ୍ତି ଯେ,ମହାନଦୀରେ ମଧ୍ୟମ ଧରଣର ବନ୍ୟା ଆସୁଛି । ଏବେ ହୀରାକୁଦରେ ୬୧୬ ଫୁଟ ଜଳସ୍ତର ଅଛି । ଦୁଇଟି ଗେଟ୍ ଦେଇ ପାଣି ଛଡାଯାଉଥିଲେ ବି ତେଲ ନଦୀ ବେସିନ୍ ସହ ବଲାଙ୍ଗୀର, ଖଇରମାଳରେ ଅଧିକ ବର୍ଷା ଯୋଗୁଁ କାଲି ଆସନ୍ତାକାଲି ସୁଦ୍ଧା ମୁଣ୍ଡଳୀରେ ୮.୫ରୁ ୯ ଲକ୍ଷ କ୍ୟୁସେକ୍ ପାଣି ଆସିବ । ଫଳରେ ଶୁକ୍ରବାର ଦୟା ନଦୀ ଓ ମହାନଦୀର ତଳ ଅଂଚଳରେ ଛୋଟରୁ ମଧ୍ୟମ ଧରଣର ବନ୍ୟା ହେବ । ବିଶେଷକରି ନିମାପଡା, କଣାସ, ଗୋପ, ଅସ୍ତରଙ୍ଗ ଅଂଚଳରେ ବନ୍ୟା ପାଣି ପଶିବ । ତେବେ ସାଳନ୍ଦୀରେ ଜଳପ୍ରବାହ କମିଛି ଓ ଭଦ୍ରକରେ ଆସନ୍ତାକାଲି ସୁଦ୍ଧା ସ୍ଥିତି ସୁଧୁରିବ । ଆନନ୍ଦପୁର ଓ ଯାଜପୁରରେ ହୋଇଥିବା ଛୋଟ ଘାଇଗୁଡିକ ପାଣି କମିଲେ ମରାମତି କରାଯିବ ବୋଲି ସେ କହିଛନ୍ତି । ରାଜ୍ୟରେ ବନ୍ୟା ପରିସ୍ଥିତି ମଧ୍ୟରେ ଆଜିଠୁ ୪ଦିନିଆ ଦିଲ୍ଲୀ ଗସ୍ତରେ ଯାଇଥିବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିଜ 'ଏକ୍ସ' ଜରିଆରେ ରାଜ୍ୟବାସୀଙ୍କୁ ଆଶ୍ୱାସନା ଦେଇ କହିଛନ୍ତି ଯେ, ରାଜ୍ୟର ପ୍ରତ୍ୟେକ ନାଗରିକଙ୍କ ଜୀବନ ଓ ସୁରକ୍ଷା ସରକାରଙ୍କ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ସେ ଓ ତାଙ୍କ ସରକାର ପ୍ରତିଟି ମୁହୂର୍ତ୍ତରେ ସିଧାସଳଖ ନଜର ରଖିଛନ୍ତି । ଆଗି ବିଚଳିତ କିମ୍ବା ଭୟଭୀତ ନହୋଇ ପ୍ରଶାସନର ସୂଚନାକୁ ପାଳନ କରିବାକୁ ସେ ନିବେଦନ କରିଛନ୍ତି । ବାଲେଶ୍ୱର, ଭଦ୍ରକ ଓ ଯାଜପୁରରେ ବନ୍ୟା ପରିଚାଳନା ପାଇଁ ୩ ଜଣ ବରିଷ୍ଠ ଆଇଏଏସ୍ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି, ଏସଆରସି କାର୍ଯ୍ୟାଳୟରେ ୨୪ଘଣ୍ଟିଆ କଂଟ୍ରୋଲ ରୁମ୍ ଖୋଲା ଯାଇଛି । ବନ୍ୟା ପ୍ରଭାବିତ ଅଂଚଳରେ ପୁଲିସ ପକ୍ଷରୁ ରାତ୍ରିକାଳୀନ ପାଟ୍ରୋଲିଂ କଡାକଡି କରାଯାଇଛି । କ୍ଷତିଗ୍ରସ୍ତ ବାସଗୃହ ଓ ଚାଷଜମି ପାଇଁ ତ୍ୱରିତ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି ।

## ଲୋକସଭାରେ ପ୍ରଶ୍ନପତ୍ର ଲିକ୍ ନିରୋଧ ବିଲ ପାସ୍

ନୂଆଦିଲ୍ଲୀ, ୨୯।୭(ମହାଭାରତ): ବିରୋଧୀଙ୍କ ହଙ୍ଗାମା ଓ ହଟ୍ଟଗୋଳ ମଧ୍ୟରେ ଲୋକସଭାରେ ପାରିତ ହୋଇଛି ପ୍ରଶ୍ନପତ୍ର ଲିକ ନିରୋଧ ବିଲ୍ । ବାଚନିକ ଭୋଟ ମାଧ୍ୟମରେ ଆଜି ଲୋକସଭାରେ ଦ ପବ୍ଲିକ ଏକ୍ସାମିନେସନ(ପ୍ରିଭେନସନ ଅଫ ଅନଫେୟାର ମିନ୍ସ) ସଂଶୋଧନ ବିଲ ୨୦୨୬ ଗୃହୀତ ହୋଇଛି ।



ବିଲ୍‌କୁ ନେଇ ଗତକାଲି ଠାରୁ ବିତର୍କ ଆରମ୍ଭ ହୋଇଥିଲା । ତେବେ ଆଜି ବିତର୍କ ବେଳେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ବୟାନକୁ ନେଇ ହଙ୍ଗାମା ଦେଖିବାକୁ ମିଳିଥିଲା । କକ୍ରୋଚ ଜନତା ପାର୍ଟି ବା ସିଜେପି ଆନ୍ଦୋଳନରେ ପୁଲିସ୍ ଗ୍ରହଣ କରିଥିବା କାର୍ଯ୍ୟାନୁଷ୍ଠାନ ପଛରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ହାତ ଥିବା ରାହୁଲ ଅଭିଯୋଗ କରିଥିଲେ । ଶିକ୍ଷାର୍ଥୀଙ୍କ ଉପରେ ଗୁଳି ଚଳାଇବାକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ରାହୁଲ କହିବା ପରେ ବିବାଦ ଦେଖିବାକୁ ମିଳିଥିଲା । ଏଥିପାଇଁ ଶାସକ ଦଳ ପକ୍ଷରୁ ରାହୁଲଙ୍କ କ୍ଷମା ଦାବି କରାଯାଇଥିଲା । ବାଚସ୍ପତି ଓମ ବିର୍ଲା ଗୃହକୁ ଦୁଇ ଥର ମୁଲତବୀ ମଧ୍ୟ କରିଥିଲେ । ତେବେ ଏହାପରେ ବାଚନିକ ଭୋଟ ମାଧ୍ୟମରେ ଆଣ୍ଟି ପେପର ଲିକ ବିଲ ଲୋକସଭାରେ ପାରିତ ହୋଇଛି । ଏବେ ଏହା ରାଜ୍ୟସଭାରେ ଅନୁମୋଦନ ପାଇଁ ଯିବ । ଏହି ବିଲ ଉପରେ ରାଜ୍ୟସଭାରେ ମଧ୍ୟ ଜୋରଦାର ବିତର୍କ ହେବାର ସମ୍ଭାବନା ରହିଛି ।

ନିଟ ପ୍ରଶ୍ନ ଲିକ୍‌କୁ ନେଇ ଦେଶବ୍ୟାପୀ ଆନ୍ଦୋଳନ ପରେ ସରକାର ଏହି ବିଲ ଆଣିଛନ୍ତି । ଏହି ବିଲ୍‌ରେ ପ୍ରତ୍ୟେକ ରାଜ୍ୟରେ ପ୍ରଶ୍ନପତ୍ର ଲିକ୍ ମାମଲାର ବିଚାର ପାଇଁ ଫାଷ୍ଟ-ଟ୍ରାକ୍ କୋର୍ଟ ଗଠନ କରିବାର ବ୍ୟବସ୍ଥା ରହିଛି । ସେହିପରି ତଦନ୍ତକୁ ଦୁଇ ମାସ ମଧ୍ୟରେ ଶେଷ କରିବା ବାଧ୍ୟତାମୂଳକ କରାଯାଇଛି ।ବିଲ୍‌ରେ ଦୋଷୀଙ୍କ ପାଇଁ ଦଣ୍ଡ ବ୍ୟବସ୍ଥାକୁ କଡ଼ା କରାଯାଇଛି । ପ୍ରଶ୍ନପତ୍ର ଲିକ୍‌ରେ ଦୋଷୀ ସାବ୍ୟସ୍ତ ବ୍ୟକ୍ତିଙ୍କୁ ୧୦ ବର୍ଷ ପର୍ଯ୍ୟନ୍ତ କାରାଦଣ୍ଡ ଓ ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜରିମାନା ହୋଇପାରିବ । ସଂଗଠିତ ପ୍ରଶ୍ନପତ୍ର ଲିକ୍ ଗ୍ୟାଙ୍ଗ ବିରୋଧରେ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଲାଗୁ କରିବାର ପ୍ରବଧାନ ବିଲରେ ରହିଛି ।

ଅନ୍ୟପକ୍ଷରେ ବିଲ୍‌କୁ ନେଇ ଆଲୋଚନା ବେଳେ ରାହୁଲ ଅଭିଯୋଗର ଜବାବ ମଧ୍ୟ ଲୋକସଭାରେ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ । ସେ ରାହୁଲଙ୍କ ଅଭିଯୋଗକୁ ଭିତ୍ତିହୀନ ବୋଲି କହିଛନ୍ତି । ସେ କହିଛନ୍ତି, ଆନ୍ଦୋଳନ ସମୟରେ କୌଣସି ଗୁଳି ଚାଲି ନଥିଲା ଓ ଗୁଳି ଚଳାଇ ବାକୁ କୌଣସି ନିର୍ଦ୍ଦେଶ ମଧ୍ୟ ଦିଆଯାଇନଥିଲା । ପୁଲିସ କେବଳ ଲୁହବୁହା ଗ୍ୟାସ ବ୍ୟବହାର କରିଥିଲା । ଗୁଳି ଚଳାଇବାର ଆଦେଶ କେବଳ ଜଣେ ମାଜିଷ୍ଟ୍ରେଟ୍ ଦେଇପାରନ୍ତି, ପୁଲିସ ନୁହେଁ । ତେଣୁ ବିରୋଧୀ ଦଳର ନେତା ନିୟମକୁ ଜାଣନ୍ତୁ ବୋଲି ସେ କହିଛନ୍ତି ।

### ବନ୍ଦେ ମାତରମ୍' ସୁରକ୍ଷା ସଂଶୋଧନ ବିଲ୍ ପାରିତ

ନୂଆଦିଲ୍ଲୀ, ୨୯।୭(ମହାଭାରତ):'ବନ୍ଦେ ମାତରମ୍'କୁ ମିଳିବ ଜାତୀୟ ସଙ୍ଗୀତ 'ଜନ ଗଣ ମନ' ଭଳି ଆଇନଗତ ସୁରକ୍ଷା ପ୍ରଦାନ କରିବା ଲକ୍ଷ୍ୟରେ ଆଗତ 'ପ୍ରିଭେନ୍ସନ ଅଫ୍ ଇନସଲ୍ଟ ଟୁ ନ୍ୟାସନାଲ୍ ଅନର୍ (ସଂଶୋଧନ) ବିଲ୍-୨୦୨୬' ବୁଧବାର ରାଜ୍ୟସଭାରେ ପାରିତ ହୋଇଛି ।ବିଲ୍ ପାସ୍ ହେବା ପରେ 'ବନ୍ଦେ ମାତରମ୍'ର ଅପମାନ କଲେ କଠୋର ଦଣ୍ଡବିଧାନର ବ୍ୟବସ୍ଥା ରହିବ । ବିଲ୍ ଉପରେ ଆଲୋଚନାର ଉତ୍ତର ଦେଇ ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଥିଲେ ଯେ,ଏହି ସଂଶୋଧନ କେବଳ ଏକ ଆଇନଗତ ପରିବର୍ତ୍ତନ ନୁହେଁ, ବରଂ ଦେଶର ସାଂସ୍କୃତିକ ଐତିହ୍ୟ, ସ୍ୱାଧୀନତା ସଂଗ୍ରାମର ଆଦର୍ଶ ଓ ଜାତୀୟ ସମ୍ମାନ ପ୍ରତି ଭାରତର ପ୍ରତିବଦ୍ଧତାର ପ୍ରତୀକ । ସେ କହିଥିଲେ, ନୂତନ ବ୍ୟବସ୍ଥା ଅନୁଯାୟୀ 'ବନ୍ଦେ ମାତରମ୍'କୁ ଜାଣିଶୁଣି ଅପମାନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ସର୍ବାଧିକ ତିନି ବର୍ଷର କାରାଦଣ୍ଡ, ଜରିମାନା କିମ୍ବା ଉଭୟ ଦଣ୍ଡର ବ୍ୟବସ୍ଥା ରହିବ ।ବିଲ୍ ଉପରେ ଆଲୋଚନା ଆରମ୍ଭ କରି ବିଜେପି ସାଂସଦ ଡା. ରାଧା ମୋହନ ଦାସ ଅଗ୍ରୱାଲ କହିଥିଲେ ଯେ, ସ୍ୱାଧୀନତା ସଂଗ୍ରାମ ସମୟରେ 'ବନ୍ଦେ ମାତରମ୍' ଲକ୍ଷ ଲକ୍ଷ ସ୍ୱାଧୀନତା ସଂଗ୍ରାମୀଙ୍କ ପାଇଁ ପ୍ରେରଣାର ଉତ୍ସ ଥିଲା । ୱାଇଏସଆରସିପି ସାଂସଦ ଗୋଲ୍ଲା ବାବୁରାଓ ମଧ୍ୟ ବିଲ୍‌କୁ ସମର୍ଥନ କରି କହିଥିଲେ ଯେ, 'ବନ୍ଦେ ମାତରମ୍' କେବଳ ଏକ ଗୀତ ନୁହେଁ, ଏହା ଭାରତର ଦେଶଭକ୍ତି ଓ ଜାତୀୟ ଚେତନାର ଅମର ପ୍ରତୀକ ।ଆଲୋଚନାରେ ବିଭିନ୍ନ ଦଳର ସାଂସଦମାନେ ଅଂଶଗ୍ରହଣ କରି ନିଜ ମତ ଉପସ୍ଥାପନ କରିଥିଲେ । ଆଲୋଚନା ଶେଷରେ ବିଲ୍‌ଟିକୁ ରାଜ୍ୟସଭାର ମଞ୍ଜୁରି ମିଳିଥିଲା । ବିଲ୍‌ଟି ଆଇନରେ ପରିଣତ ହେବା ପାଇଁ ପରବର୍ତ୍ତୀ ସାମ୍ବିଧାନିକ ପ୍ରକ୍ରିୟା ଅନୁସରଣ କରାଯିବ ।

### ଭଦ୍ରକ ଓ ନବରଙ୍ଗପୁର ଜିଲ୍ଲାରେ ସ୍କୁଲ ଛୁଟି

ଭୁବନେଶ୍ୱର, ୨୯।୭(ମହାଭାରତ): ବର୍ଷା ପାଇଁ ଭଦ୍ରକ ଓ ନବରଙ୍ଗପୁର ଭଳି କଳାହାଣ୍ଡି ଜିଲ୍ଲାରେ ଆସନ୍ତାକାଲି ସମସ୍ତ ସ୍କୁଲ ଓ ଅଙ୍ଗନବାଡି କେନ୍ଦ୍ର ବନ୍ଦ ରହିବ । ଏନେଇ ଆଜି କଳାହାଣ୍ଡି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲାପାଳ ତାଙ୍କ ନିର୍ଦ୍ଦେଶରେ ଉଲ୍ଲେଖ କରିଛନ୍ତି ଯେ କ୍ରମାଗତ ପ୍ରବଳ ବର୍ଷା ଓ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଆସନ୍ତାକାଲି (ଜୁଲାଇ ୩୦, ୨୦୨୬) ଜିଲ୍ଲାର ସମସ୍ତ ସରକାରୀ, ସରକାରୀ ଅନୁଦାନ ପ୍ରାପ୍ତ ଓ ଘରୋଇ ଶିକ୍ଷାନୁଷ୍ଠାନଗୁଡିକୁ ବନ୍ଦ ରଖାଯିବ । ତା' ସହିତ ଅଙ୍ଗନବାଡି କେନ୍ଦ୍ରଗୁଡିକ ବନ୍ଦ ରହିବ । ତେବେ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ରହିବେ ଓ ସ୍କୁଲର ବକେୟା କାର୍ଯ୍ୟ ଶେଷ କରିବେ । ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁସାରେ ଜିଲ୍ଲାର ସମସ୍ତ ପ୍ରାଥମିକ, ମାଧ୍ୟମିକ, ଉଚ୍ଚ ମାଧ୍ୟମିକ ସ୍କୁଲ (ସରକାରୀ/ବେସରକାରୀ/ସରକାରୀ ଅନୁଦାନ ପ୍ରାପ୍ତ) ସହିତ ଓଡିଶା ଆଦର୍ଶ ବିଦ୍ୟାଳୟ, କେନ୍ଦ୍ରୀୟ ବିଦ୍ୟାଳୟ ଓ ଜବାହାର ନବଦୋୟ ବିଦ୍ୟାଳୟଗୁଡିକ ଆସନ୍ତାକାଲି ଛୁଟି ରହିବ ।

### ଭୂକମ୍ପରେ ଥରିଲା ଜାପାନ: ୧୮ ମୃତ

କୁମାମୋତୋ (ଜାପାନ) ୨୯।୭(ମହାଭାରତ):: ଶକ୍ତିଶାଳୀ ଭୂକମ୍ପରେ ଥରି ଉଠିଛି ଦକ୍ଷିଣ-ପଶ୍ଚିମ ଜାପାନ । ୭.୧ ତୀବ୍ରତାର ଏହି ଭୂକମ୍ପ ପରେ କୁମାମୋତୋ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଏଯାଏଁ ଅତି କମ୍‌ରେ ୧୮ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୬୨ ଜଣ ଆହତ ହୋଇଛନ୍ତି । ଧ୍ୱଂସାବଶେଷ ତଳେ ଫସିଥିବା ଲୋକଙ୍କୁ ଖୋଜିବା ପାଇଁ ଉଦ୍ଧାରକାରୀ ଦଳ ଅଭିଯାନ ଜାରି ରଖିଛି ।ଜାପାନ ମେଟେରୋଲୋଜିକାଲ ଏଜେନ୍ସି ଅନୁସାରେ, ଜୁଲାଇ ୨୮ ତାରିଖ ଅପରାହ୍ନ ପ୍ରାୟ ୪ଟା ୨୭ ମିନିଟ୍‌ରେ କୁମାମୋତୋ ଅଞ୍ଚଳରେ ଏହି ଭୂକମ୍ପ ହୋଇଥିଲା । ଭୂକମ୍ପ ପରେ ପ୍ରଥମେ ସୁନାମି ସତର୍କତା ଜାରି କରାଯାଇଥିଲା, ପରେ ତାହା ହଟାଇ ଦିଆଯାଇଥିଲା । ସବୁଠାରୁ ଅଧିକ କ୍ଷତି କୁମାମୋତୋ ପ୍ରଦେଶର କାଶିମା ସହରର ଏଓନ୍ ମଲ୍‌ରେ ହୋଇଛି ।

### ୮ ନକ୍ସଲଙ୍କ ଆତ୍ମସମର୍ପଣ

ମାଲକାନଗିରି ,୨୯।୭(ମହାଭାରତ):: ସୀମାନ୍ତ ଛତିଶଗଡର ବିଜାପୁର ପୁଲିସ ନିକଟରେ ୮ ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି । ସମସ୍ତ ୮ ଜଣ ନକ୍ସଲ ଝାଡଖଣ୍ଡ ରାଜ୍ୟରେ ସକ୍ରିୟ ଥିଲେ । ଏମାନଙ୍କ ମଧ୍ୟରେ ୫ ଜଣ ମହିଳା ନକ୍ସଲ ରହିଥିବା ବେଳେ ୩ ଜଣ ପୁରୁଷ ନକ୍ସଲ ରହିଛନ୍ତି । ବିଜାପୁର ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଏସପି, ସିଆରପିଏଫ କମାଣ୍ଡାଣ୍ଟଙ୍କ ସମ୍ମୁଖରେ ଏହି ନକ୍ସଲମାନେ ଆତ୍ମସମର୍ପଣ କରିଛନ୍ତି । ଏମାନଙ୍କ ମୁଣ୍ଡରେ ୪୯ ଲକ୍ଷ ଟଂକା ପୁରସ୍କାର ରହିଥିଲା । ଏମାନେ ହେଲେ ଡିଭିସିଏମ ଅଶ୍ୱିନୀ ଓରଫ ଲଚ୍ଛୁ,ରଙ୍ଗା ଓର୍ଫ ମୋହନ, ଦେବା ମାଡବୀ ଓରଫ ରାହତ, ଏରିଆ କମିଟି ସଦସ୍ୟ ଫଗନୀ ପୋୟାମ ଓରଫ ରଜନୀ, ସୁରଜ ମୁନ୍ନୀ ଚମ୍ପିୟା ଓରଫ ସୁବନୀ, ହିଡମେ କଡତି ଓରଫ ରୀତା, ବୁଦ୍ରୀ କୁଞ୍ଜାମ ଓରଫ ଅନୁଷା ଏବଂ ସଲମୀ ଚମ୍ପିୟା ଓରଫ ଜିଲାନୀ । ଗତ ଦୁଇ ଦିନ ତଳେ ଝାରଖଣ୍ଡରେ ରହି ସଂଗଠନ ପରିଚାଳନା କରୁଥିବା କେନ୍ଦ୍ରୀୟ କମିଟି ମେମ୍ବର ମିଶିର ବେସରାକୁ ପୁଲିସ ଗିରଫ କରିଥିଲା ।

## ସଂସଦକୁ ଅଚଳ କଲା ରାହୁଲ ଗାନ୍ଧୀଙ୍କ ବୟାନ

ନୂଆଦିଲ୍ଲୀ, ୨୯।୭(ମହାଭାରତ): ଲୋକସଭାକୁ ଅଚଳ କଲା ବିରୋଧୀ ଦଳ ନେତା ରାହୁଲ ଗାନ୍ଧିଙ୍କ ବୟାନ । ପ୍ରଶ୍ନପତ୍ର ଲିକ୍‌କୁ ରୋକିବା ପାଇଁ ଆସିଥିବା ବିଲ୍ ଉପରେ ବିତର୍କ ବେଳେ ରାହୁଲ ଗାନ୍ଧିଙ୍କ ବୟାନକୁ ନେଇ ଜୋରଦାର ହଙ୍ଗାମା ।

ଆଜି ଲୋକସଭାରେ ବିଲ ଉପରେ ମତ ରଖିବା ବେଳେ ରାହୁଲ ଗାନ୍ଧି ଦେଶର ବିଭିନ୍ନ ରାଜ୍ୟରେ ଆନ୍ଦୋଳନ କରିଥିବା ଶିକ୍ଷାର୍ଥୀଙ୍କ ପ୍ରସଙ୍ଗ ଉଠାଇଥିଲେ । ବିଶେଷ କରି ଛାତ୍ର ଆନ୍ଦୋଳନ ବେଳେ ପୁଲିସ୍ ନେଇଥିବା କାର୍ଯ୍ୟାନୁଷ୍ଠାନକୁ ସେ ମୁଖ୍ୟ ପ୍ରସଙ୍ଗ କରିଥିଲେ ।

ଏହି ସମୟରେ ଲୋକସଭାରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ନଥିବାରୁ ରାହୁଲ ପ୍ରଶ୍ନ ଉଠାଇଥିଲେ । ଏଥିସହ ଦିଲ୍ଲୀରେ ପୁଲିସ୍‌କୁ ଆନ୍ଦୋଳନ କରୁଥିବା ଶିକ୍ଷାର୍ଥୀଙ୍କ ଉପରେ ଗୁଳି ଚଳାଇବାକୁ ସ୍ୱରାଷ୍ଟ୍ର ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବା ରାହୁଲ ଅଭିଯୋଗ କରିଛନ୍ତି ।

ବାସ୍, ରାହୁଲଙ୍କ ଏପରି ଅଭିଯୋଗକୁ ନେଇ ଲୋକସଭାରେ ହୋଇଛି ପ୍ରବଳ ହଙ୍ଗାମା । ଏହି ବୟାନକୁ ସଂସଦୀୟ ବ୍ୟାପାର ମନ୍ତ୍ରୀ କରିଣ ରିଜିଜୁଙ୍କ ସମେତ ଏନଡିଏ ସାଂସଦମାନେ ଜୋରଦାର ବିରୋଧ କରିଥିଲେ । ସେମାନେ ରାହୁଲ ଗାନ୍ଧିଙ୍କ କ୍ଷମା ଦାବି କରି ନାରାବାଜୀ କରିଥିଲେ । ଏଥିପାଇଁ ଗୃହକୁ ମଧ୍ୟ ବାରମ୍ବାର ମୁଲତବୀ କରାଯାଇଛି ।

ଆଣ୍ଟି-ପେପର ଲିକ୍ ବିଲ୍ ଉପରେ ଲୋକସଭାରେ ଆଲୋଚନାରେ ଭାଗ ନେଇ ବିରୋଧୀ ଦଳନେତା ରାହୁଲ ଗାନ୍ଧି ଅଭିଯୋଗ କରିଥିଲେ ଯେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଛାତ୍ର ଆନ୍ଦୋଳନ ଉପରେ ପୁଲିସ କାର୍ଯ୍ୟାନୁଷ୍ଠାନ ପାଇଁ ଦାୟୀ ।

ସେ କହିଛନ୍ତି, "ମୁଁ ଆଜି ବହୁତ ଖୁସି । କାରଣ ଏହି ଦେଶର କଥିତ ଗୃହମନ୍ତ୍ରୀଙ୍କର ଏଠାକୁ ଆସି ବସିବାର ସାହସ ନାହିଁ । ମୁଁ ତାଙ୍କର କନଭୟ ଦେଖିଲି ଓ ଗୃହମନ୍ତ୍ରୀଙ୍କୁ ଗାଡ଼ି ଭିତରେ ବସି ଭୟଭୀତ



ଅବସ୍ଥାରେ ଚାରିଆଡ଼ ଦେଖୁଥିଲେ । ଗୃହମନ୍ତ୍ରୀ ଆଜି ଏଠାରେ କାହିଁକି ନାହାନ୍ତି କାରଣ ସେ ଭୟଭୀତ । ଗୃହମନ୍ତ୍ରୀ ଭୟଭୀତ । ସେ ଆମ ଛାତ୍ରଛାତ୍ରୀଙ୍କ ଉପରେ ଗୁଳି ଚଳାଇବାକୁ ଅନୁମତି ଦେଇଥିଲେ ।

ସେ ଆମ ଛାତ୍ରଛାତ୍ରୀଙ୍କ ଶରୀରରେ ପେଲେଟ୍ ପ୍ରବେଶ କରାଇଥିଲେ । ସେ ଭାରତର ଛାତ୍ରଛାତ୍ରୀଙ୍କ ଉପରେ ଗୁଳି ଚଳାଇବାକୁ ଆଦେଶ ଦେଇଥିଲେ । ବଳ ପ୍ରୟୋଗ ପାଇଁ କେବଳ ଗୃହମନ୍ତ୍ରୀ କିମ୍ବା ପ୍ରଧାନମନ୍ତ୍ରୀ ଅନୁମତି ଦେଇପାରିବେ ।" ରାହୁଲ ଗାନ୍ଧି ଏହି ଅଭିଯୋଗକୁ ଶାସକ ଦଳର ସାଂସଦମାନେ ତୀବ୍ର ବିରୋଧ କରିଛନ୍ତି । ସଂସଦୀୟ ବ୍ୟାପାର ମନ୍ତ୍ରୀ ରିଜିଜୁ ସିଧା ରାହୁଲଙ୍କୁ ନିଜ ଅଭିଯୋଗର ପ୍ରମାଣ ଦେବାକୁ ଦାବି କରିଥିଲେ । ବିଜେପି ଓ ଏନଡିଏ ସଦସ୍ୟମାନେ ଗୃହମନ୍ତ୍ରୀଙ୍କ ବିରୋଧରେ ଭିତ୍ତିହୀନ ଅଭିଯୋଗ କରାଯାଇଥିବା ଦାବି କରି ସ୍ଲୋଗାନ ଦେଇଥିଲେ । ଏଥିଯୋଗୁ ଗୃହ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା । ଏନଡିଏ ସାଂସଦମାନେ ରାହୁଲ ଗାନ୍ଧିଙ୍କୁ ନିଜ ବୟାନ ପାଇଁ କ୍ଷମା ମାଗିବା ସହ ଅଭିଯୋଗର ପ୍ରମାଣ ଦେବାକୁ ଦାବି କରିଛନ୍ତି । ଲୋକସଭା ବାଚସ୍ପତି ଓମ ବିର୍ଲା ମଧ୍ୟ ଏଥିରେ ହସ୍ତକ୍ଷେପ କରି କହିଥିଲେ ଯେ, ପ୍ରମାଣ ବିନା ଗୃହରେ କୌଣସି ଗୁରୁତର ଅଭିଯୋଗ କରାଯାଇପାରିବ ନାହିଁ ।କରିଣ ରିଜିଜୁ କହିଛନ୍ତି, "ଆପଣ ଏଭଳି କିପରି କହିପାରିବେ ବିରୋଧୀ ଦଳ ନେତାଙ୍କୁ ମିଳିଥିବା ବିଶେଷାଧିକାରର ଏହା ଉଲ୍ଲଂଘନ । କେଉଁ ଆଧାରରେ ଆପଣ କହୁଛନ୍ତି ଯେ ଗୃହମନ୍ତ୍ରୀ ଗୁଳି ଚଳାଇବାକୁ ଆଦେଶ ଦେଇଥିଲେ ଏହା ସମ୍ପୂର୍ଣ୍ଣ ଆଧାରହୀନ ଅଭିଯୋଗ । ଆପଣଙ୍କ ପାଖରେ କୌଣସି ନିର୍ଦ୍ଦେଶ କପି ରହିଛି" ଜୁଲାଇ ୨୦ରେ ସିଜେପି ପକ୍ଷରୁ ସଂସଦ ଚାଲୋ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ହଜାର ହଜାର ଶିକ୍ଷାର୍ଥୀ ସଂସଦ ଅଭିମୁଖେ ଯିବାକୁ ଚେଷ୍ଟା କରିବାବେଳେ ସୁରକ୍ଷାକର୍ମୀଙ୍କ ସହ ସେମାନଙ୍କର ସଂଘର୍ଷ ହୋଇଥିଲା । ପୁଲିସ ଭିଡ଼ ନିୟନ୍ତ୍ରଣ ପାଇଁ ପେଲେଟ୍ ଗନ୍, ଲାଠିଚାର୍ଜ, ଲୁହବୁହା ଗ୍ୟାସ ସେଲ୍ ସହ ଅନ୍ୟାନ୍ୟ ପଦକ୍ଷେପ ନେଇଥିଲା । ଏଥିରେ ଅନେକ ଛାତ୍ରଛାତ୍ରୀ ଆହତ ହୋଇଥିଲେ । ଏବେ ଏହାକୁ ନେଇ ସଂସଦରେ ହଙ୍ଗାମା ଦେଖିବାକୁ ମିଳିଛି ।

### ମନମୋହନ ସିଂଙ୍କୁ କ୍ଲିନଚିଟ୍

ନୂଆଦିଲ୍ଲୀ, ୨୯।୭: ଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କୁ ବୁଧବାର ସୁପ୍ରିମକୋର୍ଟଙ୍କ ମରଣୋତ୍ତର ଆଶ୍ୱସ୍ତି ଦେଇଛନ୍ତି । ଓଡିଶାର ଝାରସୁଗୁଡା ତଲବିରା -୨ କୋଇଲା ଆବଣ୍ଟନ ମାମଲାରେ ସିବିଆଇର କ୍ଲୋଜର ରିପୋର୍ଟକୁ ସୁପ୍ରିମକୋର୍ଟ ଆଜି ଗ୍ରହଣ କରିଛନ୍ତି । ସିବିଆଇର କ୍ଲୋଜର ରିପୋର୍ଟକୁ ଅନୁମୋଦନ କରି ସୁପ୍ରିମକୋର୍ଟ ଶ୍ରୀ ସିଂହଙ୍କୁ କୋଇଲା ଆବଣ୍ଟନର ତଥାକଥିତ ଦୁର୍ନୀତି ମାମଲାରେ କ୍ଲିନଚିଟ ଦେଇଛନ୍ତି । କୋଇଲା ଖଣି ଆବଣ୍ଟନ ମାମଲାରେ ଶ୍ରୀ ସିଂହଙ୍କ ବିରୋଧରେ ଅପରାଧିକ ଦୁର୍ନୀତି ମାମଲା ରୁଜୁ କରିବାକୁ କୌଣସି ଉପଯୁକ୍ତ ପ୍ରମାଣ ନଥିବା ମଧ୍ୟ ସର୍ବୋଚ୍ଚ ଅଦାଲତ କହିଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚି ଓ ଜଷ୍ଟିସ ଭି ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ଯେ ଏହି ମାମଲାରେ କୌଣସି ଅପରାଧିକ ମନୋଭାବ ବା ଦୁର୍ନୀତିର ପ୍ରମାଣ ମିଳିନାହିଁ ।ଖଣ୍ଡପୀଠ ଆହୁରି କହିଛନ୍ତି ଯେ ଆବେଦନକାରୀଙ୍କ ମୃତ୍ୟୁ ହୋଇଥିବାରୁ ସୁପ୍ରିମକୋର୍ଟ ସାଧାରଣ ଭାବେ ମାମଲାରୁ ବନ୍ଦ କରିଦେଇ ପାରିଥାଆନ୍ତେ । କିନ୍ତୁ ଖଣ୍ଡପୀଠ ଟ୍ରାଏଲ କୋର୍ଟରେ ସିବିଆଇ ଦାଖଲ କରିଥିବା କ୍ଲୋଜର ରିପୋର୍ଟକୁ ଭଲ ଭାବେ ଅନୁଧ୍ୟାନ କରିଥିଲେ ।

## ବେସନ ବର୍ଫି

ସାମଗ୍ରୀ: ୧୯୦ ମିଲି ଗ୍ରାମ୍ ଘିଅ, ୨୦୦ ଗ୍ରାମ୍ ବେସନ, ୮୦ ଗ୍ରାମ ସୁଜି, ୧୫୦ ଗ୍ରାମ୍ ଗୁଣ୍ଡ ଚିନି, ଅଧ ଚାମଚ ଗୁଜୁରାତି ଗୁଣ୍ଡ, ବାଦାମ ଓ ପେସ୍ତା।

ପ୍ରଣାଳୀ: ପ୍ରଥମେ ଏକ କଡ଼େଇରେ ଘିଅ ପକାଇ ଧିମା ଆଞ୍ଚରେ ଗରମ କରନ୍ତୁ। ଏଥିରେ ବେସନ ଏବଂ ସୁଜି ପକାଇ କିଛି ସମୟ ଭାଜନ୍ତୁ। ୧୦-୧୫ ମିନିଟ୍ ଭାଜିବା ପରେ ଏହାର ରଙ୍ଗ ବଦଳି ବାସ୍ନା ଆସିଲେ ଏଥିରେ ଚିନି ଓ ଗୁଜୁରାତି ଗୁଣ୍ଡ ପକାଇ ମିଶାନ୍ତୁ। ଏହା ପରେ ବେସନ ମିଶ୍ରଣକୁ ଏକ ପ୍ଲେଟ୍‌କୁ ବାହାର କରି ସମତଳ ଭାବେ ରଖନ୍ତୁ। ଏହା ଉପରେ ପେସ୍ତା ଓ ବାଦାମ ଦେଇ ସଜାନ୍ତୁ। ଏବେ ଏହାକୁ ଦୁଇ ଘଣ୍ଟା ପର୍ଯ୍ୟନ୍ତ ଫ୍ରିଜ୍‌ରେ ରଖନ୍ତୁ। ଥଣ୍ଡା ହୋଇଗଲା ପରେ ଖଣ୍ଡ ଖଣ୍ଡ କରି କାଟି ଖାଆନ୍ତୁ ଓ ଖୁଆନ୍ତୁ।



## ଖବର

# କାହାନୀ-୩'ରେ ନାହାନ୍ତି ବିଦ୍ୟା



ପ୍ରାୟ ୧୦ ବର୍ଷ ପରେ, ବଲିଉଡର ଲୋକପ୍ରିୟଥ୍ରିଲର ଫ୍ରାଞ୍ଚାଇଜ୍ କାହାନୀ ଏହାର ଦ୍ୱିତୀୟ ସିକ୍ୱେଲ୍ ନିର୍ମାଣ ହେବାକୁ ଯାଉଛି। ସୂତ୍ର ଅନୁଯାୟୀ, 'କାହାନୀ-୩'ରେ ନାହାନ୍ତି ପ୍ରଖ୍ୟାତ ବଲିଉଡ ନାୟିକା ବିଦ୍ୟା ବାଲାନ୍। ଏବେ ଚର୍ଚ୍ଚା ଯେ ତାଙ୍କ ସ୍ଥାନରେ ନଜର ଆସିବେ ରାଷ୍ଟ୍ରୀୟ ପୁରସ୍କାର ବିଜୟିନୀ ଜଣେ ଅଭିନେତ୍ରୀ। ତେବେ ସୁଜୟ ଘୋଷ ପୁଣି ଥରେ ଏହାର ନିର୍ଦ୍ଦେଶନା ଦେବେ। ଫିଲ୍ମଟି ବର୍ତ୍ତମାନ ପ୍ରି-ପ୍ରଡକ୍ସନରେ ଅଛି, ଏବଂ ନିର୍ମାତା ସୁଟିଂ ସିଡ୍ୟୁଲକୁ ଚୂଡ଼ାନ୍ତ କରୁଛନ୍ତି। ଏବେ ଆପଣ ଜାଣିବାକୁ ଉତ୍ସୁକ ଥିବେ କିଏ ସେହି ଅଭିନେତ୍ରୀ? ହଁ ସେ ହେଲେ 'ଆର୍ଟିକଲ-୩୭୦' ପାଇଁ ରାଷ୍ଟ୍ରୀୟ ପୁରସ୍କାର ଲାଗି ମନୋନୀତ ୟାମୀ ଗୌତମ। ସେ ଏଥିରେ ମୁଖ୍ୟ ଭୂମିକାରେ ଅଭିନୟ କରିବେ। କୁହାଯାଉଛି ଯେ ବିଦ୍ୟା ବାଲାନଙ୍କ ଚରିତ୍ରକୁ ଜାରି ରଖିବା ପରିବର୍ତ୍ତେ, ଏଥର ଏଥିରେ ଏକ ସମ୍ପୂର୍ଣ୍ଣ ନୂତନ କାହାଣୀ ପ୍ରଦର୍ଶିତ ହେବ। ତଥାପି, ଫିଲ୍ମର ପୃଷ୍ଠଭୂମି ଏବଂ କାହାନୀ ଫ୍ରାଞ୍ଚାଇଜର ସସପେନ୍ସଫୁଲ୍ ଦୁନିଆ ଅକ୍ଷୁର୍ଣ୍ଣ ରହିବ। ନିର୍ମାତାମାନେ ଫ୍ରାଞ୍ଚାଇଜର ପରିଚୟ ବଜାୟ ରଖି ଦର୍ଶକଙ୍କୁ ଏକ ନୂତନ ସ୍ୱାଦ ଦେବାକୁ ଲକ୍ଷ୍ୟ ରଖିଛନ୍ତି।ସୂତ୍ର ଅନୁଯାୟୀ, ଫିଲ୍ମରେ ୟାମିଙ୍କ ଚରିତ୍ରଟି ଶକ୍ତିଶାଳୀ ଏବଂ ବହୁସ୍ତରୀୟ ହେବ। କାହାଣୀଟି ତାଙ୍କ ଚାରିପାଖରେ ଗତିଶୀଳ ହେଉଛି, ଯେଉଁଥିରେ ରହସ୍ୟ, ଭାବପ୍ରବଣତା, ଦ୍ୱ ଏବଂ ଅନେକ ଅପ୍ରତ୍ୟାଶିତ ମୋଡ଼ ରହିଛି। ଫିଲ୍ମଟି ଶୀଘ୍ର ଫ୍ଲୋର୍‌କୁ ଯିବ। ଜାତୀୟ ପୁରସ୍କାର ଜିତିବା ପରେ, ଏହାକୁ ୟାମିଙ୍କ କ୍ୟାରିଅରରେ ଏକ ଗୁରୁତ୍ୱପୂର୍ଣ୍ଣ ଫିଲ୍ମ ଭାବରେ ବିବେଚନା କରାଯାଉଛି। 'ଆର୍ଟିକିଲ୍ ୩୭୦'ରେ ତାଙ୍କର ବଳିଷ୍ଠ ଅଭିନୟ ପରେ, ସେ ଏବେ ଆଉ ଏକ ମହିଳା-ପ୍ରଧାନ ଥ୍ରିଲରରେ କାମ କରିବାକୁ ଯାଉଛନ୍ତି। ଯଦିଓ ଫିଲ୍ମଟି ଏପର୍ଯ୍ୟନ୍ତ ଆନୁଷ୍ଠାନିକ ଭାବରେ ଘୋଷଣା କରାଯାଇ ନାହିଁ, ୟାମି ଏବଂ ସୁଜୟ ଘୋଷଙ୍କ ସମ୍ଭାବ୍ୟ ଯୋଡ଼ି ନିଶ୍ଚିତ ଭାବରେ ଦର୍ଶକଙ୍କ କୌତୂହଳକୁ ବୃଦ୍ଧି କରିଛି।ସୁଜୟ ଏବଂ ତାଙ୍କ ଟିମ୍ ଫ୍ରାଞ୍ଚାଇଜର ମୂଳ କଥା ଏବଂ ସସପେନ୍ସକୁ ବଜାୟ ରଖି ନୂତନ ଫିଲ୍ମଟି ସଠିକ ହେବା ଉପରେ ବିଶେଷ ଧ୍ୟାନ ଦେଉଛନ୍ତି।

## ଦେବାଦେବୀଙ୍କ ବାହନ



ଦେବୀ-ଦେବତାଙ୍କ ସହ ଜଡ଼ିତ କାହାଣୀ ଓ ଚିତ୍ରରେ ତାଙ୍କ ସହ କୌଣସି ପକ୍ଷୀ କିମ୍ବା ପଶୁଙ୍କୁ ତାଙ୍କର ବାହନ ଭାବେ ଦେଖିଥିବେ । ଦେବାଦେବୀଙ୍କ ଏହି ବାହନ ମାନେ ସର୍ବଦା ତାଙ୍କ ନିକଟରେ ଥାଆନ୍ତି । ତେବେ ଆସନ୍ତୁ ଜାଣିବା କେଉଁ ଦେବାଦେବୀଙ୍କର କେଉଁ ବାହାନ ଅଛନ୍ତି । ଏହି ବାହନମାନେ ଦେଖିବାକୁ ବହୁତ୍ ସାମାନ୍ୟ ଅଟନ୍ତି କିନ୍ତୁ ଦେବାଦେବୀମାନେ କାହିଁକୁ ସେମାନଙ୍କୁ ନିଜର ବାହନ ଭାବେ ବ୍ୟବହାର କରୁଛନ୍ତି । ଆସନ୍ତୁ ଜାଣିବା ଏ ସଂପର୍କିତ କିଛି ପୌରାଣିକ କଥା । ବୃଷଭ ନନ୍ଦୀ ଭଗବାନ ଶିବଙ୍କ ବାହନ। ବୃଷଭ ଅତ୍ୟନ୍ତ ଶକ୍ତିଶାଳୀ ହେଲେ ମଧ୍ୟ ଶାନ୍ତ ରହିଥାନ୍ତି । ହିନ୍ଦୁ ଧର୍ମର ଚାରିତ୍ରିକ କ୍ଷମା, ଦୟା, ଦାନ ଏବଂ ତପ ବୃଷଭ ନନ୍ଦୀଙ୍କର ଚାରିଗୋଡ଼ରେ ରହିଛି । ପୁରାଣ କଥା ଅନୁସାରେ ଭଗବାନ କାର୍ତ୍ତିକେୟଙ୍କ ତପସ୍ୟା ଓ ସାଧନ କ୍ଷମତାରେ ପ୍ରସନ୍ନ ହୋଇ ସ୍ୱୟଂ ଭଗବାନ ବିଷ୍ଣୁ କାର୍ତ୍ତିକେୟଙ୍କୁ ମୟୂର ବାହନ ଭେଟି ଦେଇଥିଲେ ଏବଂ କାର୍ତ୍ତିକେୟ ମୟୂର ବାହାନକୁ ଗ୍ରହଣ କଲେ କାରଣ ମୟୂର ପରି କାର୍ତ୍ତିକେୟଙ୍କ ମନ ଅତ୍ୟନ୍ତ ଚଞ୍ଚଳ। ଦୁର୍ଗାଙ୍କୁ ଶକ୍ତି କୁହାଯାଏ ଏବଂ ସିଂହ ହେଉଛି ଶକ୍ତିଶାଳୀ ଓ ପରାକ୍ରମୀ ଓ କ୍ରୋଧର ପ୍ରତୀକ । ସେଥିପାଇଁ ମା' ଦୁର୍ଗା ସିଂହକୁ ନିଜର ବାହନ ଭାବେ ଗ୍ରହଣ କଲେ। ବିଦ୍ୟାଦାତ୍ରୀ ସରସ୍ୱତୀଙ୍କୁ ପବିତ୍ରତାର ପ୍ରତୀକ ଭାବେ ସ୍ୱୀକାର କରାଯାଏ । ହଂସକୁ ବାହନ ରୂପେ ଗ୍ରହଣ କରି ମା' ସରସ୍ୱତୀ ଦର୍ଶାଇଛନ୍ତି ଯେ, ଜ୍ଞାନ ଜରିଆରେ ଜିଜ୍ଞାସାକୁ ଶାନ୍ତ କରାଯାଇ ପାରେ । ଭଗବତ୍ ଗୀତାରେ ଏହାର ଉଲ୍ଲେଖ ରହିଛି ଯେ,ଭଗବାନ ବିଷ୍ଣୁଙ୍କ ଭିତରେ ସମସ୍ତ ସୃଷ୍ଟି ନିବାସ କରିଛି । ସେହିପରି ଗରୁଡ଼ ଦେବ ମଧ୍ୟ ଦିବ୍ୟ ଶକ୍ତିର ଅଧିକାରୀ ଅଟନ୍ତି । ଲକ୍ଷ୍ମୀଙ୍କ ବାହାନ ଅଟେ ପେଚା ।

# ହନୁମାନଙ୍କୁ ଶନିଦେବଙ୍କ ଆଶୀର୍ବାଦ



କୁହାଯାଏ ଯେ, ରାମଭକ୍ତ ହନୁମାନ ଧରାପୃଷ୍ଠରେ ବିଚରଣ କରନ୍ତି । ଭଗବାନ ହନୁମାନ ହେଉଛନ୍ତି କଳିଯୁଗରେ ଏକମାତ୍ର ଜୀବିତ ଦେବତା । ଭଗବାନ ହନୁମାନ ବହୁତ୍ ଶୀଘ୍ର ଭକ୍ତଙ୍କ ଉପରେ ପ୍ରସନ୍ନ ହୋଇଯାଆନ୍ତି । ଯେଉଁ ଭକ୍ତ ସ୍ୱଚ୍ଛ ମନରେ ହନୁମାନଙ୍କ ପୂଜାର୍ଚ୍ଚନା କରିବା ସହ ସ୍ମରଣ କରେ, ଯଥାଶୀଘ୍ର ସେହି ବ୍ୟକ୍ତିର ମନୋସ୍କାମନା ପୂରଣ ହୋଇଥାଏ । ଏହା ସହ ସଂକଟ ମୋଚନଙ୍କ ନାମ ଜପ କରିବା ଦ୍ୱାରା ସବୁ ସଂକଟ ଦୂର ହୋଇଥାଏ । ଖରାପ ସମୟରେ ହନୁମାନଙ୍କ ନାମ ଜପ କରିବା ଦ୍ୱାରା ସବୁ ସମସ୍ୟା ଦୂର ହୋଇଥାଏ । ଯେଉଁ ଭକ୍ତ ନିୟମିତ ହନୁମାନ ଚାଳିଶା ପାଠ କରେ ତା ଉପରେ ହନୁମାନଙ୍କ କୃପା ସର୍ବଦା ରହିଥାଏ । ପ୍ରତିଦିନ ହନୁମାନ ଚାଳିଶା ପାଠ କରିବା ଓ ଶୁଣିବା ଦ୍ୱାରା ବୁଦ୍ଧି ଓ ବିଦ୍ୟା ଜାଗ୍ରତ ହୋଇଥାଏ। ଯେଉଁ ଭକ୍ତ ପ୍ରତ୍ୟେକ ମଙ୍ଗଳବାର ବ୍ରତ ରଖିବା ସହ ଭଗବାନ ହନୁମାନଙ୍କ ବିଶେଷ ପୂଜା ଓ ଆରାଧନା କରେ, ସେହି ବ୍ୟକ୍ତି ହନୁମାନଙ୍କ କୃପା ସର୍ବଦା ଲାଭ କରିଥାଏ । ମଙ୍ଗଳବାର ବ୍ୟତିତ ଶନିବାର ଦିନ ବଜରଙ୍ଗବାଲୀଙ୍କୁ ପୂଜା କରାଯାଏ । ଏହାର କାରଣ ହେଉଛି ପୌରାଣିକ ବିଶ୍ୱାସବସ୍ତୁ ଅନୁଯାୟୀ ବଜରଙ୍ଗବାଲୀ ଶନିଦେବତାଙ୍କୁ ଏକ ଯୁଦ୍ଧରେ ପରାସ୍ତ କରିଥିଲେ। ସେହି ଦିନ ଶନିଦେବ ବଜରଙ୍ଗବାଲୀଙ୍କୁ ଆଶୀର୍ବାଦ ଦେଇଥିଲେ ଯେ, ଯେଉଁ ବ୍ୟକ୍ତି ଶନିବାର ହନୁମାନଙ୍କୁ ପୂଜା କରିବ ସେହି ବ୍ୟକ୍ତି ଉପରେ କଦାପି ଶନିକୋପ ପଡ଼ିବ ନାହିଁ।

# ଖାଲି ପାଦରେ ମନ୍ଦିରରେ ପ୍ରବେଶ କରିବା କାହିଁକି ଗୁରୁତ୍ୱପୂର୍ଣ୍ଣ



ହିନ୍ଦୁ ଧର୍ମରେ ରହିଛି ଅନେକ ପରମ୍ପରା ଏବଂ ପ୍ରଥା । ବୈଦିକ ଯୁଗରୁ ଆରମ୍ଭ ହୋଇଥିବା ଅନେକ ପ୍ରଥା ଆଜି ମଧ୍ୟ ଭାରତରେ ପ୍ରଚଳିତ ହେଉଛି । ଯେମିତିକି ମନ୍ଦିରରେ ଖାଲି ପାଦରେ ପ୍ରବେଶ କରିବା ଏକ ହିନ୍ଦୁ ପ୍ରଥା । ତଥାପି, ଜାପାନୀମାନଙ୍କ ସମେତ ଅନ୍ୟ ଧର୍ମର ଲୋକମାନେ ମଧ୍ୟ କୌଣସି ପବିତ୍ର ସ୍ଥାନରେ ପ୍ରବେଶ କରିବା ପୂର୍ବରୁ ସେମାନଙ୍କର ଜୋତା କିମ୍ବା ଚପଲ କାଢ଼ି ଦିଅନ୍ତି । ଏହାର କାରଣ ହେଉଛି ମନ୍ଦିରଗୁଡ଼ିକ ପବିତ୍ର ସ୍ଥାନ ବୋଲି କୁହାଯାଏ । ତେଣୁ ଭକ୍ତମାନେ ସେମାନଙ୍କର ପବିତ୍ରତା ବଜାୟ ରଖିବା ଉଚିତ ।ଏହା ବିଶ୍ୱାସ କରାଯାଏ ଯେ ଜୋତା ବିନା ମନ୍ଦିରରେ ପ୍ରବେଶ କରିବା ଦ୍ୱାରା ଆପଣ ଭଗବାନଙ୍କ ସହିତ ସହଜରେ ସଂଯୋଗ ସ୍ଥାପନ କରିପାରିବେ । ଏହା ମଧ୍ୟ ଦେବତାଙ୍କଠାରୁ ଆଶୀର୍ବାଦ ପାଇବାର ଏକ ଉପାୟ । ପୌରାଣିକ କଥା ଅନୁଯାୟୀ, ଚମଡ଼ା ଜୋତା ପିନ୍ଧି ମନ୍ଦିରରେ ପ୍ରବେଶ କରିବା ଦେବତାମାନଙ୍କୁ ଅସମ୍ମାନ କରିବା ସହିତ ସମାନ ।ତେଣୁ, ଏହାକୁ ସର୍ବଦା ଏଡାଇବା ଉଚିତ । ଏହି କାରଣରୁ ମନ୍ଦିରରେ ପ୍ରବେଶ କରିବା ସମୟରେ ଲୋକମାନଙ୍କୁ ଚମଡ଼ା ବେଲ୍ଟ ଏବଂ ପର୍ସ କାଢ଼ିବାକୁ କୁହାଯାଏ ।ଅଧିକାଂଶ ମନ୍ଦିରର ଚଟାଣରେ ହଳଦୀ, ଚନ୍ଦନ ଏବଂ ସିନ୍ଦୁରର ଲେପ ଦିଆଯାଇଥାଏ । ଆୟୁର୍ବେଦ ଅନୁସାରେ, ଏଗୁଡ଼ିକ ସ୍ୱାସ୍ଥ୍ୟ ବର୍ଦ୍ଧକ ଗୁଣର ଉତ୍ସ । ଯେତେବେଳେ ଆପଣ ମନ୍ଦିର ଚଟାଣରେ ଜୋତା ବିନା ପ୍ରବେଶ କରନ୍ତି, ସେତେବେଳେ ଆପଣ ଏହି ଉପାଦାନଗୁଡ଼ିକର ଲାଭ ପାଇପାରିବେ । ବିଶ୍ୱାସ ଅନୁସାରେ, ମନ୍ଦିର ଏପରି ଏକ ସ୍ଥାନ ଯାହା ମାନସିକ ଶାନ୍ତି ପ୍ରଦାନ କରେ । ତେଣୁ ଯେତେବେଳେ ଆପଣ ମନ୍ଦିରରେ ଖାଲି ପାଦରେ ପ୍ରବେଶ କରନ୍ତି, ସେତେବେଳେ ଆପଣଙ୍କ ପାଦ ଦେଇ ସକାରାତ୍ମକ ଶକ୍ତି ଆପଣଙ୍କ ଶରୀରରେ ପ୍ରବେଶ କରେ ।ଏହା ଆପଣଙ୍କ ମନକୁ ଶାନ୍ତ ରଖିବାରେ ସାହାଯ୍ୟ କରେ । ଖାଲି ପାଦରେ ମନ୍ଦିରରେ ପ୍ରବେଶ କରିବାର କିଛି ମହ☐ ହେଉଛି ଯେ ଏହା ଏକ ଅତ୍ୟନ୍ତ ପ୍ରାସଙ୍ଗିକ ହିନ୍ଦୁ ପରମ୍ପରା । ମନ୍ଦିରକୁ ଏକ ଅତ୍ୟନ୍ତ ପବିତ୍ର ସ୍ଥାନ ଭାବରେ ବିବେଚନା କରାଯାଏ ।ସେଠାରେ ପ୍ରବେଶ କରିବା ଭଗବାନଙ୍କ ଘରେ ପ୍ରବେଶ କରିବା ପରି । ଦେବତାମାନଙ୍କ ପ୍ରତି ସମ୍ମାନ ଏବଂ ଶ୍ରଦ୍ଧା ପ୍ରଦର୍ଶନ କରିବା ପାଇଁ ଏହାକୁ ପାଳନ କରାଯିବା ଉଚିତ । ତଥାପି, ଏହା ପରମ ଚେତନା ବା ବ୍ରହ୍ମଙ୍କ ସହିତ ଆପଣଙ୍କର ସମ୍ପର୍କକୁ ମଧ୍ୟ ସୁଦୃଢ଼ କରିପାରିବ ।

## ଶ୍ରୀକୃଷ୍ଣଙ୍କ ଜ୍ଞାନ ଆହରଣ



ଦ୍ୱାପର ଯୁଗରେ ଉଜ୍ଜୟିନୀରେ ଜ୍ଞାନ-ବିଜ୍ଞାନ ଏବଂ ସଂସ୍କୃତିର ଏକ ମହତ୍ତ୍ୱପୂର୍ଣ୍ଣ କେନ୍ଦ୍ର ଥିଲା । ଏହିଠାରେ ଗୁରୁ ସାନ୍ଦିପନୀଙ୍କ ଆଶ୍ରମ ଯେଉଁଠାରେ ଭଗବାନ ଶ୍ରୀକୃଷ୍ଣ, ଜ୍ୟେଷ୍ଠଭ୍ରାତା ବଳରାମ ଏବଂ ମିତ୍ର ସୁଦାମା ଶିକ୍ଷାପ୍ରାପ୍ତ କରିଥିଲେ। ଶ୍ରୀମଦ ଭାଗବତ, ମହାଭାରତ ତଥା ଅନ୍ୟ କେତେକ ପୁରାଣରେ ଏହି ସ୍ଥାନ ସଂପର୍କରେ ବର୍ଣ୍ଣନା କରାଯାଇଛି । ଏହିଠାରେ ଭଗବାନ ଶ୍ରୀକୃଷ୍ଣ ୬୪ ଦିନରେ ଗୁରୁ ସାନ୍ଦିପନୀଙ୍କଠାରୁ ସଂପୂର୍ଣ୍ଣ ଶାସ୍ତ୍ର ଶିକ୍ଷା ଗ୍ରହଣ କରିଥିଲେ । ୧୮ ଦିନରେ ୧୮ ପୁରାଣ, ୪ ଦିନରେ ୪ ବେଦ, ୬ ଦିନରେ ୬ ଶାସ୍ତ୍ର, ୧୬ ଦିନରେ ୧୬ କଳା, ୨୦ ଦିନରେ ଗୀତାଜ୍ଞାନ ଆହରଣ କରିବା ସହ ଗୁରୁ ଦକ୍ଷିଣା ଏବଂ ଗୁରୁ ସେବା କାର୍ଯ୍ୟ ସଂପୂର୍ଣ୍ଣ କରିଥିଲେ । ଆଶ୍ରମ ନିକଟରେ ଏକ ପଥର ଉପରେ ୧ ରୁ ୧୦୦ ପର୍ଯ୍ୟନ୍ତ ସଂଖ୍ୟା ଲିଖିତ ହୋଇଛି । କୁହାଯାଏ ଯେ, ଏହି ସଂଖ୍ୟା ଗୁରୁ ସାନ୍ଦିପନୀଙ୍କ ଦ୍ୱାରା ଲେଖା ଯାଇଛି । ମହର୍ଷି ସାନ୍ଦିପନୀ ଆଶ୍ରମ ଗଙ୍ଗା ଘାଟରେ ଅବସ୍ଥିତ। ଏହି ସ୍ଥାନରେ ଗୋମତୀ କୁଣ୍ଡ ନିର୍ମିତ ହୋଇଥିଲା । ଯେଉଁଠାରେ ଭଗବାନ ଶ୍ରୀକୃଷ୍ଣ ଗୁରୁ ସାନ୍ଦିପନୀଙ୍କ ସ୍ନାନ ପାଇଁ ଗୋମତୀ ନଦୀର ଜଳ ଉପଲବ୍ଧ କରାଉଥିଲେ । ଆଶ୍ରମରେ ଗୁରୁ ସାନ୍ଦିପନୀଙ୍କ ସମେତ ଭଗବାନ ଶ୍ରୀକୃଷ୍ଣ, ବଳରାମ ଏବଂ ସୁଦାମାଙ୍କ ମୂର୍ତ୍ତି ସ୍ଥାପିତ ହୋଇଛି । କୁହାଯାଏ ଯେ, ଗୁରୁ ସାନ୍ଦିପନୀଙ୍କଠାରୁ ଶ୍ରୀକୃଷ୍ଣ ଯେଉଁ ଜ୍ଞାନ ଆହରଣ କରୁଥିଲେ ତାହାକୁ ନିଜ ପାଟିରେ ଲେଖି ଦେଉଥିଲେ । ଏହାପରେ ଗୋମତୀ କୁଣ୍ଡରେ ଥିବା ଜଳରେ ପାଟିକୁ ଧୋଇ ଦେଉଥିଲେ । ଏହି କାରଣରୁ କୃଷ୍ଣଙ୍କ ପାଟିରେ ଥିବା ଅଙ୍କ ଗୋମତୀ କୁଣ୍ଡରେ ପଡୁଥିଲା । ତେଣୁ ଏହି କ୍ଷେତ୍ରକୁ ଅଙ୍କପାତ ନାମରେ ପ୍ରସିଦ୍ଧ ଅଟେ। ସାନ୍ଦିପନୀଙ୍କ ଆଶ୍ରମ ପରିସରରେ ଥିବା ସର୍ବେଶ୍ୱର ମହାଦେବ ମନ୍ଦିର ୬ ହଜାର ବର୍ଷର ପୁରୁଣା ଶିବଲିଙ୍ଗ । କୁହାଯାଏ ଯେ ମହର୍ଷି ସାନ୍ଦିପନୀ ନିଜ ତପ ବଳରେ ବେଲପତ୍ର ନିର୍ମିତ ଏହି ଶିବଲିଙ୍ଗକୁ ଉତ୍ପନ୍ନ କରିଥିଲେ । ଏହିଠାରେ ଶେଷନାଗଙ୍କ ଦର୍ଶନ ମଧ୍ୟ ମିଳିଥାଏ । ଶିକ୍ଷା ସମାପ୍ତ ପରେ ଶ୍ରୀକୃଷ୍ଣ ଏବଂ ବଳରାମ ଗୁରୁ ସାନ୍ଦିପନୀଙ୍କୁ ଦକ୍ଷିଣା ମାଗିବା ପାଇଁ ପ୍ରାର୍ଥନା କଲେ। ଦକ୍ଷିଣା ସ୍ୱରୂପ ନିଜର ପୁତ୍ରକୁ ଫେରାଇ ଆଣିବାକୁ ଗୁରୁ ସାନ୍ଦିପନୀ କୃଷ୍ଣଙ୍କୁ ଦକ୍ଷିଣା ଆକାରରେ ମାଗିଥିଲେ। ଗୁରୁ ସାନ୍ଦିପନୀଙ୍କ ପୁତ୍ର ସମୁଦ୍ରର ପ୍ରଭାସ କ୍ଷେତ୍ରରେ ବିଲୁପ୍ତ ହୋଇ ଯାଇଥିଲେ । ଦୁଇ ଭାଇ କୃଷ୍ଣ ଏବଂ ବଳରାମ ପ୍ରଭାସ କ୍ଷେତ୍ରରେ ଗୁରୁପୁତ୍ରକୁ ଖୋଜିବା ବେଳେ ଜାଣିପାରିଲେ ଯେ, ଶଙ୍ଖାସୁର ନାମକ ରାକ୍ଷସ ଋଷିପୁତ୍ରଙ୍କୁ ନେଇ ଯାଇଛି ଯିଏ ସମୁଦ୍ର ତଳେ ପବିତ୍ର ଶଙ୍ଖ ମଧ୍ୟରେ ରହୁଛି । ଏହି ଶଙ୍ଖକୁ ପାଞ୍ଚଜନ୍ୟ କୁହାଯାଏ । ଦୁଇଭାଇ ରାକ୍ଷସକୁ ବିନାଶ କରି ଋଷିପୁତ୍ରଙ୍କୁ ଖୋଜିଲେ । ତେବେ ସେଠାରେ ଋଷିପୁତ୍ରଙ୍କୁ ନ ପାଇ ଶଙ୍ଖକୁ ଧରି ଯମଙ୍କ ନିକଟକୁ ଗଲେ ଏବଂ ଶଙ୍ଖ ବଜାଇଲେ । ଯମ ଦୁଇଭାଇଙ୍କୁ ଦେଖି ପ୍ରଣାମ କରିବା ସହ ଆସିବା କାରଣ ପଚାରିଲେ । ଗୁରୁପୁତ୍ରକୁ ଫେରାଇବା ପାଇଁ ଶ୍ରୀକୃଷ୍ଣ କହିବା କ୍ଷଣି ଯମ କୃଷ୍ଣଙ୍କ ଆଜ୍ଞା ପାଳନ କଲେ । ଗୁରୁଦକ୍ଷିଣା ସ୍ୱରୂପ ଶ୍ରୀକୃଷ୍ଣ ଗୁରୁପୁତ୍ରଙ୍କୁ ଫେରାଇ ଆଣିଲେ ।

# ବିଜେପି କାର୍ଯ୍ୟାଳୟରେ 'କାରଗିଲ ବିଜୟ ଦିବସ'

**ଭୁବନେଶ୍ୱର,୨୯।୭ (ମହାଭାରତ):** କାରଗିଲ ବିଜୟ ଦିବସ କେବଳ ଏକ ସାମରିକ ବିଜୟର ଦିନ ନୁହେଁ, ଏହା ଭାରତୀୟ ସେନାର ଅଟଳ ଶପଥ, ଦେଶପ୍ରେମ ଓ ସାର୍ବଭୌମତ୍ୱର ପ୍ରତୀକ। ଆମର ଶାନ୍ତିପୂର୍ଣ୍ଣ ଆଜି ପାଇଁ ଯେଉଁ ଯବାନମାନେ ସେମାନଙ୍କର କାଲିକୁ ବଳିଦାନ ଦେଇଛନ୍ତି, ସେମାନଙ୍କ ନିକଟରେ ସମଗ୍ର ଦେଶ ସଦା ସର୍ବଦା ଋଣୀ। କାରଗିଲ ଯୁଦ୍ଧ ବିଜୟ ଭାରତୀୟ ଇତିହାସର ଏକ ଅବିସ୍ମରଣୀୟ ଦିନ। ପ୍ରତିକୂଳ ପରିସ୍ଥିତିକୁ ସାମ୍ନା କରି ଆଗକୁ ବଢ଼ିବାର ଶିକ୍ଷା ଦେଇଛି କାରଗିଲ୍ ଯୁଦ୍ଧ । କାର୍ଗିଲ ବିଜୟ ଦିବସ ହେଉଛି ଭାରତୀୟ ସାମରିକ ଇତିହାସର ଏକ ଅତି ଗୌରବମୟ ଅଧ୍ୟାୟ। ୧୯୯୯ ମସିହା ଜୁଲାଇ ୨୬ ତାରିଖରେ ଭାରତୀୟ ସେନା କାର୍ଗିଲ ଯୁଦ୍ଧରେ ପାକିସ୍ତାନୀ ଅନୁପ୍ରବେଶକାରୀଙ୍କୁ ପରାସ୍ତ କରି ଦେଶର ସୀମାକୁ ସୁରକ୍ଷିତ କରିଥିଲା। ପ୍ରତିକୂଳ ପରିସ୍ଥିତିରେ ପ୍ରାୟ ୧୮,୦୦୦ ଫୁଟ ଉଚ୍ଚତା ଓ ମାଇନସ୍ ଡିଗ୍ରୀ ତାପମାତ୍ରାରେ ଅତ୍ୟନ୍ତ ଦୁର୍ଗମ ପାହାଡ଼ ଉପରେ ଯୁଦ୍ଧ କରି ଭାରତୀୟ ଯବାନମାନେ ଶତ୍ରୁଙ୍କୁ ଛତ୍ରଭଙ୍ଗ ଦେଇଥିଲେ। କାର୍ଗିଲ ଦ୍ରାସ୍ ଓ ବତାଲିକ୍ କ୍ଷେତ୍ରରେ ପାକିସ୍ତାନୀ ସୈନ୍ୟଙ୍କ ଦଖଲରୁ ଭାରତୀୟ ଭୁଖଣ୍ଡକୁ ମୁକ୍ତ କରିବା ପାଇଁ ଭାରତୀୟ ସେନା ଅପରେସନ ବିଜୟ ଆରମ୍ଭ କରିଥିଲା। ୬୦ ଦିନ ଧରି ଚାଲିଥିବା ଏହି ଯୁଦ୍ଧରେ ଭାରତୀୟ ସୈନ୍ୟମାନେ ନିଜର ପରାକାଷ୍ଠା ପ୍ରଦର୍ଶନ କରି ଶତ୍ରୁପକ୍ଷକୁ ଧରାଶାୟୀ କରିଥିଲେ। ବିରାଟ ଷଡଯନ୍ତ୍ର ରଚିଥିବା ପଡୋଶୀ ପାକିସ୍ତାନକୁ ଏହି ଯୁଦ୍ଧରେ ପରାଜିତ କରି



ଦେଶମାତୃକାର ସେବା ପାଇଁ ଭାରତର ବୀର ସୈନିକମାନେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ୧୯୯୯ ମସିହା ଜୁଲାଇ ୨୬ ତାରିଖରେ ଦେଶର ବୀର ସୈନିକମାନେ ଏହି ଯୁଦ୍ଧରେ ବିଜୟ ଆଣି ସମସ୍ତ ଭାରତୀୟଙ୍କୁ ଗର୍ବିତ କରିଥିଲେ । ସେହି ଦିନଠାରୁ ପ୍ରତ୍ୟେକ ବର୍ଷ ଜୁଲାଇ ୨୬ ତାରିଖକୁ 'କାରଗିଲ ବିଜୟ ଦିବସ' ଭାବେ ପାଳନ କରାଯାଉଛି ବୋଲି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ କାରଗିଲ ବିଜୟ ଦିବସ ପାଳନ ଅବସରରେ ଯୋଗ ଦେଇ ରାଜ୍ୟ ଉପସଭାପତି ଡ.ଯତୀନ ମହାନ୍ତି କହିଛନ୍ତି ।

ପ୍ରଧାନମନ୍ତ୍ରୀ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଙ୍କ ସମେତ ସାରା ଦେଶବାସୀ ଭାରତୀୟ ସେନାଙ୍କ ମନୋବଳ ବଢାଇଥିଲେ। କାରଗିଲ ଯୁଦ୍ଧରେ ଶହୀଦ୍ ହୋଇଥିବା ବୀର ସେନାନୀଙ୍କୁ ତାଙ୍କ ନିଜ ଗାଁକୁ ଆଣି ସମ୍ମାନ ଜଣାଇ ଶେଷକୃତ୍ୟ କରିବାର ନୂତନ ପରଂପରା ଆରମ୍ଭ ହୋଇଥିଲା। ଯାହାକି ଦେଶବାସୀଙ୍କ ଭିତରେ ଦେଶଭକ୍ତର ଭାବ ସୃଷ୍ଟି କରିଥିଲା ।ତତ୍କାଳୀନ ଶକ୍ତିଶାଳୀ ଓ ସାହସୀ ଭାରତୀୟ ସେନା ପାକିସ୍ତାନର ଚକ୍ରାନ୍ତକୁ ପଣ୍ଡ କରି କାରଗିଲ୍ ଯୁଦ୍ଧରେ ପରାସ୍ତ କରିଥିଲା। କାରଗିଲ ଯୁଦ୍ଧ ବିଜୟରେ ଦେଶମାତୃକାର ସେବା କରିବା ପାଇଁ ଆମ ବୀର ଯବାନ ଦେଇଥିବା ଶୌର୍ଯ୍ୟ ଓ ବଳିଦାନକୁ କୋଟି କୋଟି ପ୍ରଣାମ ଜଣାଇ ଏହି ବିଜୟ ପାଳନ କରାଯାଉଛି । କାର୍ଗିଲ ଯୁଦ୍ଧରେ ଦେଶ ପାଇଁ ଶହୀଦ ହୋଇଥିବା ୫୬୨ରୁ ଊର୍ଦ୍ଧ୍ୱ ଯବାନଙ୍କ ମଧ୍ୟରେ ୧୩ ଜଣ ଓଡ଼ିଆ ସୁପୁତ୍ର ସାମିଲ ଥିଲେ। ଗଞ୍ଜାମ, ପୁରୀ, କଟକ, କେନ୍ଦ୍ରାପଡ଼ା ଆଦି ଜିଲ୍ଲାର ବୀର ଯବାନମାନଙ୍କ ଅଦମ୍ୟ ସାହସ ଓ ପ୍ରାଣବଳିଦାନକୁ ଓଡ଼ିଶାବାସୀ ଚିରଦିନ ମନେରଖିବେ। ଭାରତୀୟ ସେନାର ତ୍ୟାଗ, ତପସ୍ୟା ଏବଂ ବଳିଦାନକୁ ଆମ ଦେଶ ସବୁବେଳେ ମନେ ରଖିବ । ବର୍ତ୍ତମାନ ଓ ଭବିଷ୍ୟତ ପୀଢିକୁ ରାଷ୍ଟ୍ରଭକ୍ତି, ଦେଶ ସେବା ଓ ସମର୍ପଣ ଭାବନା ନେଇ ନିରନ୍ତର କାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଇବ । ସୈନିକମାନଙ୍କ ପରାକାଷ୍ଠା ପାଇଁ ଆମେ କାରଗିଲ୍ ଯୁଦ୍ଧରେ ପାକିସ୍ତାନକୁ ପରାସ୍ତ କରି ବିଜୟ ଲାଭ କରିଛୁ। ଆଜିର ଯୁବପିଢୀ ଦେଶମାତୃକା ପାଇଁ ନିସ୍ୱାର୍ଥପର ଭାବେ କାମ କରିବା ଦରକାର। ରାଷ୍ଟ୍ର ହେଉଛି ସର୍ବୋପରୀ। କାରଗିଲ୍ ଯୁଦ୍ଧ ସମୟରେ ଦେଶବାସୀଙ୍କ ଉତ୍ସାହ ଓ ସମର୍ଥନ ଭାରତୀୟ ସେନାର ଆତ୍ମବଳ ଦୃଢ କରିଥିଲା। ଶହୀଦ ହୋଇଥିବା ସମସ୍ତ ସୈନିକଙ୍କ ପାଇଁ ସାରା ଦେଶ ଆଜି ଗର୍ବିତ। ଭାରତୀୟ ସେନା ଯେଉଁ ଭଳି ଭାବେ କାରଗିଲ୍ ଯୁଦ୍ଧରେ ପାକିସ୍ତାନକୁ ମୁହଁ ତୋଡ଼୍ ଜବାଜ ଦେବା ସହ ପାକିସ୍ତାନକୁ ପଛକୁ ଯିବାକୁ ବାଧ କରିଥିଲା, ଏହା କେବଳ ଭାରତୀୟ ସୈନିକଙ୍କ ଦ୍ୱାରା ସମ୍ଭବ। ଭାରତୀୟ ସେନାର ତ୍ୟାଗ, ତପସ୍ୟା ଏବଂ ବଳିଦାନକୁ ଆମ ଦେଶ ସବୁବେଳେ ମନେ ରଖିବ ବୋଲି ଡ.ମହାନ୍ତି କହିଛନ୍ତି ।

# ଲିଙ୍ଗରାଜ ମନ୍ଦିରରେ ପ୍ଲାଷ୍ଟିକ୍ ଓ ନିଶାମୁକ୍ତ କଟକଣା ଦାବି

**ଭୁବନେଶ୍ୱର,୨୯।୭ (ମହାଭାରତ):** ଅଗଷ୍ଟ ମାସ ଠାରୁ ଶ୍ରାବଣ ମାସର ପ୍ରଥମ ସୋମବାର ଆରମ୍ଭ ହେବ । ଏହି ଅବସରରେ ଏକାମ୍ର କ୍ଷେତ୍ରର ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପୀଠରେ ଜଳ ଲାଗି ପାଇଁ ରାଜ୍ୟ ଓ ରାଜ୍ୟ ବାହାରୁ ହଜାର ହଜାର କାଉଡ଼ିଆ ଭକ୍ତଙ୍କ ସମାଗମ ହେବ । ତେବେ ଏହି ଭକ୍ତିମୟ ପରିବେଶ ମଧ୍ୟରେ ମନ୍ଦିରର ସ୍ୱଚ୍ଛତା, ପବିତ୍ରତା ଓ ପରିବେଶ ସୁରକ୍ଷାକୁ ନେଇ ଗଭୀର ଚିନ୍ତା ପ୍ରକଟ ହୋଇଛି । ଜଳ ଲାଗି ଯାତ୍ରାକୁ ସମ୍ପୂର୍ଣ୍ଣ ପ୍ଲାଷ୍ଟିକ୍ ଓ ନିଶାମୁକ୍ତ କରିବା ସହ ମନ୍ଦିର ପରିସରକୁ ଆପ□ିଜନକ ସାମଗ୍ରୀ ପ୍ରବେଶ ଉପରେ କଠୋର କଟକଣା ଲଗାଇବାକୁ ପ୍ରଶାସନ ନିକଟରେ ଦାବି ହୋଇଛି । ଅଭିଯୋଗ ଅନୁଯାୟୀ, ଅନେକ ଶ୍ରଦ୍ଧାଳୁ ନିଷ୍ଠାର ସହ ମନ୍ଦିରକୁ ଆସୁଥିଲେ ହେଁ କେତେକ ଅମାନିଆ ଭକ୍ତ ସାଥୀରେ ପ୍ଲାଷ୍ଟିକ୍ କଳସ, ପଲିଥିନ୍ ଜରି, ଶିକା କାଟିବା ପାଇଁ ଧାରୁଆ ବ୍ଲେଡ୍, ଛୁରୀ ଏବଂ ଗଞ୍ଜେଇ, ଗୁଟ୍‌ଖା, ପାନ, ବିଡ଼ି, ସିଗାରେଟ୍ ଭଳି ବିପଜ୍ଜନକ ଓ ନିଶାଦ୍ରବ୍ୟ ଅ□ାରେ ଖୋସି ଅତି ସହଜରେ ମନ୍ଦିର ଭିତରକୁ ପ୍ରବେଶ କରୁଛନ୍ତି । ମନ୍ଦିର କ□ୃପକ୍ଷ ପ୍ରତିବର୍ଷ ସ୍ୱତନ୍ତ୍ର ମାର୍ଗଦର୍ଶିକା (ଝଙଚ) ଜାରି କରୁଥିଲେ ସୁଦ୍ଧା ସୁରକ୍ଷା ଯା□ର ଶିଥିଳତା ଯୋଗୁଁ ନିୟମକୁ ଖୋଲାଖୋଲି ଉଲ୍ଲଙ୍ଘନ କରାଯାଉଛି । ଫଳରେ ଯାତ୍ରା ଶେଷରେ ମନ୍ଦିର ସଫେଇ ସମୟରେ ବିପୁଳ ପରିମାଣର ପ୍ଲାଷ୍ଟିକ୍ ଆବର୍ଜନା ଓ ନିଷିଦ୍ଧ ସାମଗ୍ରୀ ଜବତ ହେଉଛି, ଯାହା ଧର୍ମପୀଠର ପବିତ୍ରତାକୁ କ୍ଷୁର୍ଣ୍ଣ କରିବା ସହ ପରିବେଶକୁ ଅତ୍ୟନ୍ତ ଭାବେ ପ୍ରଦୂଷିତ କରୁଛି । ରାଜ୍ୟରେ ଏକକ ବ୍ୟବହାରକ୍ଷମ ପ୍ଲାଷ୍ଟିକ୍ ଉପରେ ସରକାରୀ ନିଷେଧାଦେଶ ରହିଥିଲେ ହେଁ ଧାର୍ମିକ ସ୍ଥଳ ଗୁଡ଼ିକରେ ଏହାର କଡ଼ାକଡ଼ି କାର୍ଯ୍ୟ ହୋଇପାରୁନାହିଁ । ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ଼, ମନ୍ଦିର ପ୍ରଶାସନ ଓ କମିଶନରେଟ୍ ପୋଲିସ୍ ତୁରନ୍ତ ତୀକ୍ଷ୍ଣ ନଜର ରଖିବା ସହ ଅମାନିଆ ଭକ୍ତଙ୍କ ଉପରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଓ ଜୋରିମାନା ଆଦାୟ କରିବାକୁ ପରିବେଶ କର୍ମୀ ସୁଶାନ୍ତ ସାହୁ ଏକ ପ୍ରେସ୍ ବିବୃ□ ଜରିଆରେ ଦୃଢ଼ ଦାବି କରିଛନ୍ତି । ଧର୍ମପୀଠର ମର୍ଯ୍ୟାଦା ଓ ପରିବେଶର ସୁରକ୍ଷା ପାଇଁ ସମସ୍ତ ଶ୍ରଦ୍ଧାଳୁ ମଧ୍ୟ ସଚେତନ ହେବାକୁ ସେ ଆହ୍ୱାନ ଦେଇଛନ୍ତି ।

# ଅଗଷ୍ଟ ୬ରୁ ଦେଶ ବ୍ୟାପୀ ପଦଯାତ୍ରା ପାଇଁ ଆହ୍ୱାନ

**ଭୁବନେଶ୍ୱର,୨୯।୭ (ମହାଭାରତ):** ଗତ ୧୦ ବର୍ଷ ମଧ୍ୟରେ ଦେଶର ନୀତି ନିର୍ଦ୍ଧାରଣ କ୍ଷେତ୍ରରେ ସଂସଦୀୟ କ୍ଷମତାକୁ ସଂକୁଚିତ କରି କର୍ପୋରେଟ୍ ଇଙ୍ଗିତରେ ଓ କର୍ପୋରେଟ୍ ସ୍ୱାର୍ଥରେ ନୀତି ପ୍ରଣୟନ, ଗୋଟିକ ପରେ ଗୋଟିଏ ସାମ୍ବିଧାନିକ ସ୍ୱାୟତ ସଂସ୍ଥା ଯଥା ବିଚାର ବ୍ୟବସ୍ଥା, ତଦନ୍ତ ବ୍ୟବସ୍ଥା, ଆଇନ ଶୃଙ୍ଖଳା ନିୟନ୍ତ୍ରଣ ବ୍ୟବସ୍ଥା, ସୀମା ସୁରକ୍ଷା ପ୍ରତିରକ୍ଷା ବ୍ୟବସ୍ଥା ଉପରେ ଆକ୍ରମଣ କରି ଏହାର ସ୍ୱାୟତତାକୁ ଧ୍ୱଂସ କରି ଶାସକ ଦଳର କ୍ରୀଡ଼ନକ କରାଇବା, ସ୍ୱାଧୀନତା ପୂର୍ବରୁ ଓ ପରେ ପ୍ରତିଷ୍ଠିତ କଳକାରଖାନା ପ୍ରାକୃତିକ ସମ୍ବଳ ସବୁ ମୁଷ୍ଟିମେୟ ରାହୁ ପୁଞ୍ଜିପତିଙ୍କ ପାଦତଳେ ସମର୍ପି ଦେଉଛନ୍ତି। କ୍ଷମତାସୀନ ବିଜେପି ସରକାର ଦେଶରେ ରାଷ୍ଟ୍ରୀୟ ଆୟ ହ୍ରାସ କରି ଏହାକୁ ଦେବାଳିଆ ସ୍ଥିତିକୁ ନେଇଥିବାବେଳେ ଏହାର ଭରଣା ପାଇଁ ଉତ୍ପାଦନ ଶୁଳ୍କ ବା ଆମଦାନୀ ଶୁଳ୍କ ପରିବର୍ତ୍ତେ ସମାଜର ପଛ ଧାଡ଼ିରେ ଛିଡ଼ା ହୋଇଥିବା ମଣିଷ ଖାଦ୍ୟ, ବସ୍ତ୍ର ଓ ବାସଗୃହ ଉପରେ ଜିଏସ୍‌ଟିର ଟିକସ ବୋଝ ଲଦି ରକ୍ତ ଶୋଷଣ କରାଯାଉଛି ବୋଲି କ୍ଷୋଭର ସହ ପ୍ରକାଶ କରିଥିଲେ। ଗଣ ସଙ୍ଗଠନ ମଞ୍ଚର ଏକ ରାଜ୍ୟସ୍ତରୀୟ କନଭେନସନ ବରିଷ୍ଠ ଶିକ୍ଷକ ନେତା ଡ. ଅମିୟ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଭଗବତୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏହାକୁ ଆନୁଷ୍ଠାନିକ ଭାବେ ସିପିଆଇ ରାଜ୍ୟ ସମ୍ପାଦକ ଡ. ପ୍ରଶାନ୍ତ କୁମାର ମିଶ୍ର ଉଦ୍‌ଘାଟନ କରି ଦରବୃଦ୍ଧି, ବେରୋଜଗାରୀ, ବିପର୍ଯ୍ୟସ୍ତ ଶିକ୍ଷା ଓ ସ୍ୱାସ୍ଥ୍ୟ ବ୍ୟବସ୍ଥା, ଶ୍ରମିକ ବିରୋଧୀ ଶ୍ରମ କୋଡ୍ ନାମରେ ଶ୍ରମିକ ଶୋଷଣ, କୃଷକଙ୍କୁ ଏମ୍‌ଏସ୍‌ପି ପ୍ରଦାନ ଆଇନ ନ ଥିବାବେଳେ କୃଷକ ଶୋଷଣ, ନାରୀ ନିର୍ଯାତନା, ସଂଖ୍ୟାଲଘୁ, ଆଦିବାସୀ, ଦଳିତଙ୍କ ଉପରେ ଘୃଣା, ହିଂସା, ସମାଜ ବିଭାଜନ, ଭିଡ଼ହିଂସା, ଗଣହତ୍ୟା ବିରୋଧରେ ଆଗାମୀ ୬ ଅଗଷ୍ଟରୁ ୧୫ ଅଗଷ୍ଟ ପର୍ଯ୍ୟନ୍ତ ଦେଶବ୍ୟାପୀ ଗାଁକୁ ଗାଁ ପଦଯାତ୍ରା ଓ ଏହି ବ୍ୟବସ୍ଥାର ଜରୁରୀ ପରିବର୍ତ୍ତନ ପାଇଁ ୧ ସେପ୍ଟେମ୍ବର ଦିଲ୍ଲୀ ଚାଲ- ରାମଲୀଳା ମଇଦାନଠାରେ "ପରିବର୍ତ୍ତନ ଜରୁରୀ" ସମାବେଶର ସଫଳତା ପାଇଁ ଆହ୍ୱାନ ଦେଇଥିଲେ। ଏହି କନଭେନସନରେ ଅଖିଳ ଭାରତ କୃଷକ ସଭାର ରାଜ୍ୟ ସମ୍ପାଦକ କ୍ଷୀରୋଦ ସିଂହଦେଓ ଭିତ୍ତପତ୍ର ଉପସ୍ଥାପନ କରିଥିବାବେଳେ ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ବ୍ଲକ, ଜିଲ୍ଲା ଓ ରାଜ୍ୟ ସ୍ତରରେ ସାଙ୍ଗଠନିକ ସମନ୍ୱୟ ପାଇଁ କମିଟି ଗଠନର ପ୍ରସ୍ତାବ ଦେଇଥିଲେ। ଏହି ବୈଠକରେ ଏଆଇଟିୟୁସି, ଏଆଇକେଏସ, ବିକେଏମ୍‌ୟୁ, ଏଆଇଏସଏଫ, ଏଆଇୱାଇଏଫ, ଉତ୍କଳ ମହିଳା ସମିତି, ବ୍ୟାଙ୍କ କର୍ମଚାରୀ, ଶିକ୍ଷକ ସଂଘ, ଦଳିତ ଅଧିକାର ଆନ୍ଦୋଳନ, ଆଦିବାସୀ ମହାସଭା, ଇସ୍‌କଫ, ଆଇନଜୀବୀ ସଂଘ ଓ ଇପଟା ଇତ୍ୟାଦି ସଙ୍ଗଠନର ରାଜ୍ୟ ନେତୃତ୍ୱ ଯଥା ଆଶିଷ କାନୁନ୍‌ଗୋ, ସାମିଲ କରି ଏକ ଷ୍ଟିୟରିଂ କମିଟି ଗଠନ କରାଯାଇଛି।

# କିଟ୍ ପକ୍ଷରୁ ଜ୍ୟୋତିର୍ମୟୀଙ୍କୁ ୫ଲକ୍ଷ ଟଙ୍କାର ପ୍ରୋତ୍ସାହନ

**ଭୁବନେଶ୍ୱର,୨୯।୭ (ମହାଭାରତ):** ଇଣ୍ଡିଆନ୍ ଆଇଡଲ୍ ସିଜନ୍-୧୬ ଜିତି ଇତିହାସ ରଚିଥିବା ଓଡ଼ିଆ ଝିଅ ତଥା କିଟ ଛାତ୍ରୀ ଜ୍ୟୋତିର୍ମୟୀ ନାୟକଙ୍କୁ ଆଜି କିଟ୍ ଓ କିସ୍ ପକ୍ଷରୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆଯାଇଛି। ଆଜି ସକାଳେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବାପରେ ତାଙ୍କ ସ୍ୱାଗତ କରାଯିବା ସହ ବିରାଟ ପଟୁଆରରେ କିଟ୍ କ୍ୟାମ୍ପସ୍ ପର୍ଯ୍ୟନ୍ତ ଅଣାଯାଇଥିଲା। ସେ କିଟ୍‌ର ସମସ୍ତ କ୍ୟାମ୍ପସ ଓ କିସ୍ ପରିଦର୍ଶନ କରିଥିଲେ। ପରେ ତାଙ୍କୁ କିଟ୍‌ରେ ବହୁ ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ଉପସ୍ଥିତିରେ ସମ୍ବର୍ଦ୍ଧିତ କରାଯାଇଥିଲା। ଜ୍ୟୋତିର୍ମୟୀଙ୍କ ବାପା ଚକ୍ରଧର ନାୟକ, ମାଆ ଗୌରୀ ନାୟକ, ବିଶିଷ୍ଟ ଓଲିଉଡ୍ ତାରକା ବୁଦ୍ଧାଦିତ୍ୟ ମହାନ୍ତି, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତିଙ୍କ ଉପସ୍ଥିତିରେ କିଟ୍ ଓ କିସ୍




ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଶ୍ରୀ ସାମନ୍ତ କିଟ୍ ଛାତ୍ରୀ ଜ୍ୟୋତିର୍ମୟୀଙ୍କ ସଫଳତା ପାଇଁ ତାଙ୍କୁ ୫ ଲକ୍ଷ ଟଙ୍କା ପ୍ରୋତ୍ସାହନ ରାଶି ପୁରସ୍କାର ସ୍ୱରୁପ ପ୍ରଦାନ କରିଥିଲେ। ଶ୍ରୀ ସାମନ୍ତ କହିଲେ, ଓଡ଼ିଶା ତଥା କିଟ ଓ କିସର ଗର୍ବ ଜ୍ୟୋତିର୍ମୟୀ ନାୟକଙ୍କୁ ଇଣ୍ଡିଆନ୍ ଆଇଡଲ୍ ସିଜନ୍-୧୬ର ବିଜେତା ହେବା ନିଶ୍ଚିତ ଭାବେ ଆମ ସମସ୍ତଙ୍କ ପାଇଁ ଆନନ୍ଦର ବିଷୟ। ପ୍ରଥମ ଓଡ଼ିଆ ଭାବେ ଏହି ପ୍ରତିଯୋଗିତା ଜିତି ସେ ଇତିହାସ ସୃଷ୍ଟି କରିଛନ୍ତି। ଏହା ସମଗ୍ର କିଟ୍, କିସ୍ ଓ କିମ୍ସ ପରିବାର ପାଇଁ ଅତ୍ୟନ୍ତ ଗୌରବର ବିଷୟ।' ଅପରପକ୍ଷରେ ଜ୍ୟୋତିର୍ମୟୀ କିଟ୍ ଓ କିସ୍ ପରିବାର ବିଶେଷ କରି ଅଚ୍ୟୁତ ସାମନ୍ତ, ତାଙ୍କ ଶିକ୍ଷକ, ପିତାମାତା ଓ ବନ୍ଧୁମାନଙ୍କ ଅକୁଣ୍ଠ ସମର୍ଥନ ଏବଂ ଉତ୍ସାହ ପାଇଁ ଧନ୍ୟବାଦ ଜଣାଇଥିଲେ। ସେ କହିଲେ, କିଟ୍ ଓ କିସ୍‌ରେ ସମସ୍ତଙ୍କଠାରୁ ପାଇଥିବା ସ୍ନେହ ତାଙ୍କୁ ସବୁବେଳେ ଆତ୍ମବିଶ୍ୱାସ ଏବଂ ଦୃଢ଼ତାର ସହିତ ତାଙ୍କ ସ୍ୱପ୍ନକୁ ପୂରଣ କରିବାକୁ ପ୍ରେରଣା ଦେଇଛି। ଏହି ଅବସରରେ ସେ ଉପସ୍ଥିତ ଛାତ୍ରଛାତ୍ରୀଙ୍କ ପାଇଁ ସୁମଧୁର ସଂଗୀତ ପରିବେଷଣ କରିଥିଲେ। ସୂଚନାଯୋଗ୍ୟ, ଦୀର୍ଘ ୧୦ ମାସ ଧରି ଚାଲିଥିବା 'ୟାଦୋଁ କି ପ୍ଲେଲିଷ୍ଟ' ଥିମର ଏହି ସିଜନରେ ଜ୍ୟୋତିର୍ମୟୀ ନିଜର ଅସାଧାରଣ ସଙ୍ଗୀତ ପ୍ରତିଭା, ପରିଶ୍ରମ ଓ ନିଷ୍ଠାର ପରିଚୟ ଦେଇ ଗ୍ରାଣ୍ଡ ଫିନାଲେରେ ବିଜୟୀ ହୋଇଥିଲେ।

# ଏକ ଜଳ ସୁରକ୍ଷିତ ଭବିଷ୍ୟତ ଗଢ଼ିବା ଆମ ସମସ୍ତଙ୍କ କର୍ତ୍ତବ୍ୟ

**ଭୁବନେଶ୍ୱର,୨୯।୭ (ମହାଭାରତ):** ରାଜ୍ୟ ସଭାପତି ତଥା ସାଂସଦ ଶ୍ରୀ ମନମୋହନ ସାମଲ ଆଜି ଦିନିକିଆ ବଲାଙ୍ଗୀର ଜିଲ୍ଲା ଗସ୍ତରେ ଆସି ପ୍ରଥମେ ଟିଟିଲାଗଡଠାରେ ପହଂଚିଥିଲେ । ଏକ ବିରାଟ ଶୋଭାଯାତ୍ରାରେ ବ୍ୟାଙ୍କ ଛକ ପର୍ଯ୍ୟନ୍ତ ଯାଇ ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହା ପରେ ରାଜ୍ୟ ସଭାପତି ଶ୍ରୀ ସାମଲ ଟିଟିଲାଗଡ ସହରର ୧୩୬ ନମ୍ବର ବୁଥ୍‌ରେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀ ୧୩୬ ତମ "ମନ୍ କି ବାତ୍" ରେଡିଓ କାର୍ଯ୍ୟକ୍ରମକୁ ଶୁଣିବା ସହ ୧୫ ନମ୍ବର ୱାର୍ଡ ଅନ୍ତର୍ଗତ ୧୮୧ ନମ୍ବର ବୁଥ୍ କାର୍ଯ୍ୟକର୍ତାଙ୍କ ସହ ବୈଠକରେ ଯୋଗ ଦେଇ ସାଂଗଠନିକ ଏବଂ ବିଭିନ୍ନ ପ୍ରସଙ୍ଗରେ ଚର୍ଚ୍ଚା ଆଲୋଚନା କରିଥିଲେ । ଟିଟିଲାଗଡ ସହର ଦଳୀୟ କାର୍ଯ୍ୟାଳୟକୁ ଉଦଘାଟନ କରିଥିଲେ । ଏହି ଅବସରରେ ରାଜ୍ୟର ସ୍ୱାସ୍ଥ୍ୟ ମନ୍ତ୍ରୀ ଡ.ମୁକେଶ ମହାଲିଙ୍ଗ, ଟିଟିଲାଗଡ ବିଧାୟକ ଶ୍ରୀ ନବୀନ ଜୈନ, ରାଜ୍ୟ ଉପସଭାପତି ଶ୍ରୀ ଶିବାଜୀ ମହାନ୍ତି, ରାଜ୍ୟ ସଂପାଦକ ଶ୍ରୀ ସରୋଜ କର, ଜିଲ୍ଲା ପ୍ରଭାରୀ ତଥା ପୂର୍ବତନ ସାଂସଦ ପର୍ଶୁରାମ ମାଝୀ, ବଲାଙ୍ଗୀର ଜିଲ୍ଲା ସଭାପତି ଶ୍ରୀ ଶ୍ରୀବତ୍ସ ବେହେରା, ଏନ୍‌ଏସି ଅଧ୍ୟକ୍ଷା



ଶ୍ରୀମତୀ ମମତା ଦେବୀ ଜୈନ, ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ସଞ୍ଜୁ ନାଏକଙ୍କ ସମେତ ଜିଲ୍ଲାର ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ । ବର୍ଷା ଜଳ ସଂରକ୍ଷଣ ଆଜି ଜନ ଆନ୍ଦୋଳନରେ ପରିଣତ ହୋଇଛି। ବର୍ଷାର ପ୍ରତ୍ୟେକ ବୁନ୍ଦାକୁ ସଂରକ୍ଷଣ କରି ଭବିଷ୍ୟତ ପାଇଁ ଜଳ ସୁରକ୍ଷା ସୁନିଶ୍ଚିତ କରିବା ଆମ ସମସ୍ତଙ୍କ ଦାୟିତ୍ୱ। ମୋଦିଜୀ ମନ୍ କି ବାତ୍ କାର୍ଯ୍ୟକ୍ରମରେ ଏହି ପ୍ରସଙ୍ଗ ଉଠାଇବା ପରେ ବର୍ଷାଜଳ ସଂଗ୍ରହ, ଭୂତଳ ଜଳ ପୁନର୍ଭରଣ ଏବଂ ଜଳ ସଂରକ୍ଷଣ ପାଇଁ ରାଜ୍ୟବାସୀଙ୍କୁ ଅଧିକ ପ୍ରେରଣା ଯୋଗାଇବ। ନିଜ ଘର, କାର୍ଯ୍ୟାଳୟ ଓ ରହୁଥିବା ପରିବେଶରେ ଜଳ ସଂରକ୍ଷଣ ପାଇଁ ପଦକ୍ଷେପ ନେଇ ଏକ ଜଳ ସୁରକ୍ଷିତ ଭବିଷ୍ୟତ ଗଢ଼ିବା ଆମ ସମସ୍ତଙ୍କ କର୍ତ୍ତବ୍ୟ ବୋଲି ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ଶ୍ରୀ ସାମଲ କହିଛନ୍ତି।

ଏହା ପରେ ରାଜ୍ୟ ସଭାପତି ଶ୍ରୀ ସାମଲ କଂଟାବାଞ୍ଜୀ ଗସ୍ତ କରିଥିଲେ । ଏକ ବିରାଟ ମୋଟର ସାଇକଲ ଶୋଭାଯାତ୍ରାରେ ସ୍ୱାଗତ କରି ଦଳୀୟ ନେତୃବୃନ୍ଦ ଏବଂ କାର୍ଯ୍ୟକର୍ତାମାନେ ପାଛୋଟି ଆଣିଥିଲେ । କଂଟାବାଞ୍ଜୀଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ମୁରିବାହାଲ ବ୍ଲକ ଅଧକ୍ଷ ଶ୍ରୀ ହରିବନ୍ଧୁ ମେହେର, ଉପାଧକ୍ଷ ଯାଜ୍ଞସେନୀ ହାତୀ, ସମିତି ସଭ୍ୟ ତୁନାମଣି ମହାନନ୍ଦ, ତରୁଣୀ ଗହୀର, ଦୁଷ୍ମନ୍ତ ନାଗ, ଭୁମିସୁତା ବାଗ, ଜଳମ ପ୍ରଧାନୀ, ଭୀମସେନ ବାଗ, ସୁମିତ୍ରା ମାଝୀ, ଦିଲୀପ ଭୋଇ, କସ୍ତୁରୀ ତାଣ୍ଡି, ପୁଷ୍ପାଞ୍ଜଳୀ ଧରୁଆ, ଜୋତ୍ସାମୟୀ ରଣା, ତୁରେଇକେଲା ବ୍ଲକ ଅଧକ୍ଷା ପୁଜା ବେହେରାଙ୍କ ସମେତ ସମିତି ସଭ୍ୟ କବିତା ପୁଟେଲ, ପିତା ସମର୍ଥ, ପଦ୍ମା ଭୋଇ, ଗୁଲାପି ମହାନନ୍ଦ, ସୁନିତା ଧାରୁଆ, କୁମାରୀ ମହାନନ୍ଦ, ବଙ୍ଗୋମୁଣ୍ଡା ବ୍ଲକ ଅନ୍ତର୍ଗତ ମୁଣ୍ଡାପଦର, ଜୁରାବନ୍ଧ, ଠେମରା, ବଲଧା, ଅର୍ଶତୁଲା, ବିରପାଲି, ଭୁଷଲାଡ, ଚନ୍ଦ୍ରତାରା, ଗନ୍ଧାରିଆ, ଜାମଖୁଂଟା, ଝଲପ, କାନସିଲ, କପିଲଭଟ୍ଟା, ଖଇରା, ଅଲାଣ୍ଡ ସରପଂଚଙ୍କ ସମେତ ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ସମସ୍ତ ନୂତନ ସଦସ୍ୟ ଓ ସଦସ୍ୟାଙ୍କୁ ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ ଏବଂ ଅନ୍ୟାନ୍ୟ ନେତୃବୃନ୍ଦ ଟୋପି ଓ ଉତରୀୟ ପିନ୍ଧାଇ ସ୍ୱାଗତ ଜଣାଇଥିଲେ ।

# ବାଲିଅନ୍ତା ବ୍ଲକରେ ଅଭିଯୋଗ ଶୁଣାଣି

**ଭୁବନେଶ୍ୱର,୨୯।୭ (ମହାଭାରତ):** ବାଲିଅନ୍ତା ବ୍ଲକ କାର୍ଯ୍ୟାଳୟ ପରିସରରେ ପ୍ରତ୍ୟକ୍ଷ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ ହୋଇଯାଇଛି। ଖୋରଧା ଜିଲ୍ଲାପାଳ ଶ୍ରୀ ଅମ୍ରିତ ଋତୁରାଜଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ ଏହି ଯୁଗ୍ମ ଅଭିଯୋଗ ଶୁଣାଣିରେ ଜିଲ୍ଲାସ୍ତରୀୟ ବରିଷ୍ଠ ଅଧିକାରୀ ଓ ସ୍ଥାନୀୟ ଜନପ୍ରତିନିଧୀ ପ୍ରମୁଖ ଉପସ୍ଥିତ ଥିଲେ । ଜଣାଶୁଣାଣିକୁ ଆସିଥିବା ଜନସାଧାରଣମାନଙ୍କ ନିମନ୍ତେ ଆନୁସଙ୍ଗିକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା ।

ଆଜି ମୋଟ ୭୨ଟି ଆପତି ଅଭିଯୋଗ ଦାଖଲ ହୋଇଥିଲା ଓ ସେଥି ମଧ୍ୟରୁ ୪୫ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ୨୭ଟି ଗୋଷ୍ଠୀଗତ ଅଭିଯୋଗ ଥିଲା ।ସେଥି ମଧ୍ୟରୁ ୪ଗୋଟି ଅଭିଯୋଗକୁ ତୁରନ୍ତ ସମାଧାନ କରାଯାଇଥିଲା । ଦୁଇ ଜଣଙ୍କ ଆବେଦନକୁ ବିଚାରକୁ ନିଆଯାଇ ଜିଲ୍ଲା ରେଡ଼କ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଏତଦବ୍ୟତୀତ ସମସ୍ତ ଅଭିଯୋଗଗୁଡିକୁ ବିଚାରକୁ ନେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଜନସାଧାରଣଙ୍କୁ ସେବା ଯୋଗାଇ ଦେବା ଉପରେ ଅଧିକାରୀମାନେ ଗୁରୁତ୍ୱରୋପ କରିଥିଲେ। ଶୁଣାଣି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଜୟଦେବ ବିଧାୟକ ଶ୍ରୀ ନବକିଶୋର ମଲ୍ଲିକ,ଭୁବନେଶ୍ୱର ଉପଜିଲ୍ଲାପାଳ ଡଃ ମନୋରଞ୍ଜନ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଶ୍ରୀ ଜ୍ୟୋତି ଶଙ୍କର ସାହୁ, ବାଲିଅନ୍ତା ବିଡିଓ ଶ୍ରୀମତୀ ରଶ୍ମିତା ନାଥ, ତହସିଲଦାର ଶ୍ରୀ ଲୀଳନ ପ୍ରସାଦ ସାହୁ, ଜିଲ୍ଲା ସାଧାରଣ ଅଭିଯୋଗ ଆସିଷ୍ଟାନ୍ତ କଲେକ୍ଟର ଭୁବନେଶ୍ୱରୀ କହଁର, ଅନ୍ୟ ସମସ୍ତ ବିଭାଗୀୟ ଅଧିକାରୀ, ସ୍ଥାନୀୟ ଜନ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

# ପ୍ରଶିକ୍ଷଣ ନେବେ ରାଜନୀତି ବିଜ୍ଞାନର ପିଜିଟି ଶିକ୍ଷକ

**ଭୁବନେଶ୍ୱର,୨୯।୭ (ମହାଭାରତ):** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅନ୍ତର୍ଗତ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଅଧିନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ସରକାରୀ ଉନ୍ନୀତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ନିମନ୍ତେ ଦିଗଦର୍ଶନ କର୍ମଶାଳାର ଆୟୋଜନ କରାଯାଇଛି । ଶିରିପୁରସ୍ଥିତି ଇମେଜ୍ ଠାରେ ରାଜନୀତି ବିଜ୍ଞାନ, ସଂସ୍କୃତ ଓ ଅର୍ଥଶାସ୍ତ୍ରର ୧୨୦ ଜଣ ପିଜିଟି ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କୁ ନେଇ ଦିଗଦର୍ଶନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । ଉଦଘାଟନୀ ଅଧିବେଶନରେ ୟୁନିସେଫ୍ ର ରାଜ୍ୟ ଶିକ୍ଷା ବିଶେଷଜ୍ଞ ଶ୍ରୀମତୀ ଲଳିତା ପଟ୍ଟନାୟକ, ଉଚ୍ଚ ମାଧ୍ୟମିକ ନିର୍ଦ୍ଦେଶକ ଶ୍ରୀମତୀ ନିୟତୀ ପଟ୍ଟନାୟକ, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ସସ୍ମିତା ମାଳି, ଉପନିର୍ଦ୍ଦେଶକ ଶ୍ରୀମତୀ ସି.ଏଚ୍. ବିଜୟଲକ୍ଷ୍ମୀ, ୟୁନିସେଫ୍ ର ରାଜ୍ୟ ଶିକ୍ଷା ପରାମର୍ଶଦାତା ଶ୍ରୀମତୀ ଜୟାଜ୍ୟୋତି ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀମତୀ ଲଳିତା ପଟ୍ଟନାୟକ ଶିକ୍ଷା ପ୍ରଦାନ ନିମନ୍ତେ ଶିକ୍ଷା ଗ୍ରହଣର ଆବଶ୍ୟକତା ରହିଥିବା କହିଛନ୍ତି । କର୍ମଶାଳା ପିଜିଟିମାନଙ୍କ କାର୍ଯ୍ୟଶୈଳୀ ବୁଝିବାରେ ସାହାଯ୍ୟ କରିଥାଏ । ଜାତୀୟ ଶିକ୍ଷା ନୀତି ୨୦୨୦ ଛାତ୍ରକୈନ୍ଦ୍ରୀକ ଶିକ୍ଷା ଉପରେ ଧ୍ୟାନ ଦେଇଆସିଛି ତେଣୁ କର୍ମଶାଳାରେ ଅଂଶଗ୍ରହଣ କରି ଏହାର ଲାଭ ଉଠାଇବାକୁ ଶ୍ରୀମତୀ ପଟ୍ଟନାୟକ ମତ ପ୍ରକାଶ କରିଛନ୍ତି । ସେହିପରି ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀମତୀ ନିୟତୀ ପଟ୍ଟନାୟକ କର୍ମଶାଳାଟି ସମସ୍ତଙ୍କ ଆବଶ୍ୟକତାକୁ ନେଇ ପ୍ରସ୍ତୁତ କରାଯାଇଥିବା ସୂଚନା ଦେଇଛନ୍ତି । ସେ କହିଛନ୍ତି, ଦିଗଦର୍ଶନ କର୍ମଶାଳା ମାଧ୍ୟମରେ ଶିକ୍ଷକମାନେ ଯାହା ଶିଖିକି ଯାଇଥାନ୍ତି, ତାହା ଛାତ୍ରଛାତ୍ରୀମାନଙ୍କୁ ଦକ୍ଷ କରିବାରେ ସହାୟକ ହୋଇଥାଏ । ଏଥିସହ ଯୁଗ୍ମ ନିର୍ଦ୍ଦେଶକ ଶ୍ରୀମତୀ ମାଳି ସ୍ୱାଗତ ଅଭିଭାଷଣ ରଖି କର୍ମଶାଳାର ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଉପନିର୍ଦ୍ଦେଶକ ଶ୍ରୀମତୀ ସି.ଏଚ୍ ବିଜୟଲକ୍ଷ୍ମୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ୟୁନିସେଫ୍ ରାଜ୍ୟ ଶିକ୍ଷା ପରାମର୍ଶଦାତା ଶ୍ରୀମତୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ପିଜିଟି ଶିକ୍ଷକଶିକ୍ଷୟିତ୍ରୀଙ୍କୁ ନେଇ ଆୟୋଜିତ ଦିଗଦର୍ଶନ କର୍ମଶାଳା ଦୁଇଟି ପର୍ଯ୍ୟାୟରେ ଆୟୋଜନ କରାଯାଇଛି ।

# ସୋଆ ଏନ୍‌ଏସ୍‌ଏସ୍ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୯।୭ (ମହାଭାରତ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱ ବିଦ୍ୟାଳୟର ଜାତୀୟ ସେବା ଯୋଜନା (ଏନ୍‌ଏସଏସ୍) ଶାଖା ତରଫରୁ ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ (ଆଇଭିଏସ୍‌ଏଏଚ୍) ପରିସରରେ ଶନିବାର ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବୃକ୍ଷ ହିଁ ଜୀବନ। ବୃକ୍ଷ ଆମ ଜୀବନ ଓ ଜୀବିକା ସହିତ ଓତଃପ୍ରୋତ ଭାବେ ଜଡିତ। ବିନା ସର୍ତ୍ତ ବା ସ୍ୱାର୍ଥରେ ବୃକ୍ଷ ଆମକୁ ଖାଦ୍ୟ, ଔଷଧ, ଫଳ, ଫୁଲ, ଜାଳେଣି ଇତ୍ୟାଦି ଦେବା ସହ ଅମ୍ଳଜାନ ପ୍ରଦାନ କରି ଜୀବନ ସୁରକ୍ଷା କରେ। ବୃକ୍ଷର ଏପରି ନିସର୍ତ୍ତ ଉପକାରିତା ନେଇ ବ୍ୟାପକ ଭାବରେ ବୃକ୍ଷ ରୋପଣ କରିବାକୁ ଏଠାରେ ଏନ. ଏସ. ଏସ ତରଫରୁ ଆୟୋଜିତ ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ଅତିଥିମାନେ ନିଜ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଇଭିଏସଏଏଚ୍‌ର ସୁରକ୍ଷା, ଜଳସ୍ତର ବୃଦ୍ଧି ସହିତ ଚାଷ କ୍ଷେତ୍ରରେ ଉନ୍ନତି ଇତ୍ୟାଦି ଉପରେ



ଏନ୍‌ଏସ୍‌ଏସ୍ ପକ୍ଷରୁ ଆଇଭିଏସ୍‌ଏଏଚ୍ ପରିସରରେ ଏନ. ଏସ. ଏସର ଆବାହକ ଡ଼ଃ କମଳ ଲୋଚନ ମହାନ୍ତଙ୍କ ଅଧକ୍ଷତାରେ ବ୍ୟାପକ ବୃକ୍ଷ ରୋପଣ ଡିନ ପ୍ରଫେସର ସୁଶାନ୍ତ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବୃକ୍ଷ ରୋପଣ କରିବା ସହିତ ବୃକ୍ଷର ଉପକାରିତା, ବିଶ୍ୱ ଉତାପ ହ୍ରାସ, ପରିବେଶ ସୁରକ୍ଷା, ବନ୍ୟ ପ୍ରାଣୀ ଆଲୋକପାତ କରିଥିଲେ। ଯୁବ ଛାତ୍ରଛାତ୍ରୀ ମାନଙ୍କୁ ବ୍ୟାପକ ବୃକ୍ଷ ରୋପଣ କରି ପରିବେଶର ସନ୍ତୁଳନ ରକ୍ଷା କରିବାକୁ ପ୍ରଫେସର ଦାସ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଆଇଭିଏସ୍‌ଏଏଚର ନିର୍ଦ୍ଦେଶକ ତଥା ଆବାହକ ଓ ମନିଟରିଙ୍ଗ ପ୍ରଫେସର କୌତୁକ କୁମାର ସର୍ଦ୍ଦାର, କୃଷି ବିଜ୍ଞାନ ମହାବିଦ୍ୟାଳୟ (ଆଇଏଏସ)ର ଡିନ ପ୍ରଫେସର ସନ୍ତୋଷ କୁମାର ରାଉତ, ଏନ. ଏସ. ଏସ. ର ପ୍ରୋଗ୍ରାମ ଅଫିସର (ପ୍ରାଣୀ ଚିକିତ୍ସା ବିଜ୍ଞାନ) ତଥା ସହକାରୀ ଅଧ୍ୟାପକ ଦେବେନ୍ଦ୍ର ନାଥ ବିଶ୍ୱାଳ, କୃଷି ବିଜ୍ଞାନ ପ୍ରତିଷ୍ଠାନର ଏନ. ଏସ. ଏସ ଅଫିସର ସରୋଜ କୁମାର ମହାନ୍ତି, ଏନ. ସି. ସି ଅଫିସର ସନ୍ତୋଷ କୁମାର ସାହୁଙ୍କ ସମେତ ୨୫୦ ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀମାନେ ଅଂଶ ଗ୍ରହଣ କରି ବିଭିନ୍ନ ଗଛ ଯଥା - ବଉଳ, ଅଁଳା, ବେଲ, ଓଉ, ନିମ୍ବ, ସୁନାରୀ, ଜାମ୍ବୁ ଆଦିର ଚାରା ରୋପଣ କରିଥିଲେ।

# ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ

କେବଳ କେନ୍ଦ୍ର ସରକାର ନୁହଁନ୍ତି, ରାଜ୍ୟ ସରକାର ମଧ୍ୟ ନିଜସ୍ୱ ଆବାସ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ପ୍ରତିବର୍ଷ ବଜେଟରେ ଏଥିରେ ଏଥିରେ ବହୁ କୋଟି ଟଙ୍କା ବ୍ୟୟ ବରାଦ ହେଉଛି। କିନ୍ତୁ ଏହା ବି ସମସ୍ତଙ୍କ ପାଇଁ ଘର ସ୍ୱପ୍ନକୁ ସାକାର କରିପାରିନାହିଁ। ଶାସକ ଓ ବିରୋଧୀ ଉଭୟେ ପରସ୍ପର ବିରୋଧରେ ଆରୋପ ପ୍ରତ୍ୟାରୋପ କରି ଆସୁଛନ୍ତି। କଂଗ୍ରେସ ମଧ୍ୟ ଏଥିରେ ସାମିଲ ହେଉଛି। ଅତୀତରେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସିଥିବା ବେଳେ ଓଡ଼ିଶାରେ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଏବଂ କେନ୍ଦ୍ରରୁ ଏହି ଯୋଜନା ବାବଦରେ ଆସିଥିବା କୋଟି କୋଟି ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ କରିଥିଲେ। କେନ୍ଦ୍ରମନ୍ତ୍ରୀ କ'ଣ କହିଲେ ତାହା ଭିନ୍ନ କଥା। କିନ୍ତୁ ଏକଥାକୁ ସ୍ୱୀକାର କରିବାକୁ ପଡ଼ିବ ଯେ, ରାଜ୍ୟରେ ଅନେକ ସ୍ୱଚ୍ଛଳ ପରିବାର ଆବାସ ଯୋଜନାର ହିତାଧିକାରୀ ହୋଇଥିବା ବେଳେ ବହୁ ଗରିବ ଏଥିରୁ ବଂଚିତ ହୋଂଇଛନ୍ତି। ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣ ପାଇଁ ଏହି ଯୋଜନା ଫଳବତୀ ହୋଇପାରୁନି। ଲାଞ୍ଚ ନଦେଲେ ଆବାସ ମିଳୁନି ବୋଲି ଅଭିଯୋଗ ହେଉଛି। ଏହା ଅନେକାଂଶରେ ସତ୍ୟ ବୋଲି ସ୍ୱୀକାର କରିବାକୁ ପଡ଼ିବ। ଯାଜନାରେ ନିଶ୍ଚିତଭାବେ କେଉଁଠି ନା କେଉଁଠି କିଛି ତ୍ରୁଟି ରହିଯାଇଛି। କିଛି ଗରିବ ଲୋକ ଏହି ଯୋଜନାରୁ ବାଦ ପଡ଼ିଥିବା ବେଳେ ସ୍ଥଳ ବିଶେଷକରେ ସ୍ୱଚ୍ଛଳ ବର୍ଗର ଲୋକେ ଏହି ସୁବିଧା ମାରି ନେଉଛନ୍ତି। କିନ୍ତୁ ଏଥିପାଇଁ ଯୋଜନାକୁ ସମାଲୋଚନା କରାଯିବା ଅଥବା ଏହାକୁ ବନ୍ଦ କରିବାର ଯଥାର୍ଥତା ନାହିଁ। ଗରିବ ଲୋକଙ୍କୁ ସରକାର ମାଗଣାରେ କୋଠାଘର ଯୋଗାଇ ଦେବାକୁ ମଧ୍ୟ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ପୂର୍ବରୁ କଂଗ୍ରେସ ଶାସନ କାଳରେ ଇନ୍ଦିରା ଆବାସ ଯୋଜନା କରାଯାଇଥିଲା। ଏବେ ମୋଦି ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ରାଜ୍ୟ ସରକାର ମଧ୍ୟ ନିଜସ୍ୱ ପାଣ୍ଠିରେ ଆବାସ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଦୀର୍ଘ ବର୍ଷ ହେବ ଏହିସବୁ ଯୋଜନା କାର୍ଯ୍ୟକାରୀ ହୋଇ ଆସୁଥିଲେ ମଧ୍ୟ ଏବେ ବି ରାଜ୍ୟର ଲକ୍ଷ ଲକ୍ଷ ଗରିବ ଲୋକଙ୍କର ନିଜସ୍ୱ ଘର ଖଣ୍ଡିଏ ନାହିଁ। ଝାଟିମାଟି ଘର ବା ଚାଳଛପର ଘରେ ଲୋକେ ଅସୁରକ୍ଷିତ ଭାବେ ବସବାସ କରୁଛନ୍ତି। ୧୯୯୯ ମହାବାତ୍ୟାରେ ଉପକୂଳ ଓଡ଼ିଶାରେ ଅନେକ ଲୋକଙ୍କ ଘର ଭାଙ୍ଗିଗଲା। ସାମୁଦ୍ରିକ ଜୁଆରେ ଅନେକ ଭାସିଗଲେ। ସେତେବେଳେ କେନ୍ଦ୍ର ସରକାର ଉପକୂଳ ଓଡ଼ିଶାରେ ଲୋକଙ୍କୁ କୋଠାଘର ଯୋଗାଇ ଦେବାକୁ କୋଟି କୋଟି ଟଙ୍କା ସହାୟତା ପ୍ରଦାନ କଲେ। ଅନେକ ସ୍ଥାନରେ ବହୁମୁଖୀ ଆଶ୍ରୟ ସ୍ଥଳ ନିର୍ମାଣ କରାଗଲା। ପ୍ରାକୃତିକ ବିପର୍ଯ୍ୟୟ ବେଳେ ଏହା ବେଲ ସହାୟକ ହେଉଛି। କିନ୍ତୁ ଏବେ ବି ଉପକୂଳ ଓଡ଼ିଶାରେ ଅନେକ ଲୋକଙ୍କ ପକ୍କା ଘର ନାହିଁ। ଦୁର୍ନୀତି ଏବଂ ରାଜନୈତିକ ଅଭିସନ୍ଧି ରଖି ଅନେକ ସରକାରଙ୍କ ଯୋଜନାକୁ ବାଟବଣା କରୁଛନ୍ତି। ସ୍ଥାନୀୟ ନେତା, ସରକାରୀ କର୍ମଚାରୀମାନେ ଯୋଜନାକୁ ଅପହରଣ କରୁଛନ୍ତି। ଲାଞ୍ଚ ନଦେଲେ ଅନେକ ସ୍ଥାନରେ ଆବାସ ମିଳୁନି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ। ଏଭଳି ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଏବେ କେନ୍ଦ୍ର ସରକାର ରାଜ୍ୟକୁ ଆବାସ ଯୋଜନାରେ ୯.୫୯ ଲକ୍ଷ ଗୃହ ମଞ୍ଜୁର କରିଛନ୍ତି। ଏହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। କିନ୍ତୁ ଏହା କେତେଦୂର ସ୍ୱଚ୍ଛତାର ସହ କାର୍ଯ୍ୟକାରୀ ହେବ ତାହା ଦେଖିବାର କଥା। ଖାଲି ଯୋଜନା କରିଦେଲେ ହେବନି ବା ଏଥିପାଇଁ ଟଙ୍କା ମଞ୍ଜୁର କଲେ ହେବନି। ଏହାର କାର୍ଯ୍ୟକାରୀତା ପ୍ରତି ସମୁଚିତ ଦୃଷ୍ଟି ଦେବାକୁ ପଡ଼ିବ।

# ଯକ୍ଷ୍ମାର ଆରୋଗ୍ୟ ସମ୍ଭବ

|| ଡାକ୍ତର କାନ୍ତୀ ନାୟକ ||

ଯକ୍ଷ୍ମା ଜୀବାଣୁ ଜନିତ ରୋଗ। ଏହା ପବନ ଦ୍ୱାରା ଜଣେ ରୋଗୀ ଠାରୁ ଅନ୍ୟ ଜଣେ ସୁସ୍ଥ ଲୋକ ପାଖରେ ପହଞ୍ଚେ। ଏହା ସାଧାରଣତଃ ଫୁସ୍‌ଫୁସ୍‌ରୁ ଆରମ୍ଭ ହୁଏ। ଫୁସ୍‌ଫୁସ୍ ଯକ୍ଷ୍ମା ସବୁଠାରୁ ସାଧାରଣ ଯକ୍ଷ୍ମା ହୋଇଥିଲେ ମଧ୍ଧ ମସ୍ତିଷ୍କ, ଗର୍ଭାଶୟ, ପାଟି ଯକୃତ, ବୃକକ୍, ଗଳା ଏବଂ ହାଡ଼ ଆଦି ଶରୀରର କୌଣସି ସ୍ଥାନରେ ମଧ୍ଧ ଯକ୍ଷ୍ମା ସଂକ୍ରମଣ ହୋଇପାରେ। ଯକ୍ଷ୍ମା ଜୀବାଣୁ ପବନ ଦ୍ୱାରା ବ୍ୟାପେ। କାଶିବା, ଛିଙ୍କିବା ଦ୍ୱାରା ମୁହଁରୁ ବାହାରୁଥିବା ଛୋଟ ଛୋଟ ଛେପବୁନ୍ଦା ଏହି ସଂକ୍ରମଣ ବଢ଼ାଏ। ଯକ୍ଷ୍ମାରୋଗୀର ଖୁବ୍ ନିକଟରେ ବସି କଥାବାର୍ତ୍ତା କରିବା ଦ୍ୱାରା ମଧ୍ଧ ଏହି ସଂକ୍ରମଣ ହୋଇପାରେ। ତେବେ ଫୁସ୍‌ଫୁସ୍ ବ୍ୟତୀତ ଅନ୍ୟ କୌଣସି ଯକ୍ଷ୍ମା ଜଣକ ଠାରୁ ଅନ୍ୟଜଣକୁ ବ୍ୟାପେନାହିଁ। ଏହା ବ୍ୟତୀତ ଯକ୍ଷ୍ମା ବଂଶାନୁକ୍ରମିକ ରୋଗ ନୁହେଁ। ଯକ୍ଷ୍ମା ଜୀବାଣୁ ଶରୀରର ଯେଉଁ ଅଂଶରେ ଥାଏ ସେ ସେହି ଅଂଶର ଟିସୁଗୁଡ଼ିକୁ ସଂପୂର୍ଣ୍ଣ ନଷ୍ଟ କରିଦିଏ। ଫଳରେ ସେହି ଅଙ୍ଗର କାମ ପ୍ରଭାବିତ ହୁଏ। ଉଦାହରଣ ସ୍ୱରୂପ ଫୁସ୍‌ଫୁସ୍‌ରେ ଯକ୍ଷ୍ମା ହେଲେ ଏହା ଫୁସ୍‌ଫୁସ୍‌କୁ ଧୀରେ ଧୀରେ ନଷ୍ଟ କରିଦିଏ। ଗର୍ଭାଶୟରେ ହେଲେ ଏହା ପ୍ରଜନନ କ୍ଷମତା ନଷ୍ଟକରି ଦିଏ। ହାଡ଼ରେ ଯକ୍ଷ୍ମା ହେଲେ ହାଡ଼ ସଂପୂର୍ଣ୍ଣ ଭାବେ ସଢ଼ିଯାଏ। ମସ୍ତିଷ୍କରେ ହେଲେ ରୋଗୀକୁ ମସ୍ତିଷ୍କାଘାତ ହୁଏ ଏବଂ ଯକୃତରେ ହେଲେ ପେଟରେ ପାଣିଜମିଯାଏ।

ରୋଗର ଲକ୍ଷଣ : ଦୁଇ ସପ୍ତାହରୁ ଅଧିକ ଦିନ ପର୍ଯ୍ୟନ୍ତ କାଶ ଲାଗି ରହିଲେ, କାଶରେ କଫ ପଡ଼ିଲେ, ବେଳେବେଳେ କଫରେ ରକ୍ତ ଆସିଲେ, ଭୋକ ଲାଗିବା କମ୍ ହୋଇଗଲେ, ଲଗାତାର ଓଜନ କମ୍ ହେଲେ, ସନ୍ଧ୍ୟା ବା ରାତିରେ ଜ୍ୱର ଆସିଲେ, ଥଣ୍ଡାରେ ମଧ୍ଧ ଝାଳ ବାହାରିଲେ, ନିଶ୍ୱାସ ନେବା ବେଳେ ଛାତିରେ ଯନ୍ତ୍ରଣା ହେଲେ ଏହାକୁ ଯକ୍ଷ୍ମାର ଲକ୍ଷଣ ବୋଲି ସନ୍ଦେହ କରିପାରନ୍ତି। କିନ୍ତୁ ବେଳେ ବେଳେ ଉପରୋକ୍ତ କୌଣସି ଲକ୍ଷଣ ନଥାଇ ମଧ୍ଧ ଯକ୍ଷ୍ମା ସଂକ୍ରମଣ ହୋଇପାରେ। ଯକ୍ଷ୍ମାର ଅନେକ ଲକ୍ଷଣ କ୍ୟାନସର ଏବଂ ବ୍ରୋଙ୍କାଇଟିସ୍‌ର ଲକ୍ଷଣ ସହ ମେଳ ଖାଏ। ତେବେ ବ୍ରୋଙ୍କାଇଟିସ୍‌ରେ ନିଶ୍ୱାସ ନେବାକୁ କଷ୍ଟ ହୁଏ ଏବଂ ନିଶ୍ୱାସ ନେଲା ବେଳେ ସିଟି ବଜାଇବା ପରି ଶବ୍ଦ ହୁଏ। ଫୁସ୍‌ଫୁସ୍ କ୍ୟାନସର ହୋଇଥିଲେ ପାଟିରୁ ରକ୍ତ ବାହାରେ। ଓଜନ ମଧ୍ଧ କମି ଯାଏ। କିନ୍ତୁ ସାଧାରଣତଃ ଜ୍ୱର ହୁଏ ନାହିଁ। ଟିବି ହେଲେ ନିଶ୍ୱାସ ନେବାକୁ କଷ୍ଟହୁଏନି କିନ୍ତୁ ଜ୍ୱର ହୁଏ।

କାହାପାଇଁ ବିପଦ ଅଧିକ : ଯେଉଁମାନେ ଠିକ୍‌ରେ ଖାଇବା ପିଇବା କରନ୍ତି ନାହିଁ ସେମାନଙ୍କ ପ୍ରତି ଯକ୍ଷ୍ମାର ଆଶଙ୍କା ଅଧିକ। କାରଣ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ହେଲେ ଜୀବାଣୁକୁ ପ୍ରତିରୋଧ କରିବା କଷ୍ଟକର ହୋଇଯାଏ। ଯେତେବେଳେ କମ୍ ସ୍ଥାନରେ ଅଧିକ ଲୋକ ରୁହନ୍ତି ସେତେବେଳେ ଯେକୌଣସି ସଂକ୍ରମଣ ଅଧିକ ବଢ଼େ। ଅନ୍ଧାରିଆ, ସନ୍ତସନ୍ତିଆ ଏବଂ ଶିଉଳି ଥିବା ସ୍ଥାନରେ ଯକ୍ଷ୍ମା ସଂକ୍ରମଣ ଅଧିକ ହୁଏ। କାରଣ ଏହା ଯକ୍ଷ୍ମା ଜୀବାଣୁ ବୃଦ୍ଧି ପାଇଁ ଉତ୍କୃଷ୍ଟ ପରିବେଶ। ଏହା ଯେ କୌଣସି ବ୍ୟକ୍ତିକୁ ମଧ୍ଧ ହୋଇପାରେ। କାରଣ ଏହା ଏକ ବାୟୁବାହିତ ରୋଗ। ଏହା ବ୍ୟତୀତ ଧୂମପାନ କରୁଥିବା ବ୍ୟକ୍ତିମାନଙ୍କୁ ଯକ୍ଷ୍ମାର ଆଶଙ୍କା ସବୁଠାରୁ ଅଧିକ। ମଧୁମେହ ରୋଗୀ, ଷ୍ଟେରଏଡ୍ ନେଉଥିବା ବ୍ୟକ୍ତି ଏବଂ ଏଚ୍‌ଆଇଭି ରୋଗୀଙ୍କ ପ୍ରତି ଯକ୍ଷ୍ମାର ଅଧିକ ବିପଦ ରହିଛି। ମୋଟାମୋଟି କହିବାକୁ ଗଲେ ଯେଉଁମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କମ୍ ସେମାନଙ୍କୁ ଯକ୍ଷ୍ମା ହେବାର ଆଶଙ୍କା ଅଧିକ।

ରୋଗ ଚିହ୍ନଟ : ଶରୀରର ଯେଉଁ ଅଂଶରେ ଯକ୍ଷ୍ମା ଅଛି ତାହା ଅନୁଯାୟୀ ପରୀକ୍ଷା କରାଯାଏ। ଫୁସ୍‌ଫୁସ୍ ଯକ୍ଷ୍ମା ପାଇଁ କଫ ପରୀକ୍ଷା କରାଯାଏ। ଏଥିପାଇଁ ପ୍ରାୟ ୨୦୦ଟଙ୍କା ଖର୍ଚ୍ଚ ହୁଏ। ସରକାରୀ ଡାକ୍ତରଖାନା ଏବଂ ଡଟ୍‌ସ ସେଣ୍ଟରରେ ଏହି ପରୀକ୍ଷା ମାଗଣାରେ କରାଯାଏ। କଫ ପରୀକ୍ଷାରୁ ଯକ୍ଷ୍ମା ଧରାନପଡ଼ିଲେ ଏଏଫ୍‌ବି କଲଚର କରିବାକୁ ହୁଏ।

ଚିକିତ୍ସା : ଯକ୍ଷ୍ମାର ସଂପୂର୍ଣ୍ଣ ଚିକିତ୍ସା ସମ୍ଭବ। ସରକାରୀ ଡାକ୍ତରଖାନା ଓ ଡଟ୍‌ସ ସେଣ୍ଟରରେ ମାଗଣା ଚିକିତ୍ସା କରାଯାଏ। ତେବେ ସବୁଠୁ ବଡ଼ କଥା ହେଉଛି ସଂପୂର୍ଣ୍ଣ ଆରୋଗ୍ୟ ହେବା ପର୍ଯ୍ୟନ୍ତ ଚିକିତ୍ସା ଜାରି ରଖିବା ଦରକାର। ମଝିରେ ଔଷଧ ଖାଇବା ବନ୍ଦ କରିଦେଲେ ରୋଗ ଜୀବାଣୁଗୁଡ଼ିକର ଔଷଧ ବିରୋଧରେ ପ୍ରତିରୋଧକ କ୍ଷମତା ବିକଶିତ ହୋଇଯାଏ। ଏହାଦ୍ୱାରା ଚିକିତ୍ସା କଷ୍ଟକର ହୁଏ, ସାଧାରଣ ଔଷଧ ପ୍ରଭାବଶାଳୀ ହୁଏ ନାହିଁ। ଏହି ସ୍ଥିତିକୁ ମଲ୍‌ଟି ଡ୍ରଗ୍ ରେଜିଷ୍ଟାଣ୍ଟ ଏବଂ ଏକ୍ସଟେନ୍‌ସିବୁଲ ଡ୍ରଗ ରେଜିଷ୍ଟାଣ୍ଟ କୁହାଯାଏ। ସାଧାରଣତଃ ପ୍ରତି ୧୦୦ଟି ଘଟଣାରେ ଦୁଇଟି ମାମଲା ଏମ୍‌ଡିଆର୍ ଏବଂ ଏମ୍‌ଡିଆର ମାମଲାରେ ୭ ପ୍ରତିଶତ ଏକ୍ସଡିଆର ସ୍ଥିତି ଥାଏ। ଏହା ଖୁବ୍ ବିପଜ୍ଜନକ ସ୍ଥିତି। ଏହି ରୋଗର ଚିକିତ୍ସା ଅଧିକ ମହଙ୍ଗା ନୁହେଁ। କିନ୍ତୁ ଏକ୍ସଡିଆର ଏବଂ ଏମ୍‌ଡିଆର ମାମଲାରେ ଚିକିତ୍ସା ମହଙ୍ଗା ହୋଇଯାଏ। ଦୀର୍ଘ ସମୟ ଅର୍ଥାତ୍ ୬ମାରୁ ୨ ବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ପଡ଼େ। ସାଧାରଣ ଏବଂ ଗର୍ଭାଶୟ ଯକ୍ଷ୍ମାର ଚିକିତ୍ସା ୬ମାସ ପର୍ଯ୍ୟନ୍ତ, ଅସ୍ଥି ଏବଂ ବୃକକ୍ ଯକ୍ଷ୍ମା ପାଇଁ ୯ ମାସ ଏବଂ ଏମ୍‌ଡିଆର୍/ଏକ୍ସଡିଆର ଚିକିତ୍ସା ପାଇଁ ଦୁଇବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ହୁଏ। ଔଷଧ ଆରମ୍ଭ କରିବାର ଦୁଇ ସପ୍ତାହରୁ ଦୁଇମାସ ପର୍ଯ୍ୟନ୍ତ ଯକ୍ଷ୍ମା ରୋଗୀ ଦ୍ୱାରା ଅନ୍ୟକୁ ଯକ୍ଷ୍ମା ହେବାର ଆଶଙ୍କା ରହିଛି। କାରଣ ଔଷଧ ଖାଇଲେ ମଧ୍ଧ ସେ ସମୟ ମଧ୍ଧରେ ବ୍ୟାକ୍ଟେରିଆ ସକ୍ରିୟ ଥାଏ। ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ଥିଲେ ଏହି ଜୀବାଣୁ ଅଧିକ ସକ୍ରିୟ ହୋଇଯାଏ। ଅନେକ ସମୟରେ ଯକ୍ଷ୍ମାର ଜୀବାଣୁ ଶରୀରରେ ଥିଲେ ମଧ୍ଧ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ଥିଲେ ଏହା ସଂକ୍ରମିତ ହୋଇପାରେ ନାହିଁ। ରୋଗୀ ଭିଡ଼ ସ୍ଥାନରୁ, ଅନ୍ଧାର ଏବଂ ସନ୍ତସନ୍ତିଆ ସ୍ଥାନକୁ ନଯିବା ଉଚିତ। ଏହି ରୋଗୀକୁ ଅନ୍ୟମାନଙ୍କ ଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। ରୋଗୀକୁ ମାକ୍ସ ପିନ୍ଧାଇ ରଖନ୍ତୁ। ରୋଗୀକୁ ପବନ ଚଳାଚଳ କରୁଥିବା ଏବଂ ଭଲ ଆଲୋକ ପଡୁଥିବା କୋଠରୀରେ ରଖନ୍ତୁ। କିନ୍ତୁ ରୋଗୀ ଥିବା କୋଠରୀରେ ଏସି ଲଗାନ୍ତୁ ନାହିଁ। କାରଣ ଏସି ମଧ୍ଧରେ ଜୀବାଣୁ ରହି ଅନ୍ୟଙ୍କୁ ସଂକ୍ରମିତ କରିବେ।

ମହିଳାଙ୍କୁ ଯକ୍ଷ୍ମା : ମହିଳାଙ୍କ ଗର୍ଭାଶୟ ଯକ୍ଷ୍ମା ଆକ୍ରାନ୍ତ ହେଲେ ପ୍ରଜନନ କ୍ଷମତା ପ୍ରଭାବିତ ହୁଏ। ତେବେ ପ୍ରାଥମିକ ଅବସ୍ଥାରୁ ଉପଯୁକ୍ତ ଚିକିତ୍ସା ଦ୍ୱାରା ଏଥିରୁ ଆରୋଗ୍ୟ ସମ୍ଭବ। ଗର୍ଭବତୀ ମହିଳା ଯକ୍ଷ୍ମା ସଂକ୍ରମିତ ହୋଇଥିଲେ ସାଧାରଣତଃ ଏହି ରୋଗ ଶିଶୁ ପାଖକୁ ଯାଏ ନାହିଁ। ତେବେ ଏଭଳି କ୍ଷେତ୍ରରେ ଶିଶୁ ଜନ୍ମ ହେବା ପରେ ତୁରନ୍ତ ଯକ୍ଷ୍ମା ପ୍ରତିଷେଧକ ଔଷଧ ଦିଆଯାଏ।

ରୋଗୀ କ'ଣ କରିବେ / କ'ଣ ନକରିବେ : ତିନି ସପ୍ତାହରୁ ଅଧିକ ଦିନ କାଶ ଲାଗି ରହିଲେ ଡାକ୍ତରଙ୍କୁ ଦେଖାନ୍ତୁ। ଔଷଧର ସଂପୂର୍ଣ୍ଣ କୋର୍ସ ନିୟମିତ ଭାବରେ ଖାଇ ପୂରଣ କରନ୍ତୁ। କାଶିବା ସମୟରେ ମୁହଁ ଓ ନାକ ନାପ୍‌କିନ୍‌ରେ ଘୋଡାଇ ରଖନ୍ତୁ। ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ବିଡ଼ି, ସିଗାରେଟ୍, ତମାଖୁ ଓ ମଦ ଆଦିରୁ ଦୂରେଇ ରୁହନ୍ତୁ। ତେବେ ଖୋଲା ସ୍ଥାନରେ ଛେପ ପକାନ୍ତୁ ନାହିଁ। କେବଳ ଏକ୍ସରେ ଉପରେ ଭରସା କରନ୍ତୁ ନାହିଁ କିମ୍ବା ଡାକ୍ତରଙ୍କୁ ନପଚାରି ଔଷଧ ବନ୍ଦ କରନ୍ତୁ ନାହିଁ। ଡଟ୍‌ସ ଅର୍ଥାତ ଡାଇରେକ୍ଟିଲି ଅବ୍‌ଜର୍ଭଡ୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ ଯକ୍ଷ୍ମା ଚିକିତ୍ସା ଅଭିଯାନ। ଏଥିରେ ଯକ୍ଷ୍ମା ରୋଗର ମାଗଣା ପରୀକ୍ଷା ଠାରୁ ଆରମ୍ଭ କରି ମାଗଣା ଚିକିତ୍ସା ଅନ୍ତର୍ଭୁକ୍ତ। ଏହି ଅଭିଯାନରେ ସ୍ୱାସ୍ଥ୍ୟକର୍ମୀ ରୋଗକୁ ନିଜ ଆଗରେ ଔଷଧ ଖୁଆନ୍ତି। ଯଦ୍ୱାରା ରୋଗୀ ଔଷଧ ଖାଇବାକୁ ଭୁଲିନଯିବ। ସ୍ୱାସ୍ଥ୍ୟକର୍ମୀ ରୋଗୀ ଓ ପରିବାରର କାଉନ୍‌ସେଲିଂ କରନ୍ତି। ଏଥିସହ ଚିକିତ୍ସା ସଂପୂର୍ଣ୍ଣ ପରେ ମଧ୍ଧ ରୋଗୀ ଉପରେ ନଜର ରଖନ୍ତି। ଏହାଦ୍ୱାରା ୯୫ ପ୍ରତିଶତ ରୋଗୀ ସଂପୂର୍ଣ୍ଣ ଆରୋଗ୍ୟ ହୋଇପାରନ୍ତି। ତେବେ କୌଣସି ବ୍ୟକ୍ତି ନିଜ ଅସାବଧାନତା ଯୋଗୁଁ ଯକ୍ଷ୍ମା ରୋଗ ବଢ଼ାଇଲେ ଏଥିପାଇଁ ଆଇନ୍‌ରେ ଦଣ୍ଡ ବ୍ୟବସ୍ଥା ରହିଛି। ନିଜର ଠିକ୍ ଚିକିତ୍ସା ନ କରିବା ଏବଂ ଏହାକୁ ଅନ୍ୟମାନଙ୍କ ମଧ୍ଧରେ ସଂକ୍ରମଣ କରାଇବା ଅଭିଯୋଗରେ ୬ମାସ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ। ଏକ୍ସଡିଆର ଯକ୍ଷ୍ମା ସଂକ୍ରମଣ କରାଇବା ଦ୍ୱାରା ବର୍ଷେ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ। ଆଜି ବି ଲୋକମାନଙ୍କର ଧାରଣା ରହିଛି ଯକ୍ଷ୍ମା ଗରିବ ଲୋକମାନଙ୍କୁ ହିଁ ହୁଏ ଏବଂ ଏହାର ଚିକିତ୍ସା ସମ୍ଭବ ନୁହେଁ। ଯେଉଁ ଲୋକମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନଙ୍କ ମନରେ ଏହି ଧାରଣା ରହିଯାଏ। କିନ୍ତୁ ପ୍ରକୃତ କଥା ହେଉଛି ଯେଉଁମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନେ ମଝିରୁ ଔଷଧ ବନ୍ଦ କରିଥାଆନ୍ତି। ସୁପରଷ୍ଟାର ଅମିତାଭ ବଚ୍ଚନଙ୍କୁ ଯକ୍ଷ୍ମା ହେବା ସୂଚାଉଛି ଯେ କେବଳ ଗରିବ ନୁହେଁ ଯେ କୌଣସି ବ୍ୟକ୍ତିକୁ ଏହି ରୋଗ ଆକ୍ରମଣ କରିପାରେ। ତେବେ ଗରିବ ଲୋକଙ୍କର ଖାଇବା ପିଇବା ଠିକ୍ ନଥିବାରୁ ସେମାନଙ୍କର ପ୍ରତିରୋଧକ ଶକ୍ତି କମ୍ ଥାଏ ଏବଂ ଏହି ଜୀବାଣୁ ଶୀଘ୍ର ଆକ୍ରମଣ କରିନିଏ। ଅନେକ ବିଶ୍ୱାସ କରନ୍ତି ଗର୍ଭବତୀ ମହିଳା ଯକ୍ଷ୍ମା ଔଷଧ ଖାଇବା ଉଚିତ ନୁହେଁ। କିନ୍ତୁ ପ୍ରକୃତ କଥା ହେଉଛି ଏହି ଔଷଧ ଦ୍ୱାରା ଗର୍ଭସ୍ଥ ଶିଶୁ ଉପରେ କୌଣସି ଖରାପ ପ୍ରଭାବ ପଡ଼େନାହିଁ। ଆଉ କେତେକ ଲୋକ ମନେ କରନ୍ତି ସରକାରୀ କେନ୍ଦ୍ରର ଔଷଧ କାମ କରେନାହିଁ। ପ୍ରକୃତ କଥା ହେଉଛି ଯକ୍ଷ୍ମା ପ୍ରଥମ ସ୍ତରରେ ଥିଲେ ୯୫ ପ୍ରତିଶତ କ୍ଷେତ୍ରରେ ଶୀଘ୍ର ଆରୋଗ୍ୟ ସମ୍ଭବ ହୁଏ। କିନ୍ତୁ ଔଷଧ ଠିକ୍ ଭାବରେ ନଖାଇଲେ ଯକ୍ଷ୍ମା ଦ୍ୱିତୀୟ ସ୍ତରକୁ ଚାଲିଯାଏ ଏବଂ ଆରୋଗ୍ୟର ସମ୍ଭାବନା ୬୦ ପ୍ରତିଶତକୁ ଖସିଆସେ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ,


ରୋଗୀ କ'ଣ କରିବେ / କ'ଣ ନକରିବେ : ତିନି ସପ୍ତାହରୁ ଅଧିକ ଦିନ କାଶ ଲାଗି ରହିଲେ ଡାକ୍ତରଙ୍କୁ ଦେଖାନ୍ତୁ। ଔଷଧର ସଂପୂର୍ଣ୍ଣ କୋର୍ସ ନିୟମିତ ଭାବରେ ଖାଇ ପୂରଣ କରନ୍ତୁ। କାଶିବା ସମୟରେ ମୁହଁ ଓ ନାକ ନାପ୍‌କିନ୍‌ରେ ଘୋଡାଇ ରଖନ୍ତୁ। ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ବିଡ଼ି, ସିଗାରେଟ୍, ତମାଖୁ ଓ ମଦ ଆଦିରୁ ଦୂରେଇ ରୁହନ୍ତୁ। ତେବେ ଖୋଲା ସ୍ଥାନରେ ଛେପ ପକାନ୍ତୁ ନାହିଁ। କେବଳ ଏକ୍ସରେ ଉପରେ ଭରସା କରନ୍ତୁ ନାହିଁ କିମ୍ବା ଡାକ୍ତରଙ୍କୁ ନପଚାରି ଔଷଧ ବନ୍ଦ କରନ୍ତୁ ନାହିଁ। ଡଟ୍‌ସ ଅର୍ଥାତ ଡାଇରେକ୍ଟିଲି ଅବ୍‌ଜର୍ଭଡ୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ ଯକ୍ଷ୍ମା ଚିକିତ୍ସା ଅଭିଯାନ।


# ଘେରାଏ ପୃଥିବୀର ଅସରନ୍ତି ମଣିଷ

|| ଡ଼ଃ.ଅରୁନ୍ଧତୀ ଦେବୀ ||

ଆମେ ଯିଏ ଯେତେ, ଆମ ସଂସାରର ପୃଥିବୀବି ସେତିକି। ଦୂର ଯେତିକି, ନିକଟ ବି ସେତିକି। ଚିହ୍ନା ଯେତିକି, ଅଚିହ୍ନା ବି ସେତିକି। କୁଳାଣ ଯେତିକି ଅକୁଳଣ ବି ସେତିକି। ଆମେ ଆମ ପୃଥିବୀକୁ ଯେତିକି ଲାଗିଛୁ, ସେତିକି ବି ବିଲଗ ହୋଇଛୁ। ତେଣୁ ଅନେକ ଖନ୍ଦାରୁ ଦେଖିଲେ ଆମେ ପୃଥିବୀର ଅଗଣାକୁ ବୁଝିପାରି ନାହୁଁ, ନିବିଡ଼ ଏଇ ଓଡ଼ିଶା ଭୂଇଁରେ ଆମେ କେତେ କେତେ ମାପରେ ଆତଯାତ ହେଉଥିଲେ ହେଁ ଆମେ କେତେ ବାଗିର ସରି ସରି ଯାଉଛୁ ଆମ ଘେରାଏ ଏଇ ପୃଥିବୀର ସଂସାର ନିକଟରେ। ଆମ ଜଣା ଅଜଣା ଅନେକଙ୍କ ନିକଟରେ ପ୍ରିୟ ଚିତ୍ତଭାଇ (ପ୍ରଫେସର ଚିତ୍ତରଞ୍ଜନ ଦାସ) ଏହିପରି ବେଭାରରେ ଜଣେ ସଲଖ ମଣିଷ ହୋଇ ବଞ୍ଚିରହିଥିଲେ, ଯାହାଙ୍କ ନିକଟରେ ଏହି ଘେରାଏ ପୃଥିବୀ ସଂସାର ଜ୍ଞାନରେ ଏମୁଣ୍ଡରୁ ସେମୁଣ୍ଡ ଯାଏଁ ଆବୋରି ରହିଥିଲା। ମଣିଷ ସରି ସରି ଆସେ, କେତେ କେତେ ପଣର ଅନ୍ଦାଜ ଗୁଡ଼ିକରୁ। ମାତ୍ର ଚିତ୍ତଭାଇ ନିଜ ନିଦାପଣରେ ଅସରନ୍ତି ହୋଇ ଚାଲୁଥିଲେ। ଆଉ ସମସ୍ତଙ୍କ ଦିହରେ ଅସରନ୍ତି ମଣିଷର ବୈଚିତ୍ର୍ୟଯୁକ୍ତ ମହିମାକୁ କେତେ ଠାଣିରେ ଆଘ୍ରାଣ କରିନେଇଥିଲେ। କେମିତି କେଜାଣି ବିଧି ତାଙ୍କୁ କେଉଁ ଧାତୁରେ ଗଢ଼ିଥିଲା କେଜାଣି, ଏଇ ସଲଖ ମଣିଷ ଜଣକଯେ କେତେଦୂର ନଇଁ ଆସନ୍ତି ଓ ନଇଁ ପାରନ୍ତି ତାହା ବିସ୍ମୟାଭିଭୂତ କରିଦିଏ। ହଁ, କହିହେବ, ସ୍କୁଲ ଶିକ୍ଷାର ଅମିଳନ ଶିକ୍ଷକବୃନ୍ଦଙ୍କୁ, ସହପାଠୀଙ୍କୁ ଯିଏ ପ୍ରିୟ ଚିତ୍ତଭାଇଙ୍କ ଆଖିର ମହିମାକୁ, ହୃଦୟର ଗଭୀରତାକୁ ଆହୁରି ବାଂଙମୟ କରିବାରେ ଆଲକେମି ପରି କାର୍ଯ୍ୟ କରିଥିଲେ। ଦେଶ ସ୍ୱାଧୀନ ହୋଇ ଆସିବାର ସକ୍ରିୟ ସଙ୍କେତ ଗୁଡ଼ିକ ମିଳିଯାଉଥିବା ଜାଣି ଚିତ୍ତରଂଜନ ଶାନ୍ତିନିକେତନର ବିଦ୍ୟାର୍ଥୀ ହେବାକୁ ଅଭିଳାଷ ପୋଷଣ କରିଥିଲେ। ଶାନ୍ତିନିକେତନରୁ କୋପେନହେଗେନ୍ ଏବଂ ତହିଁ ଉତ୍ତାରୁ କେତେ କେତେ ସ୍ୱପ୍ନର ଅଭିଳାଷରେ ମୁଖର ଚିତ୍ତରଂଜନ ଶିକ୍ଷକ ହେବାର ପ୍ରତିଜ୍ଞାରେ ନିଜ ଚିନ୍ତନକୁ ଭିଜାଇ ଦେବାରେ ଉଛୁର କରିନଥିଲେ। ବିଦେଶମାଟିର କେତେ କେତେ ପରିବର୍ତ୍ତନକାମୀ ବିଚ଼ର, ବ୍ୟବସ୍ଥା, ଜାଗରଣ, ଉଦ୍‌ବେଳନ, ବିଦ୍ୟା, ଅଭିପ୍ରାୟ, ନୈକଟ୍ୟକୁ କଦର କରିପାରିଥିବା ଚିତ୍ତରଂଜନ ଓଡ଼ିଶାକୁ ଛୁଉଁ ଛୁଉଁ ଜନ୍ମମାଟି ବାଗଲପୁରକୁ ନଯାଇ ଅନୁଗୁଳର ଚମ୍ପତିମୁଣ୍ଡାରେ ଜୀବନ ବିଦ୍ୟାଳୟ ତୀର୍ଥ-ଦର୍ଶନରେ ନିଜକୁ ମୁହାଁଇ ଆଣିଥିଲେ। ଅଗ୍ନିକନ୍ୟା ଶ୍ରୀମତୀ ମାଳତୀ ଚୌଧୁରୀ (ନୁମା) ଓ ଭୂଇଁଛୁଆଁ ମଣିଷ ବାପି (ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ)ଙ୍କ ହାତ ଗଢ଼ା ଅନୁଷ୍ଠାନ ବାଜିରାଉତ ଛାତ୍ରାବାସରୁ ରାସ୍ତା ପଡ଼ିଲା ଚମ୍ପତିମୁଣ୍ଡା-ଜୀବନ ବିଦ୍ୟାଳୟକୁ। ତମସାତୀରର ତୀର୍ଥଦର୍ଶନ-ଜୀବନ ବିଦ୍ୟାଳୟ। ୧୯୫୨ ମସିହାରେ ପ୍ରତିଷ୍ଠା ହେଲା ଜୀବନ ବିଦ୍ୟାଳୟ। ସତ୍ୟବାଦୀ ବନ ବିଦ୍ୟାଳୟ ଲୋକଲୋଚନରେ ଯେତେ ଚର୍ଚ୍ଚିତ, ଚମ୍ପତିମୁଣ୍ଡାର ଜୀବନ ବିଦ୍ୟାଳୟ-ଓଡ଼ିଶାର ଆଲୋଚନା ଅଙ୍ଗନରେ ତତୋଧିକ ଅବହେଳିତ। ମାତ୍ର ଜୀବନ-ବିଦ୍ୟାଳୟର ପୁଣ୍ୟ ସକାଳକୁ ଫୁଟାଇ ପାରୁଥିବା ଚିତ୍ତରଂଜନଙ୍କୁ କ୍ରମଶଃ ଅପସାରଣ କରିଦିଆଯାଇଥିଲା। ଏକମାତ୍ର ପୁସ୍ତକ /ଦଲିଲ୍- "ଝଲିଛି ନିକର" (ଲେଖକ- ଶ୍ରୀ ନନିଗୋପାଲ ପାଲିତ, ଜୀବନ-ବିଦ୍ୟାଳୟର ଛାତ୍ର, ପ୍ରକାଶକ - ଶିକ୍ଷା ସନ୍ଧାନ) ରେ ଜୀବନ-ବିଦ୍ୟାଳୟ କାହିଁକି ଓ କିପରି ନିଷ୍ପନ୍ଦ ପାଲଟିଗଲା ତାହାର କୋହ-ବିବରଣ ସନ୍ନିବେସିତ। କଟକ ଜେଲ୍‌ରେ ସ୍ୱାଧୀନତା ସଂଗ୍ରାମୀଙ୍କ ମେଳରେ ନିଜ ବ୍ରତକୁ ପଅଟାଇଥିବା ଚିତ୍ତରଂଜନ ଜୀବନ ବିଦ୍ୟାଳୟର ଉଭୟ ପରିଣତି ଓ ପଣତକୁ ଦେଖି ନିଶ୍ଚୟ ବିବ୍ରତ ହୋଇଥିବେ କି ନାହିଁ, ତାହା କିଏ ଅବା କହିବ ! ଏବେବି ଅଛନ୍ତି ଛାତ୍ର ଶ୍ରୀ ଶଶିଭୂଷଣ ପାଣିଗ୍ରାହୀ, ବୁର୍ଲା, ସମ୍ବଲପୁରରେ। କାଳ ଲମ୍ବି ଲମ୍ବି ଯାଉଥିବ। ଚିହ୍ନମାନ କେଜାଣି ହଜିଯିବେ ! ଘେରାଏ ପୃଥିବୀର ପଣତରେ ଏଇ ଅମଳିନ ବିଦ୍ରୋହୀ ଆତ୍ମାଙ୍କୁ ହେଜିବାର ଅବସର ହାତଛଡ଼ା ନହେଉ। ହଁ, ଜୀବନ-ବିଦ୍ୟାଳୟରୁ ଆସିବାପରେ, ଚିତ୍ତରଂଜନ ସକାଳର ଘ୍ରାଣରେ ଆଗକୁ ପାଦ ବଢ଼ାଇଲେ, ବିଚ୍‌ପୁରୀ ଆଗ୍ରା ଗ୍ରାମୀଣ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଜୀବନର ଅୟମାରମ୍ଭ କଲେ। ସେତେବେଳର ଛାତ୍ର ଉତ୍ତରାଖଣ୍ଡର ଶ୍ରୀ ସଦନ ମିଶ୍ର, ଅଧ୍ୟାପକ ଶ୍ରୀ ରମେଶ ଘୋଡ଼େ (ନାଗପୁର) ଏବେବି ଏହି ପୁଣ୍ୟପ୍ଲୁତ ମଣିଷଙ୍କୁ କେତେ ଗଭୀର ଶ୍ରଦ୍ଧା-ନିବେଦନରେ ବିନୟାବନତ ହୋଇ ରହିଛନ୍ତି, ତାହା ଦେଖିଲେ ହିଁ ବିଶ୍ୱାସକରିହୁଏ। ଗଡ୍‌ୱାଲର ହାଟକଲ୍ୟାଣୀ ଗାଆଁରୁ ହିମାଳୟ ଦର୍ଶନର ଯାତ୍ରା ଶିଳାତୀର୍ଥରେ ପରିଣତ ହେଲା। ପାଦରେ ଝଲି ଝଲି ଶିଳାତୀର୍ଥର ନୟନାଭିରାମ ଅନୁଭୂତିର ପରାକାଷ୍ଠା। ଦୁଇଖଣ୍ଡ ପୁସ୍ତକରୁ ହିମାଳୟଦର୍ଶନ 'ଶିଳାତୀର୍ଥ'ର ସିନା ରୂପନେଲା ମାତ୍ର 'ଯମୁନେତ୍ରୀ'ର ଦର୍ଶନ ପୁସ୍ତକର ରୂପ ନେଇପାରିଲା ନାହିଁ। ଯମୁନେତ୍ରୀର ପାଣ୍ଡୁଲିପି ଓ ପ୍ରିୟ କ୍ୟାମେରା ଖଣ୍ଡକ କାହା ଲୋଭ ସମ୍ବରଣରେ କାଳ କାଳକୁ ଅତୀତ ହୋଇଗଲା। ଶିଳାତୀର୍ଥର ଉଲ୍ଲାସ ଓ ମହିମା ଯମୁନେତ୍ରୀ ଦର୍ଶନକୁ ଆଉ ଛୁଇଁ ପାରିଲା ନାହିଁ। ଘେରାଏ ପୃଥିବୀ ଓ ଅସରନ୍ତି ଅନୁଭୂତିର ଠୁଳ ସମ୍ମୋହନରୁ ବଞ୍ଚିତ ହେଲା କ୍ଷଣ କ୍ଷଣର ଜୀବନ। କ୍ଷଣ କ୍ଷଣର ଲୋଭନୀୟ ବିପଣିରୁ ଚିତ୍ତରଂଜନ ଆଖିଫେରାଇ ନେଇଥିଲେ। ମାତ୍ର ଯାହାକୁ ସେ ସାଉଁଟିନେଉଥିଲେ ତାହା କେବଳ ନିଜ ପାଇଁ ରଖିନଥିଲେ, ଆଉଜି ଦେଉଥିଲେ ଆଉ ଏକ ପୃଥିବୀର ଆତ୍ମାପାଇଁ। ସଂଗୃହୀତ ବିଭିନ୍ନ ଦେଶର ହଜାର ହଜାର ଡାକଟିକେଟକୁ ସେ କାହାକୁ ଦେବେ କାହାକୁ ଦେବେ ଖୋଜି ଖୋଜି - ଉଷାନଗରୀକୁ (ଅରୋଭିଲ) ଶେଷରେ ସମର୍ପି ଦେଇଗଲେ। ବିଶ୍ୱନୀଡ଼ମ୍‌ର ସଂପତ୍ତି ବିଶ୍ୱଅଙ୍ଗନର ସଂପତ୍ତି ପାଲଟିଗଲା। ମାଆ ହାରାମଣି ଦେବୀ ଓ ବାପା ଶ୍ରୀଯୁକ୍ତ ଖୋସାଲି ଚରଣ ଦାସଙ୍କ ଏଇ ପୁଅଟି ଯେଉଁଠିକୁ ଯାଉଥିଲେ ତାହାକୁ ଅସରନ୍ତି ଡୋରରେ ବାନ୍ଧି ରଖିଥିଲେ। ସେଥିପାଇଁ ବିଦେଶକୁ ଗଲାବେଳେ, ବାପା ବାଟେଇ ଦେବାକୁ ଆସି କହିଥିଲେ, "ତୁ ଫେରିଲା ବେଳକୁ ମୁଁ ଥିବିକି ନାହିଁ କିଏ କହିବରେ ! ମାତ୍ର ପୃଥିବୀର ଯୁଆଡ଼କୁ ଯିବୁ ତୋତେ ପୁଅ କରିନେବାକୁ କେତେ କେତେ ବାପା ମାଆ ମିଳିଯିବେ"। ହଁ, ତାହାହିଁ ହେଲା-ଅଧୀର ଘେରାଏ ପୃଥିବୀର ଅସରନ୍ତି ମଣିଷ ପ୍ରିୟ ଚିତ୍ତଭାଇ। ଯେତେବେଳେ ହେଉ ଯେଉଁଠି ବି ହେଉ, ଠୋ'ଠୋ' ହୋଇ ନାଗି ଆସନ୍ତି ସଲଖ ଭାବରେ, ବଡ଼ ନିଦା ଭାବରେ। ଭିଡ଼ ଠେଲି ଆଗକୁ, ଆମେ ପଛରେ ଥିଲେ, ସେ ଆଡ଼ ହୋଇ ଅନାଇ ରହିଛନ୍ତି କି !

**ବିଷମ କଟକ, ରାୟଗଡ**

# ଗୁଡ଼ିର ମୃତ୍ୟୁ ଫାଶ ଓ ମାଞ୍ଜା ସୂତା

|| ବାଦଲ ଭୂୟାଁ ||

କଟକ ଜିଲ୍ଲାରେ ମାଞ୍ଜା ସୂତା ବ୍ୟବହାର ଓ ବିକ୍ରି ସମ୍ପୂର୍ଣ୍ଣ ନିଷେଦ୍ଧ କରାଯାଇଛି। ମାନ୍ୟବର ହାଇକୋର୍ଟଙ୍କ ଜାନୁଆରୀ ୯ ତାରିଖର କଡ଼ା ନିର୍ଦ୍ଦେଶ ପରେ କଟକର ଜିଲ୍ଲାପାଳ ବିଜ୍ଞପ୍ତି ଜାରି କରିଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି ଯେ ମାଞ୍ଜା ଦିଆଯାଇଥିବା ନାଇଲନ ବା ଅନ୍ୟ ସୂତା ତିଆରି, ବିକ୍ରି, ରଖିବା ଓ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ। ପଶୁ, ପକ୍ଷୀ ଓ ମଣିଷଙ୍କ ଜୀବନର ସୁରକ୍ଷାକୁ ଦୃଷ୍ଟିରେ ରଖି ପରିବେଶ ସୁରକ୍ଷା ଆଇନର ଧାରା ୫ ରେ ଏପରି ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ମାଞ୍ଜା ସୂତାରେ କଟି ନିକଟରେ କେତେକ ବ୍ୟକ୍ତି ଗୁରୁତର ଆହତ ହୋଇଥିବାବେଳେ ଅତୀତରେ କେତେକ ଘଟଣାରେ ଲୋକମାନଙ୍କ ଜୀବନ ଯାଇଛି। ମକର ସଂକ୍ରାନ୍ତି ଅବସରରେ ସବୁଆଡ଼େ ଗୁଡ଼ିର ମାହୋଲ ଦେଖାଯାଏ। ମକର ଯେତିକି ପାଖେଇ ପାଖେଇ ଆସେ ରାଜ୍ୟର ବିଭିନ୍ନ ସ୍ଥାନରେ ଗୁଡ଼ି ଉଡା ପର୍ବ ସେତିକି ଅଧିକରୁ ଅଧିକ ଦେଖିବାକୁ ମିଳେ। ବିଶେଷକରି ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଏହା ବିଶେଷ ଭାବରେ ପରିଲକ୍ଷିତ ହୁଏ। କଟକ ମହାନଗର କାଠଯୋଡ଼ି ବାଲିରେ ପ୍ରତିବର୍ଷ ଗୁଡ଼ି ଉଡା ପ୍ରତିଯୋଗିତା ଆୟୋଜିତ ହୋଇଥାଏ। ଏହାବାଦ ଛୋଟ ପିଲାଙ୍କ ଠାରୁ ବଡ଼ ପର୍ଯ୍ୟନ୍ତ ନିଜ ଘରର ଛାତ ଉପରେ ବସି ଉଡେଇବା ପାଇଁ ଅନେକ ଲୋକ ପସନ୍ଦ କରନ୍ତି। ଶୀତରତୁ ଥିବାରୁ ପବନର ତୀବ୍ରତା ନଥାଏ ଏବଂ ଏହି ଅବସରରେ ଗୁଡ଼ି ଉଡାଇବା ବେଶ ଆମୋଦଦାୟକ ହୋଇଥାଏ। ଖାଲି ସେତିକି ନୁହେଁ, ଆକାଶରେ ଉଡୁଥିବା ଆଉ ଏକ ଗୁଡ଼ିକୁ କାଟି ଖସାଇ ଦେବା ପାଇଁ ଏକ ପ୍ରତିଯୋଗିତା ମଧ୍ଧ ଲାଗେ। ଏହି ପ୍ରତିଯୋଗିତା ବର୍ତ୍ତମାନ ଆତ୍ମଘାତୀ ପ୍ରତିଯୋଗିତାରେ ପରିଣତ ହୋଇଛି। ଗୁଡ଼ି ଉଡ଼େଇବା ପାଇଁ କୌଣସି ନୀତିନିୟମ କି କଟକଣା ନାହିଁ। କିନ୍ତୁ ଗୁଡ଼ି ଉଡାରେ ବ୍ୟବହୃତ ହେଉଥିବା ସୂତା ହେଉଛି ଏକ ଭୟଙ୍କର ଅସ୍ତ୍ର। ଏହି ସୂତା ଲାଗି ପୂର୍ବ ବର୍ଷମାନଙ୍କରେ ରାଜ୍ୟର ବିଭିନ୍ନ ସ୍ଥାନରେ ବହୁ ଜୀବନ ଯାଇଛି। ଯେଉଁମାନଙ୍କ ବୟସ ୧୫ରୁ ୨୨ ବର୍ଷ ଭିତରେ।

ଭଙ୍ଗାକାଚକୁ ଗୁଣ୍ଡ କରି ସୂତାରେ ଅଠା ଗୋଳାଇ ଏହି କାଚ ଗୁଣ୍ଡକୁ ଲଗାଇ ଅନ୍ୟର ଗୁଡ଼ି ଗୁଡ଼ିକୁ କାଟିବା ପାଇଁ ମାଞ୍ଜା ସୂତା ବ୍ୟବହାର କରାଯାଏ। ଏହି ଗୁଡ଼ିର ସୂତା ରାସ୍ତାରେ ଯାଉଥିବା ଲୋକଙ୍କ ଶରୀରରେ ବାଜିଲେ ତାକୁ କାଟି ପକାଏ ଏବଂ ପୂର୍ବ ବର୍ଷମାନଙ୍କରେ ଯେତିକି ଜୀବନ ଯାଇଛି ସେମାନଙ୍କ ସମସ୍ତଙ୍କର ବେକରେ ମାଞ୍ଜା ସୂତା ଲାଗି ତଣ୍ଟି କଟିଛି। ଏହି ମାଞ୍ଜା ସୂତାର ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ୨୦୧୬ ମସିହାରେ ଓଡ଼ିଶା ହାଇକୋର୍ଟରେ ଏକ ମାମଲା ଦାଏର ହୋଇଥିଲା ଏବଂ ମାନବ୍ୟର ଉଚ୍ଚ ନ୍ୟାୟଳୟ କଟକଣା ଲଗାଇଥିଲେ। ଖାଲି ସେତିକି ନୁହେଁ ରାଜ୍ୟ ସରକାରଙ୍କୁ ମାଞ୍ଜା ସୂତା ଉପରେ କଟକଣା ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ୨୦୧୭ ମସିହାରେ ମାଞ୍ଜା ସୂତାର ପ୍ରସ୍ତୁତି ଏବଂ ବିକାକିଣା ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯାଇଥିଲା। ଏହାବାଦ ରାଜ୍ୟରେ ଗୁଡ଼ି ଉଡାଇବାରେ ଏହି ମାଞ୍ଜା ସୂତା ବ୍ୟବହାର ହେଉଛି। ବିଶେଷକରି ମକରପର୍ବ ପାଳନ ଅବସରରେ ଗୁଡ଼ି ଉଡା ଏକ ସଉକ ଭାବରେ ଲୋକେ ପାଳନ କରିଥାନ୍ତି। ତା ପୂର୍ବରୁ ରାଜ୍ୟ ସରକାର ବଜାରରେ ଚଢ଼ାଉ କରି ମାଞ୍ଜା ସୂତା ବିକ୍ରେତା, କ୍ରେତା ଏବଂ ପ୍ରସ୍ତୁତକର୍ତ୍ତା ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି। ରାସ୍ତାରେ ଯାତାୟତ କରୁଥିବା ସାଧାରଣ ନିରୀହ ଲୋକ ଏହି ମାଞ୍ଜା ସୂତାରେ ଆହତ କିମ୍ବା ମୃତ୍ୟୁବରଣ କରୁଛନ୍ତି। ତେଣୁ ଏ ପ୍ରକାରର ସୂତା ବ୍ୟବହାର କରି ଗୁଡ଼ି ଉଡାଉଥିବା ବ୍ୟକ୍ତିମାନଙ୍କୁ ମଧ୍ଧ ହତ୍ୟା ଷଡ଼ଯନ୍ତ୍ର ଅପରାଧରେ ଗିରଫ କରାଯିବା ଉଚିତ। ଏଭଳି ଏକ ପଦକ୍ଷେପ ନେବା ପାଇଁ ରାଜ୍ୟ ସରକାରଙ୍କୁ ଗାଇଡ୍‌ଲାଇନ ଆଣିବା ନିମିତ୍ତ ହାଇକୋର୍ଟରେ ଏକ ଜନସ୍ୱାର୍ଥ ସମ୍ବଳିତ ମାମଲା ପୂର୍ବରୁ ରୁଜୁ ହୋଇ ସାରିଥିବାରୁ, ଏଭଳି ଏକ ପ୍ରସଙ୍ଗକୁ ରାଜ୍ୟ ସରକାର ହାଲୁକା ଭାବେ ଗ୍ରହଣ କରିବା ଅନୁଚିତ। ଏହା ଏପରି ଏକ ଆତଙ୍କ ଯେ କେତେବେଳେ କାହାଠାରେ କାହାବେକରେ ଏହି ମାଞ୍ଜା ସୂତା ଲାଗିଯିବ ତାର କଳନା ମଧ୍ଧ କେହି କରିପାରିବେ ନାହିଁ। ଆକାଶରେ ବଜ୍ରପାତ ଭଳି ଆଖି ପିଛୁଳାକେ ମାଞ୍ଜା ସୂତା ଆସି ତଣ୍ଟି କାଟି ଚାଲିଯିବ। ତେଣୁ ଏ ପ୍ରକାରର ଏକ ଆମୋଦକୁ ଜନଗହଳି ଭିତରେ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରିବା ପାଇଁ ସରକାର ପଦକ୍ଷେପ ନେବା ଉଚିତ। ଜନଗହଳି ଅଞ୍ଚଳରେ ଯେତେ ଉଚ୍ଚର ଛାତ ହେଲେ ବି ଗୁଡ଼ି କଟିଗଲେ ତାର ସୂତା ତଳେ ପଡ଼ିବା ନିଶ୍ଚିତ ଏବଂ ଏହି ସୂତା କାହା ପାଇଁ ମୃତ୍ୟୁ ଦୂତ ସାଜିବ କେହି ବି ଆକଳନ କରିପାରିବେ ନାହିଁ। ଏ ଦୃଷ୍ଟିରୁ ଗୁଡ଼ି ଉଡାକୁ ମଧ୍ଧ କଟକଣା ଭିତରେ ରଖାଯିବା ଉଚିତ।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫

# ଧାମନଗରରେ ବନ୍ୟା ବିଭୀଷିକା, ବହୁ ଗ୍ରାମ ବାହ୍ୟ ଜଗତରୁ ବିଚ୍ଛିନ୍ନ



ଧାମନଗର, (ମହାଭାରତ) : ବୈତରଣୀ ଓ ଏହାର ଶାଖାନଦୀ ଗେଙ୍ଗୁଟିରେ ଆସିଥିବା ପ୍ରଳୟଙ୍କରୀ ବନ୍ୟା ଧାମନଗର ଅଞ୍ଚଳରେ ତାଣ୍ଡବ ରଚିଛି। ବନ୍ୟା ଜଳ ପ୍ରବେଶ କରିବା ଫଳରେ ଧାମନଗର ବ୍ଲକର ୩୦ଟି ପଞ୍ଚାୟତର ୧୪୩ଟି ଗାଁର ୧ ଲକ୍ଷ ୬୦ ହଜାର ୨୦୩ ଜଣ ଲୋକ ଗୁରୁତର ଭାବେ ପ୍ରଭାବିତ ହୋଇଛନ୍ତି। ଏହାସହିତ ଧାମନଗର ଏନ୍‌ଏସି, ଧୁଷୁରୀ ଏନ୍‌ଏସି ଏବଂ ଲଗାଣ ବର୍ଷା ଯୋଗୁଁ ଜଅ ନଦୀର ବନ୍ୟା ଜଳ ପଶି ଧାମନଗର ଏନ୍‌ଏସିର ୬ରୁ ଉର୍ଦ୍ଧ୍ୱ ୱାର୍ଡ ଜଳମଗ୍ନ ହୋଇପଡ଼ିଛି। ବନ୍ୟା ଦ୍ୱାରା ଆନନ୍ଦପୁର, ଖଡ଼ିପଦା, ସୋହଡ଼ା, କରଦା, ପଧାନି, ମୁସ୍ତଫାପୁର, ଅର୍ଜ୍ଜୁନପୁର, ହସନାବାଦ, ଭଙ୍ଗସାହି,ବୟାଗଡିହି, ପାଳସାହି, ବମକୁରା, କାଶିମପୁର, କୋଠାର, ଗଡ଼ିଆଳି ଓ ଅସୁରାଳି ପଞ୍ଚାୟତ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ସେହିପରି ଅଞ୍ଚଳର ୩୪ ହଜାରରୁ ଅଧିକ ପଶୁସମ୍ପଦ ଜଳବନ୍ଦୀ ଅବସ୍ଥାରେ ରହିଛନ୍ତି। ଗୃହପାଳିତ ପଶୁଙ୍କ ଚିକିତ୍ସା ଓ ସେବା ପାଇଁ ୩ଟି ପ୍ରାଣୀଚିକିତ୍ସକ ଟିମ୍‌କୁ ନିୟୋଜିତ କରାଯାଇଛି। ୧୫ ହଜାରରୁ ଉର୍ଦ୍ଧ୍ୱ ସ୍ଥାନାନ୍ତରିତ, ୧୪୦ କେନ୍ଦ୍ରରେ ରନ୍ଧାଖାଦ୍ୟ ଦିଆଯାଉଛି। ବୁଧବାର ସୁଦ୍ଧା ଧାମନଗରର ତଳିଆ ଅଞ୍ଚଳରୁ ୧୫ ହଜାର ୪୬୬ ଜଣ ଲୋକଙ୍କୁ ସୁରକ୍ଷିତ ଭାବେ ବନ୍ୟା ଆଶ୍ରୟସ୍ଥଳୀ ଓ ଅନ୍ୟାନ୍ୟ ନିରାପଦ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ମଙ୍ଗଳବାର ଓ ବୁଧବାର ୨ ଦିନ ପାଇଁ ୧୪୦ଟି କେନ୍ଦ୍ରରେ ରନ୍ଧା ଖାଦ୍ୟ ପ୍ରସ୍ତୁତ କରାଯାଇ ପ୍ରାୟ ୨୦ ହଜାର ଲୋକଙ୍କୁ ବିତରଣ କରାଯାଇଛି। ଏହାସହିତ ପାଣି ଘେରରେ ଥିବା ବିପନ୍ନଙ୍କ ପାଖରେ ୯୩ କ୍ୱିଣ୍ଟାଲ ଚୁଡ଼ା ଏବଂ ୧୦ କ୍ୱିଣ୍ଟାଲ ଚିନି ଓ ଗୁଡ଼ ପହଞ୍ଚାଯାଇଛି। ବର୍ତ୍ତମାନ ସୁଦ୍ଧା ସଠିକ ଆକଳନ କରାଯାଇ ନଥିଲେ ହେଁ ପ୍ରାଥମିକ ସୂଚନା ଅନୁସାରେ ୪୦ ହଜାର ହେକ୍ଟରରୁ ଅଧିକ ଚାଷଜମି ବନ୍ୟା ଜଳରେ ବୁଡ଼ି ରହିଛି। ବର୍ତ୍ତମାନ ତଳା ପକାଇବାର ସମୟ ହୋଇଥିବାରୁ ଅନେକ ସ୍ଥାନରେ ଧାନ ତଳି ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବା ନେଇ ଆଶଙ୍କା ପ୍ରକାଶ ପାଇଛି। ବୈତରଣୀ ନଦୀର ବାମ ପାର୍ଶ୍ୱ ନଦୀବନ୍ଧକୁ ସୁରକ୍ଷିତ ରଖିବା ପାଇଁ ଜଳସମ୍ପଦ ବିଭାଗ ଓ ପୋଲିସର ମିଳିତ ଟିମ୍ ଅହୋରାତ୍ର ପେଟ୍ରୋଲିଂ ଜାରି ରଖିଛନ୍ତି। ଆନନ୍ଦପୁର ପଞ୍ଚାୟତର ବାବୁସାହି ନିକଟରେ ନଦୀବନ୍ଧ ଉପରେ ପାଣି ଚାଲୁଥିବା ଦେଖିବାକୁ ମିଳିଛି। ସେହିପରି ସୋହଡ଼ା ପଞ୍ଚାୟତର କ୍ଷେଣ୍ଟପୁର ନିକଟରେ ନଦୀବନ୍ଧ ବୁଡ଼ିବା ଅବସ୍ଥାକୁ ଚାଲିଆସିଛି। ସବୁଠାରୁ ଦୟନୀୟ ପରିସ୍ଥିତି ଖଡ଼ିପଦା ପଞ୍ଚାୟତର କାଞ୍ଜିଆପାଳ ଗାଁରେ ଦେଖାଦେଇଛି। ଗେଙ୍ଗୁଟି ନଦୀର ଗାଇଛନ୍ଦା, ମଲିମାହାରା ଓ କନକେଇ ଏସକେପ୍ ଦେଇ ବନ୍ୟାଜଳ ସିଧାସଳଖ ଗାଁ ଭିତରକୁ ପ୍ରବେଶ କରୁଛି। ସ୍ଥାନୀୟ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଜି ସକାଳୁ ଧାମନଗର ଓ ଧୁଷୁରୀ ଅଞ୍ଚଳର ବନ୍ୟା ପ୍ରଭାବିତ ଅଞ୍ଚଳ ଗସ୍ତ କରି ସ୍ଥିତି ପରିଦର୍ଶନ କରିଛନ୍ତି। ସକାଳେ ଧାମନଗର ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ସେ ଜିଲ୍ଲା ଓ ବ୍ଲକ ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସହ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଥିଲେ। ଜଳମଗ୍ନ ଅଞ୍ଚଳରେ ବିପନ୍ନଙ୍କୁ ତୁରନ୍ତ ରନ୍ଧାଖାଦ୍ୟ, ପିଇବା ପାଣି, ଚୁଡ଼ା, ମୁଢ଼ି, ବିସ୍କୁଟ, ଚିନି ଓ ଗୁଡ଼ ଯୋଗାଇଦେବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଧାମନଗର ଅଞ୍ଚଳରେ ବନ୍ୟାଜଳ ସ୍ଥିର ଥିବା ବେଳେ ଧୁଷୁରୀ ଅଞ୍ଚଳରେ ବୃଦ୍ଧି ପାଉଛି। ପତ୍ରୀସାହି, ସୂରଜପୁର, ହରିହଂସ, କାକୁଡ଼ିଗଡ଼ିଆ, ବାଲିଚତୁରି ଓ ଅସୁରାଳି ପଞ୍ଚାୟତର ବିଭିନ୍ନ ଗାଁରେ ଲୋକଙ୍କ ଘର ଭିତରେ ପାଣି ପଶିଛି। ମନ୍ତ୍ରୀ ଶ୍ରୀ ସୂରଜ ନିଜେ କାକୁଡ଼ିଗଡ଼ିଆଠାରେ ପେଟେ ପାଣିରେ ପଶି ଲୋକଙ୍କ ନିକଟରେ ପହଞ୍ଚି ସେମାନଙ୍କ ସମସ୍ୟା ପଚାରି ବୁଝିଥିଲେ। ଧାମନଗର ବ୍ଲକର ୧୪୦ଟି ସ୍ଥାନରେ ରନ୍ଧାଖାଦ୍ୟର ବ୍ୟବସ୍ଥା କରାଯାଇଛି। ଜଳମଗ୍ନ ଗାଁଗୁଡ଼ିକରେ ବ୍ଲକ ପ୍ରଶାସନ ପକ୍ଷରୁ ରୋଷେଇ କରାଯାଇ ଆଜି ପ୍ରାୟ ୨୦ ହଜାର ଲୋକଙ୍କୁ ଖାଦ୍ୟ ପରଷା ଯାଇଛି। ଖଡ଼ିପଦା ପଞ୍ଚାୟତର ଦକ୍ଷିଣକୁରୁଆ, ମୁଥାନଗର, କାଞ୍ଜିଆପାଳ, କରଦାର ଖରାଖାଇ, ପଧାନି, ସୋହଡ଼ା, ଅର୍ଜ୍ଜୁନପୁର, ପାଳସାହି, ଅସୁରାଳି, ହସନାବାଦ, ଫଳପୁର ପ୍ରଭୃତି ଅଞ୍ଚଳରେ ରିଲିଫ୍ କେନ୍ଦ୍ର ଚାଲୁ ରହିବା ସହ ପିଇବା ପାଣି ବୋତଲ ଯୋଗାଇ ଦିଆଯାଉଛି। ମୁସ୍ତଫାପୁର ଘୋଡ଼ାଗଣ୍ଡ ଢିଅରେ ଆଶ୍ରୟ ନେଇଥିବା ଲୋକଙ୍କୁ ମନ୍ତ୍ରୀ ନିଜେ ରନ୍ଧା ଖାଦ୍ୟ ପରଷିଥିବା ଦେଖିବାକୁ ମିଳିଥିଲା। ଧାମନଗରର ସମ୍ବେଦନଶୀଳ ସ୍ଥାନଗୁଡ଼ିକରେ ଉଦ୍ଧାର କାର୍ଯ୍ୟକୁ ବ୍ୟାପକ କରାଯାଇଛି। ପରିସ୍ଥିତିକୁ ଦୃଷ୍ଟିରେ ରଖି ବ୍ଲକରେ ୩ଟି ଘଡଜର ଓ ୩ଟି ଡଡଜଇର ଟିମ୍ ମୁତୟନ କରାଯାଇଛି। ଧୁଷୁରୀ ଓ ଅସୁରାଳି ଅଞ୍ଚଳରେ ପାଣି ବଢୁଥିବାରୁ ସେଠାରେ ୨ଟି ଘଡଜର ଟିମ୍ ପ୍ରସ୍ତୁତ ରଖାଯାଇଛି। ଦୋବଲ ଜୋନ୍ ପାଇଁ ଧାମନଗରରେ ୧ଟି ଘଡଜର ଟିମ୍ ରଖାଯାଇଛି। ଦୋବଲ ଜୋନର ୮ଟି ପଞ୍ଚାୟତ ପାଇଁ ଯାଜପୁର ଜିଲ୍ଲା ଦେଇ ୩ଟି ଓଡ୍ରାଫ ଟିମ୍ ପଠାଯାଇ କ୍ଷେଣ୍ଟପୁର, ଗୌରାଙ୍ଗପୁର ଓ ପଧାନିରେ ମୁତୟନ କରାଯାଇଛି। ଧାମନଗର ଅଗ୍ନିଶମ ବାହିନୀକୁ ମଧ୍ୟ ସମ୍ପୂର୍ଣ୍ଣ ସକ୍ରିୟ କରାଯାଇଛି। ଇତିମଧ୍ୟରେ, କରଦା ପଞ୍ଚାୟତର ସୁଜାଣସିଂହପୁର, ମାଳସାହି ଓ ଖଡ଼ିପଦା ପଞ୍ଚାୟତର ସାପୁଆପାଟଣାରେ ପାଣି ଘେରରେ ଫସି ରହିଥିବା ବହୁ ଲୋକଙ୍କୁ ଡଡଜଇର ଟିମ୍ ସୁରକ୍ଷିତ ଭାବେ ଉଦ୍ଧାର କରି ସେମାନଙ୍କ ଘରେ ପହଞ୍ଚାଇଛି। ବନ୍ୟା ଯୋଗୁଁ ଧାମନଗର, ଧୁଷୁରୀ, ଦୋବଲ ଓ ଅସୁରାଳି ଜୋନର ଅନେକ ଅଞ୍ଚଳକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡ଼ିଛି। ଗେଙ୍ଗୁଟି ନଦୀର ବନ୍ୟା ପାଣି ଦୋବଲ ଓ ମୁସ୍ତଫାପୁର ବଜାରରେ ପଶିଛି। ଘୋଡ଼ାଗଣ୍ଡ ନାଳ ନିକଟରେ ରାସ୍ତା ବୁଡ଼ିଯିବା ଫଳରେ ଧାମନଗରରୁ ଦୋବଲ, ଖଡ଼ିପଦା, ଆନନ୍ଦପୁର, ସୋହଡ଼ା ଏବଂ ଯାଜପୁର ଟାଉନ୍‌କୁ ଯୋଗାଯୋଗ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। କାଞ୍ଜିଆପାଳର ୩ଟି ଏସକେପ୍ ଦେଇ ପାଣି ପ୍ରବାହିତ ହେଉଥିବାରୁ ଖଡ଼ିପଦା-ଆନନ୍ଦପୁର, ଦୋବଲ-କ୍ଷେଣ୍ଟପୁର ଓ ବେଦପୁର-ସୋହଡ଼ା ରାସ୍ତାରେ ଯାତାୟାତ ଠପ୍ ହୋଇଯାଇଛି। ଧାମନଗର-ଫଳପୁର ରାସ୍ତା ବୁଡ଼ିବାରୁ ଦଳାଙ୍ଗ ଓ ନଦୀଗାଁ ପଞ୍ଚାୟତ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇରହିଛି। କୋଠାରରୁ ଆରଡ଼ି ସଂଯୋଗ କରୁଥିବା ରାଜ୍ୟ ରାଜପଥ କୋଠାର ଛକ, ବାଲିଚତୁରି, ସୂରଜପୁର, ବେତାଳିଗାଁ ଓ ପତ୍ରିସାହି ନିକଟରେ ବୁଡ଼ି ଯାଇଥିବାରୁ ଗ୍ରାମଗୁଡ଼ିକ ଜଳବନ୍ଦୀ ହୋଇପଡ଼ିଛନ୍ତି। ମଙ୍ଗଳପୁର-କଟସାହି ରାସ୍ତାରେ ମଧ୍ୟ ଯାନବାହନ ଚଳାଚଳ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଛି।

## ମହାନଦୀରେ ମଧ୍ୟମ ବନ୍ୟା ଆଶଙ୍କା, ନଦୀକୂଳିଆ ଲୋକଙ୍କୁ ସତର୍କ କଲା ପ୍ରଶାସନ

ଭୁବନେଶ୍ୱର, (ମହାଭାରତ) : ମହାନଦୀରେ ମଧ୍ୟମ ଧରଣର ବନ୍ୟା ଆଶଙ୍କା । ତଳିଆ ଅଞ୍ଚଳ ଲାଗି ସତର୍କ ସୂଚନା । ଉପରମୁଣ୍ଡ ଅଞ୍ଚଳରେ ଲଗାଣ ବର୍ଷା ଯୋଗୁ ମଧ୍ୟମ ଧରଣର ବର୍ଷା ଆଶଙ୍କା ଥିବା କହିଛନ୍ତି ଜଳସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ । ଆସନ୍ତାକାଲି ସନ୍ଧ୍ୟା ସୁଦ୍ଧା ମୁଣ୍ଡଳୀରେ ୮.୫ରୁ ୯ ଲକ୍ଷ କ୍ୟୁସେକ୍ ପାଣି ପହଞ୍ଚିବାର ସମ୍ଭାବନା ରହିଛି । ମହାନଦୀର ଶାଖା ତେଲନଦୀ, ଦୟାନଦୀରେ ବନ୍ୟା ଆଶଙ୍କା ଥିବାରୁ ଉପକୂଳିଆ ଲୋକ ଛାନିଆ ହୋଇପଡ଼ିଛନ୍ତି । ବାଙ୍କୀର ଚନ୍ଦ୍ରପା ଓ ରଣ ନଦୀରେ ପାଣି ବଢୁଥିବାରୁ ତାଳବସ୍ତ ରାସ୍ତାରେ ପାଣି ଚାଲୁଛି । ମହାନଦୀରେ ଆସୁଛି ବନ୍ୟା । ମଧ୍ୟମ ଧରଣର ବନ୍ୟା ଆଶଙ୍କା । ତଳିଆ ଅଞ୍ଚଳ ପାଇଁ ସତର୍କ ସୂଚନା। ଉପରମୁଣ୍ଡରେ ଲଗାଣ ବର୍ଷା ଓ ନଦୀଗୁଡ଼ିକରେ ବଢୁଥିବା ଜଳପ୍ରବାହକୁ ଦୃଷ୍ଟିରେ ରଖି ମହାନଦୀରେ ମଧ୍ୟମ ଧରଣର ବନ୍ୟା ନେଇ ସତର୍କ କରିଛନ୍ତି ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ । ତେଲ ନଦୀ ଅବବାହିକା, ବଲାଙ୍ଗିର ଓ ଖଇରମାଳ କ୍ୟାଚମେଣ୍ଟ ଅଞ୍ଚଳରେ ଲଗାତାର ପ୍ରବଳ ବର୍ଷା । ଏହି ବର୍ଷା ଯୋଗୁଁ ଉପରମୁଣ୍ଡରୁ ଆସୁଥିବା ଜଳର ପରିମାଣ ଦ୍ରୁତ ଗତିରେ ବଢୁଛି। ଫଳରେ ଆସନ୍ତାକାଲି ସନ୍ଧ୍ୟା ସୁଦ୍ଧା ମୁଣ୍ଡଳୀରେ ୮.୫ରୁ ୯ ଲକ୍ଷ କ୍ୟୁସେକ୍ ପାଣି ପହଞ୍ଚିବାର ସମ୍ଭାବନା ରହିଛି। ଏଥିଯୋଗୁଁ ମହାନଦୀ ଓ ଦୟା ନଦୀର ତଳମୁଣ୍ଡ ଅଞ୍ଚଳରେ ଛୋଟରୁ ମଧ୍ୟମ ଧରଣର ବନ୍ୟା ଦେଖାଦେଇପାରେ। ବିଶେଷକରି ନିମାପଡ଼ା, କଣାସ, ଗୋପ ଓ ଅସ୍ତରଙ୍ଗ ଭଳି ତଳିଆ ଅଞ୍ଚଳରେ ବନ୍ୟାଜଳ ପ୍ରବେଶ କରିବାର ଆଶଙ୍କା ଥିବାରୁ ଲୋକଙ୍କୁ ସତର୍କ କରାଯାଇଛି ।

## ଜିଲ୍ଲା ସ୍ତରୀୟ ତ୍ରୀ ଦିବସୀୟ ଅଣ ତାଲିମ ପ୍ରାପ୍ତ ଦ୍ୱିତୀୟ ଦିନରେ ଜୁନିଅର ରେଡ କ୍ରସ ମେଘା ରକ୍ତ ଦାନ ଶିବିର ଆୟୋଜିତ

ଦେବଗଡ଼, (ମହାଭାରତ) : ଓଡ଼ିଶା ରାଜ୍ୟ ଜୁନିଅର ରେଡକ୍ରସ, ଦେବଗଡ଼ ଜିଲ୍ଲା ଶାଖା ପକ୍ଷରୁ ଆୟୋଜିତ ଜିଲ୍ଲା ସ୍ତରୀୟ ତ୍ରିଦିବସୀୟ ଅଣତାଲିମପ୍ରାପ୍ତ ଜୁନିଅର ରେଡକ୍ରସ କାଉନସେଲର ତାଲିମ ଶିବିରର ଦ୍ୱିତୀୟ ଦିବସ ଅବସରରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଦେବଗଡ଼ ପରିସରରେ ଏକ ମେଗା ରକ୍ତଦାନ ଶିବିର ସଫଳତାର ସହ ଆୟୋଜିତ ହୋଇଥିଲା। ଏହି ରକ୍ତଦାନ ଶିବିରକୁ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ ଫିତା କାଟି ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦ୍ରଝ କୁଜୁର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଂଜନ ସୂତାର ,ଜିଲ୍ଲା ଜରୁରୀକାଳୀନ ଅଧିକାରୀ ମୁକେଶ ଭୋଇ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରିଣୀ ଶ୍ରୀମତୀ ପଦ୍ମିନୀ ମହାପାତ୍ର, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷିକା ଶ୍ରୀମତୀ ଇପ୍ସିତା ପଟ୍ଟନାୟକ, ଜିଲ୍ଲା ଜୁନିଅର ରେଡ଼କ୍ରସ ଅଧିକାରୀ ରଶ୍ମିନ କୁମାର ଦାସ,ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତୀ ମହିମା ହେମ୍ବ୍ରମ, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡା.କୁଶାଳ ଚନ୍ଦ୍ର ହାଁସଦା,ସେବା ଅଧିକାରୀ ଦେବାଶିଷ ପ୍ରଧାନ, ମିନାକ୍ଷୀ ପ୍ରଧାନ, ଗୋପାଳ କୃଷ୍ଣ ସାହୁ, ସ୍ୱାଧୀନ କୁମାର ସାହୁ, ଲକ୍ଷ୍ମୀକାନ୍ତ ସାହୁ ଏବଂ ଜୁନିଅର ରେଡକ୍ରସର ପ୍ରଶିକ୍ଷକ ଡ଼ଃ ରାମନାରାୟଣ ଦାସ, ରବି ଚନ୍ଦ୍ର ପଶାୟତ,ସର୍ବବିଦ୍ୟ ଶକ୍ତିମୟ ପ୍ରଧାନ ଓ ଅମିତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଉଦଘାଟନୀ ଭାଷଣରେ ଅତିରିକ୍ତ ଜିଲ୍ଲାପାଳ କହିଥିଲେ ଯେ, 'ରକ୍ତଦାନ ହେଉଛି ସର୍ବଶ୍ରେଷ୍ଠ ମାନବ ସେବା'। ପ୍ରତ୍ୟେକ ସୁସ୍ଥ ବ୍ୟକ୍ତି ନିୟମିତ ରକ୍ତଦାନ କରି ସମାଜ ପ୍ରତି ନିଜର ଦାୟିତ୍ୱ ପାଳନ କରିବା ଉଚିତ। ସେ ଜୁନିଅର ରେଡକ୍ରସର ସ୍ୱେଚ୍ଛାସେବା, ମାନବିକତା ଏବଂ ସାମାଜିକ ସଚେତନତାଭିତ୍ତିକ କାର୍ଯ୍ୟକ୍ରମର ପ୍ରଶଂସା କରିବା ସହ ପ୍ରଶିକ୍ଷଣପ୍ରାପ୍ତ କାଉନସେଲରମାନେ ବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସେବା, ଶୃଙ୍ଖଳା ଓ ସାମାଜିକ ଦାୟିତ୍ୱବୋଧର ବିକାଶ କରିବାକୁ ଆହ୍ୱାନ ଦେଇଥିଲେ। ଏହି ତ୍ରିଦିବସୀୟ ତାଲିମ ଶିବିରରେ ଦେବଗଡ଼ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର ପ୍ରାୟ ୬୦ ଜଣ ଅଣତାଲିମପ୍ରାପ୍ତ ଜୁନିଅର ରେଡକ୍ରସ କାଉନସେଲର ଅଂଶଗ୍ରହଣ କରିଛନ୍ତି। ତିନି ଦିନ ଧରି ଜୁନିଅର ରେଡକ୍ରସର ବିଭିନ୍ନ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ସଚେତନତା, ପ୍ରାଥମିକ ଚିକିତ୍ସା, ବିପର୍ଯ୍ୟୟ ପରିଚାଳନା, ରକ୍ତଦାନର ଗୁରୁତ୍ୱ ଓ ସମାଜସେବା ସମ୍ପର୍କିତ ବିଷୟରେ ବିଶେଷଜ୍ଞମାନେ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ମେଗା ରକ୍ତଦାନ ଶିବିରରେ ମୋଟ ୭୨ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ଜିଲ୍ଲାର ବହୁ ସ୍ୱେଚ୍ଛାସେବୀ, ଶିକ୍ଷକ-ଶିକ୍ଷୟିତ୍ରୀ, ଜୁନିଅର ରେଡକ୍ରସ କାଉନସେଲର ଓ ପ୍ରଶିକ୍ଷଣାର୍ଥୀମାନେ ଉତ୍ସାହର ସହ ରକ୍ତଦାନ କରିଥିଲେ। ଉପସ୍ଥିତ ଅତିଥିମାନେ ରକ୍ତଦାତାମାନଙ୍କର ଏହି ମହାନ ମାନବିକ ପଦକ୍ଷେପକୁ ପ୍ରଶଂସା କରିଥିଲେ। ଶେଷରେ ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରିଣୀ ଶ୍ରୀମତୀ ପଦ୍ମିନୀ ମହାପାତ୍ର ସମସ୍ତ ଅତିଥି, ପ୍ରଶିକ୍ଷକ, ରକ୍ତଦାତା ଓ ପ୍ରଶିକ୍ଷଣାର୍ଥୀଙ୍କୁ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମର ସମାପନ କରିଥିଲେ।

## ସାମ୍ବାଦିକ ଜଗନ୍ନାଥ ଧରୁଆ ଙ୍କ ମାତୃ ଙ୍କ ଶୁଦ୍ଧିକ୍ରିୟା ରେ ଯୋଗଦେଲେ ପୂର୍ବତନ ସାଂସଦ ନିରଞ୍ଜନ ବିଶି ଏବଂ ଦେଓଗାଁ ବ୍ଲକ ପୂର୍ବତନ ଅଧ୍ୟକ୍ଷ ଲକ୍ଷ୍ମଣ ମେହେର



ପାଟଣାଗଡ଼, (ମହାଭାରତ) : ବଲାଙ୍ଗୀର ଜିଲ୍ଲା ଦେଓଗାଁ ବ୍ଲକ ମାଟୁପାଲି ଗାଁର ଯୁବ ସାମ୍ବାଦିକ ଜଗନ୍ନାଥ ଧରୁଆଙ୍କ ମାତୃ ତଥା ବିଭିଷଣ ଧରୁଆଙ୍କ ଧର୍ମପତ୍ନୀ ସ୍ୱର୍ଗତା ତୁଳସୀଙ୍କ ବିୟୋଗରେ ଶୁଦ୍ଧିକ୍ରିୟାରେ ପୂର୍ବତନ ରାଜ୍ୟ ସଭା ସାଂସଦ ଡ଼ଃ ନିରଞ୍ଜନ ବିଶି, ପୂର୍ବତନ ଦେଓଗାଁ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମଣ ମେହେର ଯୋଗଦେଇ ଶୋକାକୁଳ ବର୍ଗଙ୍କୁ ଭେଟି ସ୍ୱର୍ଗତା ମାଆଙ୍କ ପ୍ରତିଛବି ରେ ଫୁଲମାଲ୍ୟ ଅର୍ପଣ କରିବା ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବା ସହ ଜଣେ ସ୍ନେହମୟୀ ମାଁ, ଆଦର୍ଶ ଗୃହିଣୀ ଓ ପରିବାର ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ସ୍ମୃତି ଚାରଣ କରିବା ସହ ଅମର ଆତ୍ମା ର ସଦଗତି କାମନା କରିଥିଲେ । ଶୋକାକୁଳ ପରିବାର ବର୍ଗଙ୍କୁ ଏହି ଅପରିମୟ ଦୁଃଖକୁ ସହିବା ପାଇଁ ଅସିମ ଧୈର୍ଯ୍ୟ,ସାହାସ ଓ ମାନସିକ ଶକ୍ତି ପ୍ରଦାନ କାମନା ସହ ସମବେଦନା ଶ୍ରୀ ବିଶି ଏବଂ ଶ୍ରୀ ମେହେର ଜଣାଇଛନ୍ତି ।

## ଲଗାଣ ବର୍ଷାକୁ ଖାତିର ନକରି ଅସହାୟ ପରିବାରଙ୍କ ପାଖରେ ରାଇଘର ବ୍ଲକ ଅଧ୍ୟକ୍ଷ



ରାଇଘର, (ମହାଭାରତ) : ଲଗାଣ ବର୍ଷାକୁ ଖାତିର ନକରି ବିପଦରେ ପଡ଼ିଥିବା ଜଣେ ଅସହାୟ ପରିବାର ପାଖରେ ପହଞ୍ଚି ସହାୟତାର ହାତ ବଢ଼ାଇଛନ୍ତି ରାଇଘର ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର। ତାଙ୍କ ଏହି ମାନବିକ ପଦକ୍ଷେପକୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି। ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଅନ୍ତର୍ଗତ କୁରାବେଢା ପଞ୍ଚାୟତର କଳିଆପଦର ଗାଁରେ ଲଗାଣ ବର୍ଷା ଯୋଗୁଁ ଅସହାୟ ବିଧବା ପ୍ରଶାନ୍ତି ହରିଜନଙ୍କ ଘରର କାନ୍ଥ ଭୁଶୁଡ଼ି ପଡ଼ିଥିଲା। ଫଳରେ ତିନି ସନ୍ତାନଙ୍କୁ ନେଇ ଦୁଃଖକଷ୍ଟରେ ଜୀବନଯାପନ କରୁଥିବା ପ୍ରଶାନ୍ତିଙ୍କ ପରିବାର ଅଧିକ ଅସୁବିଧାରେ ପଡ଼ିଥିଲେ।ସ୍ୱାମୀଙ୍କ ମୃତ୍ୟୁକୁ ପ୍ରାୟ ୭ ବର୍ଷ ବିତିଥିବା ବେଳେ ପ୍ରଶାନ୍ତି ତାଙ୍କ ତିନି ସନ୍ତାନଙ୍କୁ ନେଇ କୁଲି ମଜୁରି କରି ପରିବାର ଚଳାଇ ଆସୁଛନ୍ତି। ଏଭଳି ସମୟରେ ଲଗାଣ ବର୍ଷାରେ ଘର କ୍ଷତିଗ୍ରସ୍ତ ହେବା ପରେ ପରିବାରଟି ଅସହାୟ ହୋଇପଡ଼ିଥିଲା।ଘଟଣା ସମ୍ପର୍କରେ ଖବର ପାଇବା ପରେ ବ୍ଲକ ଅଧ୍ୟକ୍ଷ ଗୁପ୍ତ ପ୍ରସାଦ ଝାଙ୍କର ଲଗାଣ ବର୍ଷାକୁ ଖାତିର ନକରି ରାଜସ୍ୱ ପରିଦର୍ଶକଙ୍କ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ସେ ପରିବାରର ଦୁଃଖଦ ଅବସ୍ଥା ବୁଝିବା ସହ ଆବଶ୍ୟକ ସହାୟତା ଯୋଗାଇ ଦେଇଥିଲେ। ପଦବୀର ଅହଂକାର ନୁହେଁ, ବରଂ ବିପଦ ସମୟରେ ଲୋକଙ୍କ ପାଖରେ ଠିଆ ହେବା ହିଁ ଜଣେ ଜନପ୍ରତିନିଧିଙ୍କ ପ୍ରକୃତ ପରିଚୟ। ଏହି ଘଟଣାରେ ଗୁପ୍ତ ପ୍ରସାଦ ଝାଙ୍କରଙ୍କ ମାନବିକ ପଦକ୍ଷେପ ଏହାର ଏକ ଉଦାହରଣ ସୃଷ୍ଟି କରିଛି। ବିପଦ ସମୟରେ ଅସହାୟ ପରିବାର ପାଖରେ ପହଞ୍ଚି ସହାୟତାର ହାତ ବଢ଼ାଇଥିବାରୁ ତାଙ୍କ ଏହି ପଦକ୍ଷେପକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି।

## ୨୦୨୧-୨୦୨୨ ରେ ନିର୍ମିତ ରାସ୍ତା ଚାରି, ପାଞ୍ଚ ବର୍ଷରେ ବେହାଲ ବର୍ଷାରେ କାଦୁଅ ସମୁଦ୍ର, ଗୌଡ଼ ଅଲଚି ଗ୍ରାମବାସୀଙ୍କ ଜୀବନ ଦୁର୍ବିଷହ

ଲକ୍ଷ୍ମୀପୁର, (ମହାଭାରତ) : ବର୍ଷା ଋତୁ ଚାଷୀଙ୍କ ପାଇଁ ଆଶୀର୍ବାଦ ସଦୃଶ ହୋଇଥିଲେ ମଧ୍ୟ ଅନେକ ଦୁର୍ଗମ ଗ୍ରାମବାସୀଙ୍କ ପାଇଁ ଏହା ଅଭିଶାପ ପାଲଟିଯାଉଛି। କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ ଗୌଡ଼ଗୁଡା ପଞ୍ଚାୟତ ଅନ୍ତର୍ଗତ ଗୌଡ଼ ଅଲଚି ଗ୍ରାମରେ ଏବେ ସେଭଳି ଏକ ଚିତ୍ର ଦେଖିବାକୁ ମିଳିଛି। ବର୍ଷା ହେଲେ ଗ୍ରାମର ମୁଖ୍ୟ ରାସ୍ତା କାଦୁଅ ଓ ଖାଲଖମାରେ ପରିଣତ ହୋଇ ଗ୍ରାମବାସୀଙ୍କ ନିତ୍ୟଜୀବନକୁ ଦୁର୍ବିଷହ କରିଦେଉଥିବା ଅଭିଯୋଗ ହୋଇଛି।ସ୍ଥାନୀୟ ଲୋକଙ୍କ ସୂଚନା ଅନୁସାରେ, ୨୦୨୧-୨୦୨୨ ମସିହାରେ ଆର୍‌?ଡି ବିଭାଗ ପକ୍ଷରୁ ୩୨୬ ନମ୍ବର ଜାତୀୟ ରାଜପଥରୁ ଗୌଡ଼ ଅଲଚି ଗ୍ରାମ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯାଇଥିଲା। ନିର୍ମାଣ ସମୟରୁ ହିଁ କାମର ମାନକୁ ନେଇ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରି ଠିକାଦାରଙ୍କୁ ଅଭିଯୋଗ କରିଥିବା କହିଛନ୍ତି। ପରେ ବିଭାଗୀୟ ଯନ୍ତ୍ରୀଙ୍କୁ ମଧ୍ୟ ଜଣାଇଥିଲେ, କିନ୍ତୁ ଅଭିଯୋଗ ସତ୍ତ୍ୱେ କାର୍ଯ୍ୟରେ ସୁଧାର ଆସିନଥିଲା ବୋଲି ସେମାନେ ଦାବି କରିଛନ୍ତି। ତରବରିଆ ଭାବେ ନିମ୍ନମାନର କାମ ସାରି ଠିକାଦାର ଚାଲିଯାଇଥିବାର ପରିଣାମ ଆଜି ଗ୍ରାମବାସୀ ଭୋଗୁଛନ୍ତି ବୋଲି ଗ୍ରାମର ଯୁବକମାନେ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ କହିବାନୁସାରେ, ରାସ୍ତା ନିର୍ମାଣ ପରେ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣର ବ୍ୟବସ୍ଥା ଥିଲେ ମଧ୍ୟ ଥରେ ହେଲେ ମଧ୍ୟ ଆବଶ୍ୟକ ମରାମତି କିମ୍ବା ରକ୍ଷଣାବେକ୍ଷଣ କରାଯାଇନାହିଁ। ଫଳରେ ଆଜି ରାସ୍ତାର ଅବସ୍ଥା ଅତ୍ୟନ୍ତ ଶୋଚନୀୟ। ଖରାଦିନରେ କୌଣସି ପ୍ରକାରେ ଯାତାୟାତ ସମ୍ଭବ ହେଉଥିବାବେଳେ ବର୍ଷା ହେଲେ ସମଗ୍ର ରାସ୍ତା କାଦୁଅରେ ପରିଣତ ହୋଇଯାଉଛି।ଏହାର ସିଧାସଳଖ ପ୍ରଭାବ ସ୍କୁଲ ପଢୁଆ ପିଲାଙ୍କ ଉପରେ ପଡୁଛି। କାଦୁଅ ଭରା ରାସ୍ତା ଦେଇ ପ୍ରତିଦିନ ସ୍କୁଲ ଯିବାକୁ ସେମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସେହିପରି ଜରୁରୀ ପରିସ୍ଥିତିରେ ଆମ୍ବୁଲାନ୍ସ ଗ୍ରାମକୁ ପହଞ୍ଚିବା ମଧ୍ୟ କଷ୍ଟସାଧ୍ୟ ହୋଇପଡୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ବର୍ଷା ଋତୁ ଆସିଲେ ସାଧାରଣ ଯାତାୟାତ ପ୍ରାୟ ଠପ୍ ହୋଇଯାଉଥିବାରୁ ଲୋକମାନେ ଚରମ ଦୁର୍ଦ୍ଦଶା ଭୋଗୁଛନ୍ତି।ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଏହି ସମସ୍ୟା ନେଇ ସେମାନେ ବାରମ୍ବାର ଲକ୍ଷ୍ମୀପୁର ବିଡିଓଙ୍କ ନିକଟରେ ଏବଂ ଜିଲ୍ଲାସ୍ତରୀୟ ଅଭିଯୋଗ ଶୁଣାଣିରେ ଦାବି ଜଣାଇଛନ୍ତି। ଅଭିଯୋଗ ପାଇବା ପରେ କିଛି ଅଧିକାରୀ ଘଟଣାସ୍ଥଳକୁ ଆସି ମାପଜୋଖ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କାମ ଆରମ୍ଭ ହୋଇନାହିଁ ବୋଲି ସେମାନେ କହିଛନ୍ତି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।ଏବେ ବର୍ଷା ଋତୁ ଜୋର ଧରିଥିବା ବେଳେ ଆଗାମୀ ଦିନରେ କିଭଳି ଦୈନନ୍ଦିନ ଜୀବନ କଟିବ, ସେନେଇ ଗ୍ରାମବାସୀ ଚିନ୍ତାରେ ଅଛନ୍ତି। ସେମାନେ ସରକାର ଓ ପ୍ରଶାସନଙ୍କୁ ଯଥାଶୀଘ୍ର ରାସ୍ତାର ସ୍ଥାୟୀ ମରାମତି ଓ ପୁନଃନିର୍ମାଣ ପାଇଁ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।ଏବେ ପ୍ରଶ୍ନ ଉଠୁଛି ୨୦୨୧-୨୦୨୨ରେ ନିର୍ମିତ ଏକ ରାସ୍ତା ଚାରି ବର୍ଷ ମଧ୍ୟରେ କିପରି ଏତେ ବେହାଲ ହେଲା? ନିର୍ମାଣ କାର୍ଯ୍ୟର ମାନ, ରକ୍ଷଣାବେକ୍ଷଣ ଏବଂ ଅଭିଯୋଗ ପରେ ପ୍ରଶାସନିକ ପଦକ୍ଷେପକୁ ନେଇ ଉଠୁଥିବା ପ୍ରଶ୍ନର ଉତ୍ତର କେବେ ମିଳିବ, ତାହା ଏବେ ଦେଖିବାକୁ ବାକି ରହିଲା।

# ପାରାଦୀପ ରିଫାଇନରୀ- ଭାରତର ଉର୍ଜା ଭବିଷ୍ୟତ ପାଇଁ ଏକ ଶକ୍ତିଶାଳୀ ଆଧାର




ପାରାଦୀପ, (ମହାଭାରତ) : ପାରାଦୀପଠାରେ ଥିବା ଇଣ୍ଡିଆନ୍ ଅଏଲ୍ କର୍ପୋରେସନ ଲିମିଟେଡ୍ ଦ୍ୱାରା ପରିଚାଳିତ ପାରାଦୀପ ରିଫାଇନାରୀ ଦେଶର ଉର୍ଜା ଭବିଷ୍ୟତ ପାଇଁ ଏକ ଶକ୍ତିଶାଳୀ ଆଧାର ବୋଲି କହିଛନ୍ତି ପାରାଦୀପ ରିଫାଇନାରୀ ମୁଖ୍ୟ ତଥା ନିର୍ବାହୀ ନିର୍ଦ୍ଦେଶକ କୌଶିକ ବସୁ । ବୁଧବାର ଦିନ ପାରାଦୀପ ରିଫାଇନାରୀ କମ୍ୟୁନିଟି ହଲ୍ ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଗଣମାଧ୍ୟମକୁ ଶ୍ରୀ ବସୁ ଇଣ୍ଡିଆନ୍ ଅଏଲ୍ ହେଉଛି ଏକ ଫର୍ଚୁନ ୫୦୦ ତାଲିକାଭୁକ୍ତ ସମନ୍ୱିତ ଉର୍ଜା ପ୍ରମୁଖ କମ୍ପାନୀ । ଦେଶର ସବୁଠାରୁ ବଡ ଓ ଅଧିକ ବିଶ୍ୱସ୍ତ କମ୍ପାନୀ ମଧ୍ୟରୁ ଅନ୍ୟତମ । ପାରାଦୀପରେ ପ୍ରାୟ ୪୩,୩୫୯କୋଟି ଟଙ୍କାର ନିବେଶ କରିଛି । ଯାହାକି ବିଶ୍ୱର ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମାଣ କରାଯାଇଛି । ଏହି ରିଫାଇନାରୀରେ ଆଖପାଖ ଅଂଚଳର ପ୍ରାୟ ୧୨,୫୦୦ରୁ ଅଧିକ ଲାକଙ୍କ ଜୀବନ ଜୀବିକାରେ ସହାୟକ ହୋଇପରିଛି । ଓଡିଶାର ଭଦ୍ରକଠାରେ ଏମସିପିଏଲ୍ ସହ ମିଳିତ ଉଦ୍ୟୋଗରେ ଏକ ଟେକ୍ସଟାଇଲ୍ ପାର୍କ ପ୍ରକଳ୍ପରେ ପ୍ରାୟ ୪,୩୮୨କୋଟି ଟଙ୍କା ନିବେଶ କରାଯାଉଛି । ଏହି ନିବେଶ ଗୁଡିକ ଭାରତ ସରକାରଙ୍କ ଆତ୍ମନିର୍ଭର ଭାରତ ପଦକ୍ଷେପ ଅଧିନରେ ନବୀକରଣକୁ ପ୍ରୋତ୍ସାହନ, ଆତ୍ମନିର୍ଭରତାକୁ ବୃଦ୍ଧି ଏବଂ ସ୍ୱଚ୍ଛ, ନିର'ର ଭବିଷ୍ୟତ ପାଇଁ ଜାତୀୟ ଉର୍ଜା ପରିବର୍ତ୍ତନକୁ ଆଗେଇ ନେବାରେ କର୍ପୋରେସନର ଦୃଢ ପ୍ରତିବଦ୍ଧତାକୁ ସୂଚିତ କରୁଛି । ଆର୍ଥିକ ବର୍ଷ୭ ୨୦୨୫-୨୬ରେ ପାରାଦୀପ ରିଫାଇନାରୀ ସର୍ବାଧିକ ୧୬.୩୫ ଏମଏମଟି ଅଶୋଧିତ ତୈଳ ବିଶୋଧନର ରେକର୍ଡ ସୃଷ୍ଟି କରିଛି । ୨୦୨୫-୨୬ ଆର୍ଥକ ବର୍ଷରେ ଅନେକ ପ୍ରତିଷ୍ଠିତ ସମ୍ମାନ ହାସଲ କରିଛି, ଯେଉଁଥିରେ କଳିଙ୍ଗ ନିରାପତା ଉତ୍କର୍ଷ ପୁରସ୍କାର, କଳିଙ୍ଗ ପରିବେଶ ଉତ୍କର୍ଷ ପୁରସ୍କାର, ନ୍ୟାନାଲ ସେଫ୍ଟି ପୁରସ୍କାର ଏବଂ ଗ୍ରୀନ୍ ଚମ୍ପିୟାନ ପୁରସ୍କାର ଅନ୍ତର୍ଭୁକ୍ତ । ଗତ ଆର୍ଥିକ ବର୍ଷରେ ପାରାଦୀପ ରିଫାଇନାରୀ ବିଭିନ୍ନ ଶୁଳ୍କ, ଟିକସ ଓ ଅନ୍ୟାନ୍ୟ ଦେୟ ମାଧ୍ୟମରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ୩୦,୩୯୨କୋଟି ଟଙ୍କା ପ୍ରଦାନ କରିଛି । ଏକ ଦାୟିତ୍ୱଶୀଳ କର୍ପୋରୋଟ୍ ପ୍ରତିଷ୍ଠାନ ଭାବେ ପାରାଦୀପ ରିଫାଇନାରୀ ପାନୀୟ ଜଳ, ଶିକ୍ଷା, ଦକ୍ଷତା ବିକାଶ, ଯୁବ ପ୍ରଶିକ୍ଷଣ, ସ୍ୱାସ୍ଥ୍ୟ ସେବା, ଗ୍ରାମୀଣ ବିକାଶ, ମହିଳା ସଶକ୍ତିକରଣ, ଆତ୍ମନିଯୁକ୍ତି, ଅନାଥାଶ୍ରମ ଓ ବୃଦ୍ଧାଶ୍ରମକୁ ସହାୟତା ପ୍ରଦାନ କରିଛି । ପାରାଦୀପକୁ ଏକ ବିଶ୍ୱସ୍ତରୀୟ ସମନ୍ୱିତ ରିଫାଇନାରୀ ଏବଂ ପେଟ୍ରୋଲିୟମ୍ ହବ୍ ଭାବରେ ବିକଶିତ କରିବା ପାଇଁ ଇଣ୍ଡିଆନ୍ ଅଏଲ୍ ନିର'ର ନିବେଶ ଏହାର ପ୍ରତିବଦ୍ଧତାକୁ ଦୋହରାଉଛି । ଯାହା ଭାରତର ଉର୍ଜା ସୁରକ୍ଷାକୁ ସୁଦୃଢ କରିଥାଏ। ନିର'ର ବିକାଶକୁ ତ୍ୱରାନ୍ୱିତ କରିବା ସହିତ ଓଡିଶା ତଥା ଦେଶର ଦେଶବାସୀଙ୍କ ପାଇଁ ନିର'ର ଭାବେ ସୁଫଳ ସୃଷ୍ଟି କରି ପାରିଛି ବୋଲି କହିଥିଲେ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ଶ୍ରୀ ଜଗନ୍ନାଥଙ୍କ ରାଜରାଜେଶ୍ୱର ବେଶ



ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଜଗନ୍ନାଥ ମନ୍ଦିରରେ ପ୍ରଭୂ ଶ୍ରୀ ଜଗନ୍ନାଥଙ୍କ ରାଜରାଜେଶ୍ୱ ବେଶ ରାଜାଧି ରାଜ୍ ବେଶ ବା ଲକ୍ଷ୍ମୀ ନାରାୟଣ ବେଶ ଅନୁଷ୍ଠିତ ହୋଇଯାଇଛି । ଚତୁର୍ଦ୍ଧାମୂର୍ତ୍ତିଙ୍କ ବାହୁଡାଯାତ୍ରା ସରିଛି । ଆଜି ପ୍ରଭୁ ତାଙ୍କ ଭକ୍ତ ମାନଙ୍କୁ ଦର୍ଶନ ଦେବା ପାଇଁ ଲକ୍ଷ୍ମୀ ନାରାୟଣ ବେଶ ଧାରଣ କରିଛନ୍ତି ।ସକାଳୁ ଭକ୍ତ ମାନେ ନଡ଼ିଆ କଦଳୀ ଧୂପ ଦୀପ ତୁଳସୀ ଧରି ଠାକୁରଙ୍କ ପୂଜାର୍ଚ୍ଚନା କରିଥିଲେ ।ପାରଳାଖେମୁଣ୍ଡି ସହର ସମେତ ଆଖପାଖ ପୁରପଲ୍ଲୀରୁ ଠାକୁରଙ୍କୁ ଦର୍ଶନ କରିବା ପାଇଁ ଓ ଏହି ଲକ୍ଷ୍ମୀ ନାରାୟଣ ବେଶ ଦେଖିବା ପାଇଁ ବହୁ ଦୂରଦୂରାନ୍ତରୁ ଶ୍ରଦ୍ଧାଳୁ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଛି ।ମନ୍ଦିରରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛ । ଠାକୁରଙ୍କ ଏହି ଅଲୌକିକ ବେଶ ଦର୍ଶନ କଲେ ପରିବାରରେ ଶାନ୍ତି, ପୂର୍ଣ୍ଣତା ଆସିଥାଏ ବୋଲି ବିଶ୍ୱାସ ରହିଛି ।

## ରଥଯାତ୍ରାରେ ନିୟୋଜିତ ଅଧିକାରୀମାନଙ୍କୁ ସମ୍ବର୍ଦ୍ଧନା

**ପୁରୀ :**ଚଳିତ ରଥଯାତ୍ରା ଶୃଙ୍ଖଳାର ସହ ସମାପନ ହୋଇ ଥିବାରୁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି ।ଏହି ଅବସରରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ରଥଯାତ୍ରା ଦାୟିତ୍ୱ ନିର୍ବାହ ପାଇଁ ଆସିଥିବା ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ଅନ୍ୟାନ୍ୟ ଜିଲ୍ଲା ରୁ ଆସିଥିବା ପ୍ରଶାସନିକ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ଶ୍ରୀ ପରିଡା ମହାପ୍ରଭୁଙ୍କ ଶୁଖିଲା ଭୋଗ ଦେଇ ସମ୍ବର୍ଦ୍ଧିତ କରିଥିଲେ ।ରଥଯାତ୍ରା ଭଳି ଏକ ବିପୁଳ ଜନ ଗହଳି ପୂର୍ଣ୍ଣ କାର୍ଯ୍ୟକ୍ରମ ରେ ପ୍ରଶାସନିକ ଅଧିକାରୀ ବା ମାଜିଷ୍ଟ୍ରେଟ ମାନଙ୍କ ର ଭୂମିକା ସର୍ବଦା ଗୁରୁତ୍ୱପୂର୍ଣ୍ଣ ।ସେମାନେ ସେମାନଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ କୁ ମହାପ୍ରଭୁଙ୍କ ପ୍ରତି ସେବା ଭାବି କାର୍ଯ୍ୟ କରିଛନ୍ତି ।ତେଣୁ ସେମାନ ଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି ଜିଲ୍ଲାପାଳ ଶ୍ରୀ ପରିଡା ।ଜିଲ୍ଲା ଏସ ପି ପ୍ରତୀକ ସିଂ,ପୁରୀ ମହାନଗର ନିଗମର କମିଶନର ସ୍ନେହା ଅରୁଗୁଳା ପରସ୍ପର ସମନ୍ୱୟ ଓ ସମନ୍ୱିତ ଉଦ୍ୟମ ଦ୍ୱାରା ମହାପ୍ରଭୁଙ୍କ କାର୍ଯ୍ୟ ସୁରୁଖୁରୁରେ ସମ୍ପର୍ଣ୍ଣ ହୋଇଛି ବୋଲି କହିବା ସହ ସମସ୍ତ ଅଧିକାରୀ ଙ୍କୁ ଶୁଭେଚ୍ଛା ଜଣାଇଥିଲେ । ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା ସମସ୍ତ ଙ୍କୁ ସ୍ୱାଗତ କରିବା ସହ ଶେଷ ରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।କାର୍ଯ୍ୟକ୍ରମ ରେ ଜିଲ୍ଲାର ସମସ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀ ଙ୍କ ସହ ବିଭିନ୍ନ ବିଭାଗ ରୁ ଆସିଥିବା ବରିଷ୍ଠ ପ୍ରଶାସନିକ ଅଧିକାରୀ,ବିଭିଉ ଜିଲ୍ଲା ରୁ ଆସିଥିବା ଅଧିକାରୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଯୋଗ ଦେଇ ରଥଯାତ୍ରା ପରିଚାଳନା ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ ।

## ପି ଏମ୍ ଶ୍ରୀ ଜନତା ହାଇସ୍କୁଲରେ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ




**ବରଗଡ,:**ସମୟ ସହିତ ଜଳବାୟୁ ପରିବର୍ତ୍ତନ ଓ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ପୃଥିବୀର ସ୍ଥିତି ଦିନକୁ ଦିନ ବିଗିଡ଼ିବାରେ ଲାଗିଛି । ତେଣୁ ଏ ସଂମ୍ପର୍କରେ ଶିକ୍ଷାର୍ଥୀମାନଙ୍କୁ ବାଲ୍ୟାବସ୍ଥାରୁ ଅବଗତ କରିବା ସହ ପ୍ରକୃତିର ସଂରକ୍ଷଣ ପାଇଁ ସଚେତନ କରିବା ଉଦ୍ଦେଶ୍ୟରେ ବରଗଡ ଜିଲ୍ଲା ଅମ୍ବାଭୋନା ବ୍ଲକ ଅନ୍ତର୍ଗତ ପି ଏମ୍ ଶ୍ରୀ ଜନତା ସରକାରୀ ହାଇସ୍କୁଲ,ଭୁକ୍ତାରେ ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ ପାଳିତ ହୋଇଯାଇଛି ।ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦୁର୍ଗାପ୍ରସାଦ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଇକୋ କ୍ଲବ୍ ମାଷ୍ଟର ଟ୍ରେନର ସଞ୍ଜୟ ଖମାରୀ ପ୍ରକୃତି ସଂରକ୍ଷଣର ଆବଶ୍ୟକତା ସମ୍ପର୍କରେ ଶିକ୍ଷାର୍ଥୀମାନଙ୍କୁ ଧାରଣା ପ୍ରଦାନ କରିବା ସହିତ ପ୍ରକୃତିରେ ଉପଲବ୍ଧ ଔଷଧୀୟ ବୃକ୍ଷଲତା ଓ ଜୀବଜନ୍ତୁ ସମ୍ପର୍କିତ ଛାୟାଚିତ୍ର ପ୍ରଦର୍ଶନ କରିଥିଲେ ।ଶିକ୍ଷକ ଆଶୁତୋଷ ଭୋଇ,ଶ୍ରୀପତି ସାହୁ, ସୁବାସ ଚନ୍ଦ୍ର ଖମାରୀଙ୍କ ସମେତ ବୀର ସୁରେନ୍ଦ୍ର ସାଏ ଇକୋ କ୍ଲବ୍ ଓ ୟୁଥ୍ ଆଣ୍ଡ ଇକୋ କ୍ଲବର ସମସ୍ତ ସଦସ୍ୟ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ । ଶେଷରେ ଶିକ୍ଷକ ଶ୍ରୀପତି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ରାଉନ ସୁଗାର ଜବତ ସହ ଦୁଇ ଯୁବକ ଗିରଫ




**ଚିଲିକା,:**ଖୋର୍ଦ୍ଧା ଜିଲ୍ଲା ଏସପି ପି.ସ୍ମିତ ପି.ଦାସଙ୍କ ନିର୍ଦ୍ଦେଶ କ୍ରମେ ବାଲୁଗାଁ ଏସଡିପିଓ ସଞ୍ଜୟ କୁମାର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ବାଣପୁର ଥାନା ଅଧିକାରୀ ଜୟ ପ୍ରକାଶ ପରିଡ଼ାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ ବାଣପୁର ତଳସାହି ଲକ୍ଷ୍ମୀ ମନ୍ଦିର ନିକଟରେ ଚଢ଼ାଉ କରି ବ୍ରାଉନସୁଗାର ସହ ଦୁଇ ଜଣ ଯୁବକଙ୍କୁ ଗିରଫ କରିଛି ।ଏହି ଚଢ଼ାଉରେ ଏସଆଇ ବିନାୟକ ମନ୍ତ୍ରୀ,ରଞ୍ଜନ ମଲ୍ଲିକ,ପ୍ରଦୀପ ସେଠି,ଅକ୍ଷୟ କହଁର ଆଦି ପୋଲିସ କର୍ମଚାରୀ ସାମିଲ ଥିଲେ । କୌଣସି ସୂତ୍ରରୁ ଖବର ପାଇ ବାଣପୁର ପୋଲିସ ଲକ୍ଷ୍ମୀ ମନ୍ଦିର ନିକଟରେ ଚଢ଼ାଉ କରି ଦୁଇ ଯୁବକ ସହ ୨୧.୦୬ଗ୍ରାମ ବ୍ରାଉନ ସୁଗାର ,ଦୁଇଟି ମୋବାଇଲ ଓ ୧୭୦୦ ଟଙ୍କା ଜବତ ସହ ବାଣପୁର ଚିଆଁଙ୍ଗ ସାହିର ଶିବୁ ଓରଫ ସୁମନ ସାହୁ ଓ ଯାଜପୁର ଜିଲ୍ଲା ଭୁବନପୁର ଗ୍ରାମର ସୂର୍ଯ୍ୟ ଓରଫ ଉଦୟ ବାରିକଙ୍କୁ ଗିରଫ କରିଛି । ଏ ସମ୍ପର୍କରେ ବାଣପୁର ଥାନା କେଶ ନଂ ୨୯୪/୨୦୨୬ ଆଧାରରେ ଏକ ମାମଲା ରୁଜୁ ସହ ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି । ଆଗାମୀ ଦିନରେ ବାଣପୁର ଅଞ୍ଚଳରେ ବେଆଇନ ନିଶା ବେପାରୀଙ୍କୁ ସମ୍ପୂର୍ଣ୍ଣ ଭାବେ ସାବାଡ କରାଯିବ ବୋଲି ବାଣପୁର ଥାନା ଅଧିକାରୀ ଜୟ ପ୍ରକାଶ ପରିଡ଼ା କହିଛନ୍ତି ।

# ଧାମନଗର ବ୍ଲକରେ ଭୟଙ୍କର ବନ୍ୟା



ଧାମନଗର(ମହାଭାରତ) ଲଗାତାର ପାଞ୍ଚ ଦିନର ଅବିଶ୍ରାନ୍ତ ବର୍ଷା ଏବଂ ବୈତରଣୀ-ଗେଙ୍ଗୁଟି - କୋଚିଲା ନଦୀର ପ୍ରଳୟଙ୍କାରୀ ବନ୍ୟାଜଳ ଆଜି ଧାମନଗର ବ୍ଲକର ଜନଜୀବନକୁ ସମ୍ପୂର୍ଣ୍ଣ ଅସ୍ତବ୍ୟସ୍ତ କରିଦେଇଛି । କାହାର ଘର ପାଣିରେ ବୁଡ଼ିଛି, କାହାର ଚୁଲି ଜଳୁନାହିଁ ତ ଆଉ କାହାର ଗୋ-ସମ୍ପଦ ଗଭୀର ବିପଦରେ ରହିଛି ।ଅସହାୟ ଲୋକଙ୍କ ଆଖିର ଲୁହ ଓ ସାହାଯ୍ୟ ପାଇଁ ସେମାନଙ୍କ ଅପେକ୍ଷା ସମସ୍ତଙ୍କ ହୃଦୟକୁ ବ୍ୟଥିତ କରୁଛି । ବୈତରଣୀ ନଦୀର ଆଖୁଆପଦା ଠାରେ ବନ୍ୟା ଜଳ ୨୦.୪୫ ମିଟରରେ ପ୍ରବାହିତ ହେଉଛି । ଯଦିଓ ଜଳସ୍ତର ଧୀରେ ଧୀରେ କମିବାକୁ ଆରମ୍ଭ କଲାଣି, ତଥାପି ତଳିଆ ଅଞ୍ଚଳରୁ ବିପଦ ସମ୍ପୂର୍ଣ୍ଣ ଟଳି ନାହିଁ । ଧାମନଗର ବ୍ଲକର ୩୦ଟି ପଂଚାୟତ ମଧ୍ୟରୁ ପ୍ରାୟ ୨୭ଟି ପଂଚାୟତର ଚତୁର୍ଦ୍ଦିଗରେ ବନ୍ୟାଜଳ ପ୍ରବେଶ କରିଛି ।ବୈତରଣୀ, କୋଚିଲା ଏବଂ ଗେଙ୍ଗୁଟି ନଦୀର ଅନେକ ସ୍ଥାନରେ ନଦୀବନ୍ଧ ଉପରେ ବନ୍ୟାଜଳ ପ୍ରବାହିତ ହୋଇ ଭୟାବହ ପରିସ୍ଥିତି ସୃଷ୍ଟି କରିଛି । କାଞ୍ଜିଆପାଳ, ରୁଡ଼ଫଳପୁର, ବନବାଗ, ଦଳାଙ୍ଗ, ମଲିକସହିତ ଆଦି ଅଂଚଳର ବାହ୍ୟ ଜଗତ ସହ ଯୋଗାଯୋଗ ସମ୍ପୂର୍ଣ୍ଣ ବିଛିନ୍ନ ହୋଇପଡ଼ିଛି ।ସେହିପରି ଭଦ୍ରକ-ଆଖଣ୍ଡଳମଣି, ଧୁଷୁରୀ-ନଦୀଗାଁ, ଧାମନଗର-ସେଣ୍ଡପୁର, ବେଦପୁର-ପଧାନୀ, ଧାମନଗର-ଫଳପୁର ଏବଂ ଅର୍ଜୁନପୁର-ବାଲିପାଟଣା ଆଦି ମୁଖ୍ୟ ରାସ୍ତାଗୁଡ଼ିକ ଉପରେ ବନ୍ୟାଜଳ ପ୍ରବାହିତ ହେଉଥିବାରୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି । ଅନେକ ଗ୍ରାମରେ ବନ୍ୟାଜଳ ପଶିଯିବାରୁ ବାଧ ହୋଇ ଲୋକମାନେ ନଦୀବନ୍ଧ ଏବଂ ସ୍କୁଲଘରେ ଆଶ୍ରୟ ନେଇଛନ୍ତି ।ବନ୍ୟା ବିପଉଙ୍କୁ ସାହାଯ୍ୟ ଓ ଉଦ୍ଧାର କରିବା ପାଇଁ ଏନ୍.ଡି.ଆରଏଫ୍. ଏବଂ ଓଡ୍ରାଫ୍ ଟିମ ଧାମନଗରରେ ପହଂଚିଛନ୍ତି । ବନ୍ୟା ସ୍ଥିତିର ସମୀକ୍ଷା ପାଇଁ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଡି.ଆଇ.ଜି. ପିନାକୀ ମିଶ୍ର, ଏ.ଏସ୍.ପି. ମନୋଜ ରାଉତ, ଜଳସେଚନ ବିଭାଗ ଏସ୍.ଡି.ଓ. ଶମ୍ଭୁନାଥ ମଲିକ ଏବଂ ଧାମନଗର ତହସିଲଦାର ଜ୍ଞାନ ରଞ୍ଜନ ସାହୁ ପ୍ରମୁଖ ଧାମନଗର, ଧୁଷୁରୀ ଓ କୋଠାର ଆଦି ଅଂଚଳ ବୁଲି ବନ୍ୟା ବିପନ୍ନଙ୍କୁ ଭେଟି ଆଲୋଚନା କରିଛନ୍ତି ।କିଛି ସ୍ଥାନରେ ପ୍ରଶାସନ ପକ୍ଷରୁ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଛି ।ତିନିଘରିଆ, ଅର୍ଜୁନପୁର ଓ ରାମେଶ୍ୱରପୁରରେ ନଦୀବନ୍ଧ ସୁରକ୍ଷା ପାଇଁ ବାଲିବସ୍ତା ଦିଆଯାଇଛି । ପୂର୍ଣ୍ଣମୀ ଥିବାରୁ ବନ୍ୟାଜଳ ଆଗକୁ କମିବ ବୋଲି ଜଳସେଚନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଧାମନଗର ବିଜେଡିର ପ୍ରତିନିଧି ଦଳ ବନ୍ୟା ପ୍ରଭାବିତ ଅଂଚଳ ଗସ୍ତ କରି ପୀଡ଼ିତ ପରିବାରମାନଙ୍କ ଦୁଃଖ-ଦୁର୍ଦ୍ଦଶାକୁ ନିକଟରୁ ଅନୁଭବ କରିଛନ୍ତି । ସେମାନଙ୍କୁ ଆଶ୍ୱାସନା ଦିଆଯାଇଛି ଯେ ଏହି ବିପଦ ଘଡ଼ିରେ ସେମାନେ ଏକା ନୁହଁନ୍ତି । ଧାମନଗର ବି.ଡି.ଓ.ଙ୍କ ସହ ଆଲୋଚନା କରି ବନ୍ୟା ପୀଡ଼ିତ ଙ୍କ ପାଇଁ ତୁରନ୍ତ ରନ୍ଧା ଖାଦ୍ୟ, ଶୁଖିଲା ଖାଦ୍ୟ, ପଲିଥିନ୍, ଗୋ-ଖାଦ୍ୟ ଯୋଗାଣ ସହ ଜଳବନ୍ଦୀ ଲୋକଙ୍କ ଉଦ୍ଧାର କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତିରେ ତ୍ୱରାନ୍ୱିତ କରିବା ପାଇଁ ଦୃଢାବି ଜଣାଯାଇଛି । ବିଜେଡି ନିର୍ବାଚନ ମଣ୍ଡଳୀ ନେତା ସଞ୍ଜୟ ଦାସ,ପୂର୍ବତନ ପଂଚାୟତ ସେମିତି ଅଧକ୍ଷ ଅଶୋକ ନାୟକ,ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ ମଲିକ ପ୍ରମୁଖ ଗସ୍ତ କରି କହିଥିଲେ ।ତେବେ ବନ୍ୟା ସମୟରେ ଭୟଭୀତ ନ ହେବାକୁ ମନ୍ତ୍ରୀ ସୂର୍ଯ୍ୟ ବଂଶୀ ସୁରଜ ସମସ୍ତଙ୍କୁ ନିବେଦନ କରିଛନ୍ତି ।

## ଝଗଡେଇ ଠାରୁ ଭାୟା ଜାହାଡା ସୋରଡ଼ା ରାସ୍ତା ପାଲଟିଛି ମାରାଣଯନ୍ତା
## ଦୀର୍ଘ ୪ବର୍ଷ ହେଲାଣି ସରୁନି ରାସ୍ତା କାମ

ଆସିକା (ମହାଭାରତ) ଭଞ୍ଜନଗର ପୂର୍ତ୍ତ ବିଭାଗ ଡିଭିଜନ ଅଧୀନ ଗାଙ୍ଗପୁର ଓ ସୋରଡ଼ା ସେକ୍ସନ ର ୨୪ କିମି ଓ.ଡି.ଆର ରୋଡ ନିର୍ମାଣ ପାଇଁ ୨୪ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟ ରେ ଏହି ରାସ୍ତା ତିଆରି କରିବା ପାଇଁ ଦୁଇ ବର୍ଷ ପୂର୍ବରୁ ବିଭାଗ ପକ୍ଷରୁ ଟେଣ୍ଡର କରାଯାଇଥିଲା । ଏହି ରାସ୍ତା ନିର୍ମାଣ ପାଇଁ ବ୍ରହ୍ମପୁର ସାମନ୍ତରାୟ କାନଷ୍ଟ୍ରାକ୍ସନକୁ ଟେଣ୍ଡର ଦିଆ ଯାଇଥିଲା । ବିଭାଗୀୟ ଚୁକ୍ତି ମୁତାବକ ଏହି କମ୍ପାନୀ ୨୦୨୨ ଅକ୍ଟୋବର ସୁଦ୍ଧା ଝଗଡେଇ ନିକଟ ମଙ୍ଗଳପୁର ଛକରୁ ଭାୟା ଜାହାଡା ଦେଇ ସୋରଡ଼ା ନୂଆଗାଁ ଛକ ପର୍ଯ୍ୟନ୍ତ ଦୀର୍ଘ ୨୪ କିମି ରାସ୍ତା କାର୍ଯ୍ୟ ଶେଷ କରିବାର ଥିଲା ।ବହୁ ବିଳମ୍ବରେ ଅକ୍ଟୋବର



୨୦୨୨ରୁ କାର୍ଯ୍ୟ ଆରମ୍ଭ ହୋଇଥିଲା ମଧ୍ୟ ଆଜିପର୍ଯ୍ୟନ୍ତ ଏହି ରାସ୍ତା କାମ ସମାପ୍ତି ହୋଇନାହିଁ । ଜାହାଡା ଠାରୁ ଜଗମୋହନ, ନନ୍ଦିଗୋର,ଚମ୍ପାପଲ୍ଲୀ, ନୂଆଗାଁ ଛକ, ଗଙ୍ଗାପୁର ଓ ମଙ୍ଗଳ ପୁର ଛକ ପର୍ଯ୍ୟନ୍ତ ହୋଇଥିବା ରାସ୍ତା, କଲଭଟ, ବକ୍ସ ବ୍ରିଜ କାର୍ଯ୍ୟ ନିମ୍ନ ମାନର ହେଉଥିବା ଯୋଗୁଁ ସ୍ଥାନୀୟ ନନ୍ଦିଗୋର, ଗଙ୍ଗାପୁର ଓ ମଙ୍ଗଳପୁର ପଞ୍ଚାୟତ ଲୋକ ପ୍ରତିନିଧି ମାନେ ପ୍ରତିବାଦ କରିବା ପରେ କାର୍ଯ୍ୟ ବନ୍ଦ ରହିଥିଲା । ପରେ ଆସିକା ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ ଏହି ବିବାଦୀୟ କାର୍ଯ୍ୟ ଆରମ୍ଭ କରିବା ପାଇଁ ଆସି ଶୁଭ ଉଦଘାଟନ କରି ତୁରନ୍ତ କାର୍ଯ୍ୟ ଆରମ୍ଭ କରିବା ପାଇଁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ।ଏହା ସତ୍ୱେ ଏହି କାର୍ଯ୍ୟ ଠିକାଦାର ଜଣକ ଆଜି ସୁଦ୍ଧା ଏହି କାମ ସାରିନଥିବା ଠିକା ଦାର ଜଣକ ନିଜ ଇଚ୍ଛା ମୁତାବକ ବିଭାଗର ସମସ୍ତ ନିୟମ ଭାଙ୍ଗି ରାସ୍ତା ଗୁଡିକ ଖୋଳି ଖାଲ ଖମା ସାଙ୍ଗକୁ ଡ଼ାଇଭର୍ଶନ କରି ସମ୍ପୂର୍ଣ ରାସ୍ତା ଟିକୁ ନଷ୍ଟ କରିଦେଇଛନ୍ତି । ଯାହା ଫଳରେ ଆସିକାରୁ ଜାହାଡା ସୋରଡ଼ା କୁ ଦୈନନ୍ଦିନ ଯାଉଥିବା କରୁଥିବା ୩୦ଖଣ୍ଡ ଗ୍ରାମର ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯାନବାହାନ ଯିବା ତ ଦୂରର କଥା ଚାଲିବା ପାଇଁ ମଧ ସମ୍ଭବପର ହେଉନାହିଁ । ଦୈନିକ ସ୍କୁଲ ଯିବା ଆମ୍ବୁଲାନ୍ସ ଯାତାୟାତ ସମ୍ପୂର୍ଣ ରୂପେ ଠପ ହୋଇଯାଇଛି । ଏହି କାର୍ଯ୍ୟ ବିଳମ୍ବ ଓ ନିମ୍ନ ମାନର ହୋଇଥିବା ସତ୍ୱେ ସ୍ଥାନୀୟ ଅଞ୍ଚଳ ବାସୀ ବାରମ୍ବାର ପୂର୍ତ୍ତ ବିଭାଗ ଉଚ୍ଚ ଅଧିକାରୀ ଓ ଜିଲ୍ଲା ପ୍ରଶାସନ କୁ ଲିଖିତ ଆକାରରେ ଅଭିଯୋଗ କଲେ ମଧ ଠିକାଦାର ଜଣକ ପ୍ରଭାବ ଶାଳୀ ଥିବା ଯୋଗୁଁ ଠିକାଦାର ଙ୍କ ବିରୁଦ୍ଧରେ ବିଭାଗ କୌଣସି ପଦକ୍ଷେପ ନେଉନାହାନ୍ତି ।

## ଦନ୍ତା ହାତୀ ଆକ୍ରମଣ ରେ ମା ଗୁରୁତର ଅଳ୍ପକେ ବର୍ତିଲା ପୁଅ

ଦେବଗଡ଼(,ମହା ଭାରତ,) :ଦେବଗଡ଼ ଜିଲ୍ଲା କୁଣ୍ଢେଇଗୋଳା ଥାନା ଅନ୍ତର୍ଗତ ସଂଘାପଶି ମାଉଲି ପିଠ ଠାରୁ କିଛି ଦୂରରେ ଘଟିଛି ଏପରି ଅଭାବନୀୟ ଘଟଣା । ଆଜି ଅପରାହ୍ଣ ୫ଟା ସମୟରେ ବାଇକ୍ ଯୋଗେ ମା' ପୁଅ ବାପଘର ଝରାବେରେଣୀ ଗାଁରୁ ନିଜ ଘର ଅନୁଗୋଳ ଜିଲ୍ଲା ବାଗିଡିଆ କୁ ଫେରୁଥିବା ବେଳେ ହଠାତ ଆକ୍ରମଣ କରି ମହିଳାଙ୍କୁ ବାଇକରୁ ଟାଣି ଆଣିଥିଲା ଦନ୍ତା ହାତୀ । ଆହାତ ମହିଳା ହେଉଛନ୍ତି ବାଗିଡିଆ ଗାଁର ନିଳିମା ଧମା । ପୁଅ ଅଳ୍ପକେ ବର୍ତି ଯାଇଥିବା ବେଳେ ହାତୀ ଆକ୍ରମଣରେ ମା' ନିଳିମାଙ୍କ ଡ଼ାହାଣ ଗୋଡ଼ ଓ ହାତରେ ଗଭୀର ଆଘାତ ଲାଗିଛି । ଘଟଣା ସ୍ଥଳରୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଛେଣ୍ଡିପଦା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି । ସେଠାରେ ନିଳିମା ଙ୍କର ଚିକିତ୍ସା ଜାରି ରହିଥିବା ଜଣାପଡିଛି ।

## ତାଣ୍ଡବ ରଚୁ ଛି ଗୋଠ ଛଡ଼ା ହାତୀ



ପାଟଣା:-(ମହାଭାରତ) କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ ଅନ୍ତର୍ଗତ ମଲ୍ଲୀପଶି ପାଟଣା ବିଟ୍ ରେ ଗତ ରାତି ରେ ଗୋଟିକିଆ ହାତୀ ଭରାଣ୍ଡିଆ ଗ୍ରାମର ବୁଦ୍ଧଦେବ ମୁଣ୍ଡା,ଗୋବରାବେଡା ଗ୍ରାମର ରଞ୍ଜେଇ ନାଏକ,ବୃନ୍ଦାବନପୁର ଗ୍ରାମର ଚନ୍ଦ୍ରିକା ନାଏକ ଏବଂ ଖମୁଆଁ ଗ୍ରାମର ବସନ୍ତ ବାରିକ ଙ୍କ ଘର ଭାଙ୍ଗି ଦେଇ ଛି । ଏହା ପରେ ମୂଷାଖୋରୀ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ମଧ୍ୟରେ ରହି ଥିବା ଜଣାପଡିଛି । ଖବର ପାଇ ବନପାଳ ପକ୍ଷରୁ ଏକ ଟିମ ଗଠନ କରାଯାଇ ଗୋଟକିଆ ହାତୀ ଉପରେ ଚାରିଜଣ ଗଜ ସାଥି ଓ ତିନିଜଣ ହାତୀ ସ୍କ୍ୱାର୍ଡ ମଲ୍ଲୀପଶି ଠାରେ ବନରକ୍ଷୀ ଲକ୍ଷ୍ମୀକାନ୍ତ ରାଉତ ନିୟୋଜିତ ରହିଥିବା ସୂଚନା ରହିଛି ।

## ଜିଲ୍ଲା ପ୍ରଶାସନ ପକ୍ଷରୁ ରସଗୋଲା ବଣ୍ଟନ

**ପୁରୀ :** ମହାପ୍ରଭୁଙ୍କ ପବିତ୍ର ନୀଳାଦ୍ରି ବିଜେ ଅବସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡାଙ୍କ ପରାମର୍ଶ କ୍ରମେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ରସଗୋଲା ବଣ୍ଟନ କରାଯାଇଥିଲା । ନୀଳାଦ୍ରି ବିଜେ ଦିନକୁ ମଧ୍ୟ ରସଗୋଲା ଦିବସ ଭାବେ ପାଳନ କରାଯାଇଥାଏ । ମା ଲକ୍ଷ୍ମୀ ଙ୍କୁ ରଥଯାତ୍ରା ସମୟରେ ମହାପ୍ରଭୁ ନେଇ ନ ଥିବାରୁ ମା ଲକ୍ଷ୍ମୀ ରାଗ ପ୍ରକାଶ କରି ହେରା ପଞ୍ଚମୀ ତିଥିରେ ମହାପ୍ରଭୁଙ୍କ ନନ୍ଦିଘୋଷ ରଥରୁ କାଠ ଭାଙ୍ଗି ଦେଇଥିଲେ ।ସେହି କ୍ରୋଧ କୁ ଶାନ୍ତ କରିବା ଉଦ୍ଦେଶ୍ୟ ରେ ମହାପ୍ରଭୁ ନୀଳାଦ୍ରି ବିଜେ ତିଥିରେ ମହାଲକ୍ଷ୍ମୀଙ୍କୁ ରସଗୋଲା ଦେଇଥାନ୍ତି ।ଏହି ଦିବସ ର ତାତ୍ପର୍ଯ୍ୟ କୁ ନେଇ ଜିଲ୍ଲା ପ୍ରଶାସନ ପ୍ରାୟ ୫୦ କିଲୋଗ୍ରାମ ରସଗୋଲା ଶ୍ରୀମନ୍ଦିର ନିକଟରେ ବଣ୍ଟନ କରିଥିଲା ।ଏଥିରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ସୁଶାନ୍ତ କୁମାର ପତି, ଉପ ଜିଲ୍ଲାପାଳ ରାଜ କିଶୋର ଜେନା ପ୍ରମୁଖ ସହଯୋଗ କରିଥିଲେ ।

# ପ୍ରକୃତିର ଅପୂର୍ବ ପୁଷ୍ଟିସାର ଯୁକ୍ତ ଉପହାର ରୁଗୁଡା ନିରାମିଷ ମଟନ୍

**ସମ୍ବଲପୁର,**

ପ୍ରକୃତିର ବିଶାଳ ଗର୍ଭରେ ଅନେକ ଦୁର୍ଲଭ ପଦାର୍ଥ ସାଇତି ରହିଛି । ସେଥି ମଧ୍ୟରେ ପୁଷ୍ଟିସାର ଓ ଔଷଧୀୟ ଗୁଣବତ୍ତା ଯୁକ୍ତ ଖାଦ୍ୟ ପଦାର୍ଥ ରୁଗୁଡା ହେଉଛି ମାଟି ମା' ର ମାନବ ସମାଜ କୁ ଏକ ଅପୂର୍ବ ଉପହାର । ରୁଗୁଅପୂର୍ବ ପୁଷ୍ଟିସାର ଯୁକ୍ତ ଉପହାର । ରୁଗୁଡା ଖାଦ୍ୟ ଉପଯୋଗୀ ଏକ ବିରଳ ଛତୁ ଜାତୀୟ ଋତୁକାଳୀନ ଖାଦ୍ୟ । ମୌସୁମୀର ଆଗମନ ପରେ ବର୍ଷାଋତୁ ଜୁଲାଇରୁ ସେପ୍ଟେମ୍ବର ମାସ ମଧ୍ୟ ରେ ବଣ ଜଙ୍ଗଲ ବିଶେଷତଃ ଶାଳବଣ ରେ ପ୍ରାକୃତିକ ଭାବରେ ବଢିଥିବ ରୁଗୁଡା ଫଟା ମାଟି ତଳ ରୁ ଆତ୍ମ ପ୍ରକାଶ କରିଥାଏ । କେତେକ ଅଞ୍ଚଳ ରେ ରୁଗୁଡା କୁ ପୁଟୁ ବୋଲି କୁହାଯାଏ । ଭଲ ଭାବରେ ଅଳ୍ପ ଉଷୁମ ପାଣି ରେ ସଫା କଲା ପରେ ଉପର କଠିନ ଆବରଣ ଯୁକ୍ତ ଛାଲି କୁ ଛଡାଇବାକୁ ପଡିଥାଏ । ଉପର ଛାଲି କୁ ଛଡାଇବା ପରେ କୁକୁଡା କଲିଜା ଭଳି ନରମ ମାଂସାଳ ରୁଗୁଡା କୁ ସୁଗନ୍ଧିତ ମସଲା,ପିଆଜ, ରସୁଣ,ଲଙ୍କା, ଟମାଟର୍ ଦେଇ ସୁସ୍ୱାଦୁ ତରକାରି, ଭଜା, ସନ୍ତୁଳା ଆଦି ବିଭିନ୍ନ କିସମ ର ବ୍ୟଞ୍ଜନ ପ୍ରସ୍ତୁତ କରାଯାଇ ଥାଏ । ରୁଗୁଡା ଏତେ ସୁସ୍ୱାଦୁ ଯେ ମାଂସ କୁ ଛାଡି ଅନେକେ ରୁଗୁଡା ଖାଇବା କୁ ଆଗ୍ରହ କରିଥାନ୍ତି ।ଓଡ଼ିଶା,ଛତିଶଗଡ,ଝାଡ଼ଖଣ୍ଡ ର ଜଙ୍ଗଲ ଅଞ୍ଚଳ ରେ ରୁଗୁଡା ଶାଳ ଗଛ ତଳ ମାଟି ରୁ ବର୍ଷା ଋତୁ ରେ ବାହାରି ଥାଏ ।



ଜନଜାତି ସଂପ୍ରଦାୟର ଲୋକେ ରୁଗୁଡା ମାଟି ରୁ ସଂଗ୍ରହ କରି ବଜାର ରେ ବିକ୍ରି କରିଥାନ୍ତି । ରୁଗୁଡା କୁ ଶାକାହାରୀ ଅର୍ଥାତ ନିରାମିଷ ଭୋଜନକାରୀଙ୍କ ମଟନ୍ ବୋଲି କୁହାଯାଏ ।ବ୍ୟାପକ ଜଙ୍ଗଲ କ୍ଷୟ ଏବଂ ଋତୁଚକ୍ର ର ପରିବର୍ତ୍ତନ ତଥା ପ୍ରତିକୂଳ ପରିବେଶ ଯୋଗୁଁ ରୁଗୁଡା ଆଗ ଭଳି ମାଟି ରୁ ଆର୍ବିଭାବ ହେଉନାହିଁ ରୁଗୁଡା ବାହ୍ୟ ଆବରଣ କଠିନ ରବର ଭଳି ହୋଇ ଥିବା ବେଳେ ଭିତର ଅଂଶ ନରମ ଓ ମାଂସାଳୟରୁଗୁଡା ରେ ପ୍ରଚୁର ପରିମାଣ ର ପ୍ରୋଟିନ୍,ଭିଟାମିନ୍ ବି କମ୍ପ୍ଲେକ୍ସ, କାର୍ବୋହାଇଡ୍ରେଡ୍ୟମାଇକ୍ରୋ ନ୍ୟୁଟ୍ରିସନ୍ ,ଆଇରନ୍, ପୋଟାସିୟମ ଆଦି ଖାଦ୍ୟ ସାର ତତ୍ୱ ନିହିତ ରହିଛି । ମଧୁମେହ ରୋଗ, ଶରୀର ର ବିଭିନ୍ନ ଅଙ୍ଗ ଫୁଲିଯିବା ଓ ଯନ୍ତ୍ରଣା ଉପଶମ କରିବା, ଓଜନ ନିୟନ୍ତ୍ରଣ ପାଇଁ ରୁଗୁଡା କୁ ଔଷଧ ରୂପେ ବ୍ୟବହାର କରାଯାଏ । କ୍ଷତ ହୋଇ ସୃଷ୍ଟି ହୋଇଥିବା ଘା' ଶୁଖାଇବା ପାଇଁ କଳା ରୁଗୁଡା ବ୍ୟବହାର କଲେ ଘା' ଶୀଘ୍ର ଶୁଖି ଯାଏ । କଳା ରୁଗୁଡା କୁ ସମର ରୁଗୁଡା କୁହାଯାଏ । ବଜାର ରେ ରୁଗୁଡା କିଲୋ ୬୦୦ରୁ ୨୦୦୦ ଟଙ୍କାରେ ବିକ୍ରି ହୋଇଥାଏ । ରୁଗୁଡା ରୁ ବୈଜ୍ଞାନିକ ଗବେଷକ ମାନଙ୍କ ଦ୍ୱାରା ତିଆରି କେପସୁଲ୍, ପାଉଡର ଔଷଧ ରୂପେ ବ୍ୟବହାର ହେଉଛି । ରୁଗୁଡା ଉପରେ ଅଧିକ ଗବେଷଣା କରାଗଲେ ଆହୁରି ଅନେକ ଉପକାରୀ ତତ୍ୱ ର ଆବିଷ୍କାର ହୋଇ ପାରିବ ବୋଲି ଆଶା କରାଯାଏ । ଡା ଖାଦ୍ୟ ଉପଯୋଗୀ ଏକ ବିରଳ ଛତୁ ଜାତୀୟ ଋତୁକାଳୀନ ଖାଦ୍ୟୟ ମୌସୁମୀ ର ଆଗମନ ପରେ ବର୍ଷାଋତୁ ଜୁଲାଇ ରୁ ସେପ୍ଟେମ୍ବର ମାସ ମଧ୍ୟ ରେ ବଣ ଜଙ୍ଗଲ ବିଶେଷତଃ ଶାଳବଣ ରେ ପ୍ରାକୃତିକ ଭାବରେ ବଢିଥିବ ରୁଗୁଡା ଫଟା ମାଟି ତଳରୁ ଆତ୍ମ ପ୍ରକାଶ କରିଥାଏ । କେତେକ ଅଞ୍ଚଳ ରେ ରୁଗୁଡା କୁ ପୁଟୁ ବୋଲି କୁହାଯାଏ । ରନ୍ଧନ ପୂର୍ବ ରୁ ମାଟି ଲାଗିଥିବା ରୁଗୁଡା କୁ ଭଲ ଭାବରେ ଅଳ୍ପ ଉଷୁମ ପାଣି ରେ ସଫା କଲା ପରେ ଉପର କଠିନ ଆବରଣ ଯୁକ୍ତ ଛାଲି କୁ ଛଡାଇବାକୁ ପଡିଥାଏ । ଉପର ଛାଲି କୁ ଛଡାଇବା ପରେ କୁକୁଡା କଲିଜା ଭଳି ନରମ ମାଂସାଳ ରୁଗୁଡା କୁ ସୁଗନ୍ଧିତ ମସଲା, ପିଆଜ, ରସୁଣ,ଲଙ୍କା, ଟମାଟର୍ ଦେଇ ସୁସ୍ୱାଦୁ ତରକାରି, ଭଜା, ସନ୍ତୁଳା ଆଦି ବିଭିନ୍ନ କିସମ ର ବ୍ୟଞ୍ଜନ ପ୍ରସ୍ତୁତ କରାଯାଇ ଥାଏ । ରୁଗୁଡା ଏତେ ସୁସ୍ୱାଦୁ ଯେ ମାଂସ କୁ ଛାଡି ଅନେକେ ରୁଗୁଡା ଖାଇବା କୁ ଆଗ୍ରହ କରିଥାନ୍ତି ।ଓଡ଼ିଶା, ଛତିଶଗଡ,ଝାଡ଼ଖଣ୍ଡ ର ଜଙ୍ଗଲ ଅଞ୍ଚଳ ରେ ରୁଗୁଡା ଶାଳ ଗଛ ତଳ ମାଟି ରୁ ବର୍ଷା ଋତୁ ରେ ବାହାରି ଥାଏ । ଜନଜାତି ସଂପ୍ରଦାୟର ଲୋକେ ରୁଗୁଡା ମାଟି ରୁ ସଂଗ୍ରହ କରି ବଜାର ରେ ବିକ୍ରି କରିଥାନ୍ତି । ରୁଗୁଡା କୁ ଶାକାହାରୀ ଅର୍ଥାତ ନିରାମିଷ ଭୋଜନକାରୀଙ୍କ ମଟନ୍ ବୋଲି କୁହାଯାଏ ।ବ୍ୟାପକ ଜଙ୍ଗଲ କ୍ଷୟ ଏବଂ ଋତୁଚକ୍ର ର ପରିବର୍ତ୍ତନ ତଥା ପ୍ରତିକୂଳ ପରିବେଶ ଯୋଗୁଁ ରୁଗୁଡା ଆଗ ଭଳି ମାଟି ରୁ ଆର୍ବିଭାବ ହେଉନାହିଁ ରୁଗୁଡା ବାହ୍ୟ ଆବରଣ କଠିନ ରବର ଭଳି ହୋଇ ଥିବା ବେଳେ ଭିତର ଅଂଶ ନରମ ଓ ମାଂସାଳୟରୁଗୁଡା ରେ ପ୍ରଚୁର ପରିମାଣ ର ପ୍ରୋଟିନ୍,ଭିଟାମିନ୍ ବି କମ୍ପ୍ଲେକ୍ସ, କାର୍ବୋହାଇଡ୍ରେଡ୍ ।ମାଇକ୍ରୋ ନ୍ୟୁଟ୍ରିସନ୍ ,ଆଇରନ୍, ପୋଟାସିୟମ ଆଦି ଖାଦ୍ୟ ସାର ତତ୍ୱ ନିହିତ ରହିଛି । ମଧୁମେହ ରୋଗ, ଶରୀର ର ବିଭିନ୍ନ ଅଙ୍ଗ ଫୁଲିଯିବା ଓ ଯନ୍ତ୍ରଣା ଉପଶମ କରିବା, ଓଜନ ନିୟନ୍ତ୍ରଣ ପାଇଁ ରୁଗୁଡା କୁ ଔଷଧ ରୂପେ ବ୍ୟବହାର କରାଯାଏ । କ୍ଷତ ହୋଇ ସୃଷ୍ଟି ହୋଇଥିବା ଘା' ଶୁଖାଇବା ପାଇଁ କଳା ରୁଗୁଡା ବ୍ୟବହାର କଲେ ଘା' ଶୀଘ୍ର ଶୁଖି ଯାଏ । କଳା ରୁଗୁଡା କୁ ସମର ରୁଗୁଡା କୁହାଯାଏ । ବଜାର ରେ ରୁଗୁଡା କିଲୋ ୫୦୦ରୁ ୧୨୦୦ ଟଙ୍କାରେ ବିକ୍ରି ହୋଇଥାଏ । ରୁଗୁଡା ରୁ ବୈଜ୍ଞାନିକ ଗବେଷକ ମାନଙ୍କ ଦ୍ୱାରା ତିଆରି କେପସୁଲ୍, ପାଉଡର ଔଷଧ ରୂପେ ବ୍ୟବହାର ହେଉଛି । ରୁଗୁଡା ଉପରେ ଅଧିକ ଗବେଷଣା କରାଗଲେ ଆହୁରି ଅନେକ ଉପକାରୀ ତତ୍ୱ ର ଆବିଷ୍କାର ହୋଇ ପାରିବ ବୋଲି ଆଶା କରାଯାଏ ।

## ପୂର୍ବତନ ବସ୍ ଡ୍ରାଇଭରଙ୍କ ଘରେ ଚଢ଼ାଉ: ୧୫ କେଜି ସୁନା ଓ ୨୦ କୋଟି ଟଙ୍କା ଜବତ

କୋଲକାତା : କୋଲକାତାରେ ପୁଲିସର ବଡ଼ ରେଡ୍ ? । ଜବତ ହୋଇଛି କେଜି କେଜି ସୁନା ଓ କୋଟି କୋଟି ଟଙ୍କା । ବୀରଭୂମି ଜିଲ୍ଲାର ମହମ୍ମଦ ବଜାର ଥାନା ଅଞ୍ଚଳର ଦେଉଚା ବସ୍ ଷ୍ଟାଣ୍ଡ ନିକଟରେ ଏହି ଚଢ଼ାଉ କରାଯାଇଥିବା ଜଣାପଡ଼ିଛି । ଜଣେ ପୂର୍ବତନ ସରକାରୀ ବସ୍ ଡ୍ରାଇଭର ମିନାର ମଣ୍ଡଳଙ୍କ ଘରେ ହୋଇଥିବା ରେଡ୍ ?ରୁ ପ୍ରାୟ ୧୫ କେଜି ସୁନା ଓ ୨୦ କୋଟି ଟଙ୍କା ଜବତ ହୋଇଥିବା ଦାବି କରାଯାଉଛି । ଏତେ ପରିମାଣର ସୁନା ଓ ଟଙ୍କା ଜବତ ଘଟଣା ଏବେ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି । ସୂଚନା ଅନୁସାରେ, ମିନାର ମଣ୍ଡଳଙ୍କ ଘରେ ପୁଲିସ ଓ ସିଆଇଡି ପକ୍ଷରୁ ମିଳିତ ଭାବେ ତଲାସି ଚାଲିଥିଲା । ସକାଳୁ ପୁଲିସର ୬ଟି ଗାଡ଼ି ଘରେ ପହଞ୍ଚିଥିଲା । ଏହାପରେ ସମଗ୍ର ଅଞ୍ଚଳକୁ ଘେରାବନ୍ଦୀ କରି ତଲାସି ଅଭିଯାନ ଚଳାଇଥିଲା ପୁଲିସ । ରେଡ୍ ସମୟରେ ଏକ ଟଙ୍କା ଗଣନା ମେସିନ୍ ମଧ୍ୟ ଜବତ ହୋଇଥିବା ସୂଚନା ମିଳିଛି । ତେବେ ଜବତ ହୋଇଥିବା ନଗଦ ଟଙ୍କାର ପ୍ରକୃତ ପରିମାଣ ନେଇ ପୁଲିସ ପକ୍ଷରୁ ଏପର୍ଯ୍ୟନ୍ତ ଔପଚାରିକ ଭାବେ କୌଣସି ସୂଚନା ଦିଆଯାଇନାହିଁ । ଅନ୍ୟପଟେ, ଏହି ଘଟଣାରେ ମିନାର ମଣ୍ଡଳଙ୍କ ସମ୍ପର୍କୀୟ ଟୁଲୁ ମଣ୍ଡଳଙ୍କ ନାଁ ମଧ୍ୟ ସାମ୍ନାକୁ ଆସିଛି । ଟୁଲୁ ଜଣେ ପଥର ବ୍ୟବସାୟୀ ବୋଲି ଜଣାପଡ଼ିଛି । ତାଙ୍କ ବିରୋଧରେ ମହମ୍ମଦ ବଜାର ଥାନାରେ ନିର୍ବାଚନ ପରବର୍ତ୍ତୀ ହିଂସା ସମେତ ଅନେକ ଅଭିଯୋଗ ରହିଥିବା କୁହାଯାଉଛି । ଅଭିଯୋଗ ପରେ ସେ ଫେରାର ଥିବା ସୂଚନା ମିଳିଛି । ତେଣୁ ତାଙ୍କ ସମ୍ପର୍କୀୟଙ୍କ ଘରେ ମଧ୍ୟ ତଲାସି କରାଯାଉଛି । ଏତେ ପରିମାଣର ସୁନା ଓ ନଗଦ ଟଙ୍କା କେଉଁଠାରୁ ଆସିଲା ? ଏହା ପଛରେ କାହାର ସମ୍ପୃକ୍ତି ରହିଛି ? ଏହାକୁ ନେଇ ଏବେ ତଦନ୍ତ ଜାରି ରହିଛି । ପୁଲିସ ଓ ସିଆଇଡିର ତଲାସି ଅଭିଯାନ ପରେ ଘଟଣାର ପ୍ରକୃତ ରହସ୍ୟ ସାମ୍ନାକୁ ଆସିବ ବୋଲି ଆଶା କରାଯାଉଛି ।

# ଜାପାନର ତତ୍ତୋରି ସହ ହେବ ମୈତ୍ରୀ ଚୁକ୍ତି ନଭେମ୍ବରରେ ଆସିବେ ତତ୍ତୋରି ରାଜ୍ୟପାଳ

ନୂଆଦିଲ୍ଲୀ: ଓଡ଼ିଶା ସରକାର ଜାପାନର ତତ୍ତୋରି ପ୍ରଦେଶ ସହ ଏକ ମୈତ୍ରୀ ଚୁକ୍ତି ସ୍ୱାକ୍ଷର କରିବା ଉପରେ ବିଚାର କରୁଛନ୍ତି । ତତ୍ତୋରିର ମୁଖ୍ୟ ସଚିବ ତୋଶିକି ଏଣ୍ଡୋଙ୍କ ନେତୃତ୍ୱରେ ଓଡ଼ିଶା ଗସ୍ତରେ ଆସିଥିବା ୧୩ ଜଣିଆ ପ୍ରତିନିଧି ଦଳ ସହ ମୁଖ୍ୟ ସଚିବ ଅନୁ ଗର୍ଗ ଏକ ବୈଠକରେ ଆଲୋଚନା କରିଥିଲେ । ଏହି ପ୍ରସ୍ତାବିତ ସହଯୋଗ ଅଧୀନରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବ୍ୟବସାୟ, ଦକ୍ଷ ମାନବ ସମ୍ବଳ ଆଦାନପ୍ରଦାନ, ରୋଜଗାର ସୁଯୋଗ ସୃଷ୍ଟି , ଛାତ୍ରଛାତ୍ରୀ ବିନିମୟ କାର୍ଯ୍ୟକ୍ରମ, ପର୍ଯ୍ୟଟନ, ଶିକ୍ଷାଗତ ସହଯୋଗକୁ ପ୍ରୋତ୍ସାହିତ କରିବାକୁ ପଦକ୍ଷେପ ନିଆଯିବ । ସେହି ପ୍ରସ୍ତାବକୁ ତତ୍ତୋରିର ମୁଖ୍ୟ ସଚିବ ସ୍ୱାଗତ କରିଥିଲେ । ଶିଳ୍ପ, ଶିକ୍ଷା, ପର୍ଯ୍ୟଟନ, ସଂସ୍କୃତି ଓ ମାନବ ସମ୍ବଳ କ୍ଷେତ୍ରରେ ଓଡ଼ିଶା ସହ ଦୀର୍ଘମିଆଦି ସହଯୋଗ ସ୍ଥାପନ ପ୍ରତି ସେ ଆଗ୍ରହ ପ୍ରକାଶ କରିଥିଲେ । ଆସନ୍ତା ନଭେମ୍ବରରେ ତତ୍ତୋରିର ରାଜ୍ୟପାଳ ଓଡ଼ିଶା ଗସ୍ତରେ ଆସିବା କାର୍ଯ୍ୟକ୍ରମ ରହିଥିବା ସେ ଜଣାଇଥିଲେ ।



ବୈଠକରେ ତତ୍ତୋରି ପ୍ରଦେଶର ପ୍ରତିନିଧିମାନଙ୍କୁ ଶ୍ରୀମତୀ ଗର୍ଗ ଓଡ଼ିଶର ପ୍ରାଚୀନ ନୈବାଣିଜ୍ୟ ଓ ବୌଦ୍ଧ ଐତିହ୍ୟ ସମ୍ପର୍କରେ କହିଥିଲେ । ଜାପାନର କମ୍ପାନିମାନଙ୍କୁ ଓଡ଼ିଶାରେ ସବୁଜ ଶକ୍ତି, ଉନ୍ନତ ପ୍ରଯୁକ୍ତି ଓ ଗବେଷଣା, ଦକ୍ଷତା ବିକାଶ, ସ୍କିଲ୍ଡ ଇନ୍ ଓଡ଼ିଶା କାର୍ଯ୍ୟକ୍ରମ, ବେଳାଭୂମି ବିକାଶ, ନୀଳ ଅର୍ଥନୀତି, ମତ୍ସ୍ୟ ସମ୍ପଦଳ, କ୍ଷୁଦ୍ର, ମଧ୍ୟମ ଓ ବୃହତ୍ ଶିଳ୍ପରେ ପୁଞ୍ଜିନିବେଶ କରିବାକୁ ଆହ୍ୱାନ ଦେଇଥିଲେ । ଶିଳ୍ପ, ଗୃହ ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ହେମନ୍ତ ଶର୍ମା ଓଡ଼ିଶାର ଶିଳ୍ପାୟନ, ବନ୍ଦରଭିତ୍ତିକ ଅର୍ଥନୀତି, ଖଣିଜ ସମ୍ପଦ, ସବୁଜ ଶକ୍ତି, ଦକ୍ଷ ମାନବ ସମ୍ବଳ, ନିବେଶକ ଅନୁକୂଳ ନୀତି ଓ ସହଜ ବ୍ୟବସାୟ ପରିବେଶ ସମ୍ପର୍କରେ ଅବଗତ କରିଥିଲେ । ଜାପାନର ଉନ୍ନତ ପ୍ରଯୁକ୍ତି ବିଦ୍ୟା, ନିର୍ଭୁଲ ଇଞ୍ଜିନିୟରିଂ ଓ ନବସୃଜନ କ୍ଷମତା ସହ ଓଡ଼ିଶାର ସମ୍ପଦ ଓ ସାମର୍ଥ୍ୟର ମିଶିଲେ ସ୍ଥାୟୀ ଶିଳ୍ପ ବିକାଶର ନୂଆ ସୁଯୋଗ ସୃଷ୍ଟି ହେବ ବୋଲି କହିଥିଲେ । ବୌଦ୍ଧ ଐତିହ୍ୟକୁ ଆଧାର କରି ଉଭୟ ପ୍ରଦେଶ ମଧ୍ୟରେ ଅଭିଜ୍ଞତା ବିନିମୟ, ପ୍ରୋତ୍ସାହନ ଓ ପ୍ରତିନିଧି ଦଳ ଗସ୍ତ ଉପରେ ବୈଠକରେ ଆଲୋଚନା ହୋଇଥିଲା । ପରସ୍ପରର ସଂସ୍କୃତିକୁ ପ୍ରୋତ୍ସାହିତ କରିବା, ସାଂସ୍କୃତିକ ଉତ୍ସବ, ଭାଷା ଶିକ୍ଷା, ସାଂସ୍କୃତିକ ପ୍ରଦର୍ଶନୀ ଉପରେ ବିଚାରବିମର୍ଶ କରାଯାଇଥିଲା ତତ୍ତୋରି ପ୍ରତିନିଧିମାନେ ଏହି ତିନିଦିନିଆ ଗସ୍ତରେ ବିଶ୍ୱ ଦକ୍ଷତା କେନ୍ଦ୍ର, ବିଭିନ୍ନ ପର୍ଯ୍ୟଟନ ସ୍ଥଳ ଓ ସରକାରୀ ବିଭାଗ ପରିଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି । ଏହି ଅବସରରେ ବିଭିନ୍ନ ବିଭାଗର ଅଧିକାରୀ, ଶିଳ୍ପ ପ୍ରତିନିଧି ଉପସ୍ଥିତ ଥିଲେ ।

## ଦଳିତ ରାଜନୀତିରେ ନୂଆ ଖେଳ, ମାୟାବତୀଙ୍କ ପଦକ୍ଷେପକୁ ଆଗକୁ ବଢ଼ାଇଲେ ଯୋଗୀ: ଭଦୋହୀ ଜିଲ୍ଲା ପୁଣି ହେଲା ସନ୍ଥ ରବିଦାସ ନଗର



ଲକ୍ଷ୍ନୌ: ଉତ୍ତରପ୍ରଦେଶର ଦଳିତ ରାଜନୀତିରେ ନୂଆ ସମୀକରଣ ତିଆରି କରିବାକୁ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ସରକାର ଏକ ବଡ଼ ପଦକ୍ଷେପ ନେଇଛନ୍ତି । ସନ୍ଥ ରବିଦାସଙ୍କ ନାମ ସହ ଜଡ଼ିତ ଭଦୋହୀ ଜିଲ୍ଲାକୁ ପୁଣି ଥରେ ସନ୍ଥ ରବିଦାସ ନଗର ଭାବେ ନାମିତ କରାଯାଇଛି । ଏହି ପଦକ୍ଷେପକୁ ବିଜେପିର ଦଳିତ ସମୁଦାୟ ମଧ୍ୟରେ ପ୍ରଭାବ ବଢ଼ାଇବା ପାଇଁ ରଣନୈତିକ ପ୍ରୟାସ ଭାବେ ଦେଖାଯାଉଛି । ଭଦୋହୀ ଜିଲ୍ଲାର ନାମ ପରିବର୍ତ୍ତନ ପ୍ରସଙ୍ଗ ନୂଆ ନୁହେଁ । ପୂର୍ବରୁ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ନେତ୍ରୀ ମାୟାବତୀଙ୍କ ମୁଖ୍ୟମନ୍ତ୍ରିତ୍ୱ ସମୟରେ ଭଦୋହୀର ନାମ ବଦଳାଇ ସନ୍ଥ ରବିଦାସ ନଗର କରାଯାଇଥିଲା । ପରେ ସମାଜବାଦୀ ପାର୍ଟି ସରକାର ସମୟରେ ଏହାକୁ ପୁଣି ଭଦୋହୀ କରାଯାଇଥିଲା । ଏବେ ଯୋଗୀ ସରକାର ସନ୍ଥ ରବିଦାସଙ୍କ ନାମକୁ ପୁଣି ଆଗକୁ ଆଣି ଦଳିତ ଭୋଟରଙ୍କ ମଧ୍ୟରେ ଏକ ରାଜନୈତିକ ସନ୍ଦେଶ ଦେବାକୁ ଚେଷ୍ଟା କରୁଥିବା ଚର୍ଚ୍ଚା ହେଉଛି । ସନ୍ଥ ରବିଦାସ ଭକ୍ତି ଆନ୍ଦୋଳନର ଜଣେ ପ୍ରମୁଖ ସନ୍ଥ ଓ ସମାଜ ସୁଧାରକ ଥିଲେ । ସେ ସମାଜରେ ସମାନତା, ଭେଦଭାବ ଦୂରୀକରଣ ଓ ମାନବିକତାର ବାର୍ତ୍ତା ପ୍ରଚାର କରିଥିଲେ । ଦଳିତ ସମୁଦାୟ ମଧ୍ୟରେ ତାଙ୍କର ବିଶେଷ ସମ୍ମାନ ରହିଛି । ମାୟାବତୀ ନିଜ ଶାସନକାଳରେ ସନ୍ଥ ରବିଦାସଙ୍କ ସ୍ମୃତିରେ ବାରାଣସୀରେ ପାର୍କ ଓ ଘାଟ ନିର୍ମାଣ, ତାଙ୍କ ନାମରେ ଶିକ୍ଷାନୁଷ୍ଠାନ ସ୍ଥାପନ ଭଳି ପଦକ୍ଷେପ ନେଇଥିଲେ । ଏହା ମାଧ୍ୟମରେ ବିଏସ୍‌ପି ଦଳିତ ରାଜନୀତିରେ ନିଜର ଭିତ୍ତି ମଜବୁତ କରିଥିଲା । ଏବେ ବିଜେପି ମଧ୍ୟ ସନ୍ଥ ରବିଦାସଙ୍କ ଐତିହ୍ୟକୁ ନେଇ ରାଜ୍ୟରେ ବ୍ୟାପକ କାର୍ଯ୍ୟକ୍ରମ କରୁଛି । ସନ୍ଥ ରବିଦାସଙ୍କ ୬୫୦ତମ ଜୟନ୍ତୀ ଅବସରରେ ଦଳ ପକ୍ଷରୁ 'ଶ୍ରୀ ଗୁରୁ ରବିଦାସ ମହାରାଜ ସମରସତା ସଂକଳ୍ପ ଅଭିଯାନ' ଆରମ୍ଭ କରାଯାଇଛି ।

## ପଞ୍ଜାବ ଓ ଝାଡ଼ଖଣ୍ଡ ପେପର ଲିକ୍ ପ୍ରସଙ୍ଗରେ ନିରବ କାହିଁକି ?

ନୂଆଦିଲ୍ଲୀ: ନିଟ୍ ପେପର ଲିକ୍‌କୁ ନେଇ ଦେଶବ୍ୟାପୀ ଆନ୍ଦୋଳନ କରୁଥିବା ସିଜେପି (କକ୍ରୋଚ୍ ଜନତା ପାର୍ଟି)କୁ ବୁଧବାର ବିଜେପି ତୀବ୍ର ଆକ୍ରମଣ କରିଛି । ବିଜେପି ପ୍ରଶ୍ନ କରିଛି, ପଞ୍ଜାବ ଓ ଝାଡ଼ଖଣ୍ଡରେ ଘଟିଥିବା ପେପର ଲିକ୍ ଓ ପରୀକ୍ଷା ଅନିୟମିତତା ପ୍ରସଙ୍ଗରେ ସିଜେପି କାହିଁକି ନିରବ ରହିଛି । ଦଳର ଅଭିଯୋଗ, ସିଜେପି କେବଳ ବିଜେପିଶାସିତ ରାଜ୍ୟ କିମ୍ବା କେନ୍ଦ୍ର ସରକାରକୁ ଟାର୍ଗେଟ୍ କରୁଛି, କିନ୍ତୁ ବିରୋଧୀ ଦଳ ଶାସିତ ରାଜ୍ୟରେ ସମାନ ଘଟଣା ଘଟିଲେ କୌଣସି ପ୍ରତିବାଦ କରୁନାହିଁ ।



ବିଜେପି ମୁଖପାତ୍ର ସୁଧାଂଶୁ ତ୍ରିବେଦୀ ସାମ୍ବାଦିକ ସମ୍ମିଳନୀରେ କହିଥିଲେ, ପଞ୍ଜାବରେ ବିଭିନ୍ନ ନିଯୁକ୍ତି ପରୀକ୍ଷାରେ ପେପର ଲିକ୍ ଏବଂ ଝାଡ଼ଖଣ୍ଡ ଲୋକସେବା ଆୟୋଗ (ଜେପିଏସ୍ ?ସି)ର ନିଯୁକ୍ତି ପ୍ରକ୍ରିୟାକୁ ନେଇ ଗୁରୁତର ଅଭିଯୋଗ ଉଠିଛି । ତଥାପି ଏହି ପ୍ରସଙ୍ଗରେ ସିଜେପି କିମ୍ବା ଏହାର ସମର୍ଥକମାନଙ୍କ ପକ୍ଷରୁ କୌଣସି ବଡ଼ ଆନ୍ଦୋଳନ ଦେଖିବାକୁ ମିଳିନାହିଁ । ସେ କହିଥିଲେ, ଯଦି ଛାତ୍ରଙ୍କ ସ୍ୱାର୍ଥ ହିଁ ପ୍ରକୃତ ଉଦ୍ଦେଶ୍ୟ, ତେବେ ସମସ୍ତ ରାଜ୍ୟରେ ସମାନ ମାନଦଣ୍ଡ ଅନୁସରଣ କରାଯିବା ଉଚିତ ।
ବିଜେପି ରାଜ୍ୟସଭା ଏମ୍‌ପି ସ୍ୱାତୀ ମଲିୱାଲ ସିଜେପିକୁ ଆପର ବି-ଟିମ୍ ବୋଲି ଅଭିଯୋଗ କରି କହିଛନ୍ତି ଯେ, ନିଟ୍ ପ୍ରସଙ୍ଗକୁ ରାଜନୈତିକ ରୂପ ଦେବା ପାଇଁ ସିଜେପି ଚୟନମୂଳକ ଭାବେ ଆନ୍ଦୋଳନ କରୁଛି । ପଞ୍ଜାବ ଓ ଝାଡ଼ଖଣ୍ଡରେ ପରୀକ୍ଷା ଅନିୟମିତତା ନେଇ ଛାତ୍ରମାନଙ୍କ ଅଭିଯୋଗ ସତ୍ତ୍ୱେ ସଂଗଠନ ସେଠାରେ ସକ୍ରିୟ ହୋଇନାହିଁ । ଏହାଦ୍ୱାରା ସିଜେପିର ଉଦ୍ଦେଶ୍ୟକୁ ନେଇ ପ୍ରଶ୍ନ ଉଠୁଛି ବୋଲି ଦଳ କହିଛି । ଅନ୍ୟପକ୍ଷରେ ସିଜେପି ଏହି ଅଭିଯୋଗକୁ ଖଣ୍ଡନ କରିଛି । ସଂଗଠନର କହିବା ଅନୁସାରେ, ସେମାନେ ଦେଶର ଯେକୌଣସି ସ୍ଥାନରେ ପରୀକ୍ଷାରେ ଅନିୟମିତତା ଘଟିଲେ ଛାତ୍ରଙ୍କ ସପକ୍ଷରେ ସ୍ୱର ଉଠାଇବେ । କୌଣସି ରାଜନୈତିକ ଦଳକୁ ଲକ୍ଷ୍ୟ କରି ନୁହେଁ, ବରଂ ପରୀକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ହିଁ ସେମାନଙ୍କ ଉଦ୍ଦେଶ୍ୟ ବୋଲି ସିଜେପି ପକ୍ଷରୁ କୁହାଯାଇଛି ।

## ଗୃହମନ୍ତ୍ରୀ ଆପଣଙ୍କ ଭଳି ଲୁଚିଛପି ବିଦେଶ ଯାଆନ୍ତି ନାହିଁ' ରାହୁଲଙ୍କ ଟିପ୍ପଣୀକୁ ନେଇ ବିଜେପିର ପାଲଟା ଆକ୍ରମଣ

ନୂଆଦିଲ୍ଲୀ: ନିଟ୍ ପେପର ଲିକ୍ ଓ ଛାତ୍ର ଆନ୍ଦୋଳନ ପ୍ରସଙ୍ଗକୁ ନେଇ ଲୋକସଭାରେ ବିରୋଧୀ ଦଳର ନେତା ରାହୁଲ ଗାନ୍ଧୀ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଟାର୍ଗେଟ୍ କରିବା ପରେ ବିଜେପି ତାଙ୍କ ଉପରେ ପାଲଟା ଆକ୍ରମଣ କରିଛି । ବିଜେପି ମୁଖପାତ୍ର ସମ୍ବିତ୍ ପାତ୍ର କହିଛନ୍ତି, ଗୃହମନ୍ତ୍ରୀ ଆପଣଙ୍କ ଭଳି ଲୁଚିଛପି ବିଦେଶ ଯାଆନ୍ତି ନାହିଁ । ଏହା ସହ ରାହୁଲଙ୍କ ଅଭିଯୋଗକୁ ସେ ଭିତ୍ତିହୀନ ଓ ରାଜନୈତିକ ଉଦ୍ଦେଶ୍ୟ-ପ୍ରଣୋଦିତ ବୋଲି କହିଛନ୍ତି । ଲୋକସଭାରେ ଆଲୋଚନା ବେଳେ ରାହୁଲ ଗାନ୍ଧୀ କହିଥିଲେ ଯେ, ଜନ୍ତରମନ୍ତରରେ ଆନ୍ଦୋଳନ କରୁଥିବା ଛାତ୍ରଙ୍କ ବିରୋଧରେ ପେଲେଟ୍ ବ୍ୟବହାର କରାଯାଇଥିଲା ଏବଂ ଏହାର ଉତ୍ତର ଦେବା ପାଇଁ ଗୃହମନ୍ତ୍ରୀ ଅମିତ ଶାହ ସଦନରେ ଉପସ୍ଥିତ ନ ଥିଲେ । ରାହୁଲଙ୍କ ଅଭିଯୋଗ ଥିଲା, ଛାତ୍ରଙ୍କ ସହ ହୋଇଥିବା ବ୍ୟବହାର ପାଇଁ ସରକାର ଜବାବ ଦେବାରୁ ଦୂରେଇ ଯାଉଛନ୍ତି । ଏହାର ଜବାବରେ ସମ୍ବିତ ପାତ୍ର ସାମ୍ବାଦିକ ସମ୍ମିଳନୀରେ କହିଥିଲେ, ଅମିତ ଶାହ ସଂସଦରେ ନ ଥିବାର ଅର୍ଥ ସେ ଦାୟିତ୍ୱରୁ ପଳାଉଛନ୍ତି ବୋଲି ନୁହେଁ । ସେ କହିଥିଲେ, ଗୃହମନ୍ତ୍ରୀ ସରକାରୀ କାର୍ଯ୍ୟରେ ବ୍ୟସ୍ତ ରହିଥାନ୍ତି ଏବଂ ସେ 'ଲୁଚିଛପି ବିଦେଶ ଯାଉଥିବା' ନେତା ନୁହନ୍ତି । ଏହା ସହ ସେ ରାହୁଲ ଗାନ୍ଧୀଙ୍କ ବିଦେଶ ଗସ୍ତକୁ ନେଇ ମଧ୍ୟ କଟାକ୍ଷ କରିଥିଲେ । ସମ୍ବିତ ପାତ୍ର ଆହୁରି କହିଥିଲେ, ଜନ୍ତରମନ୍ତରରେ ପୁଲିସ ପକ୍ଷରୁ ପେଲେଟ୍ ଗନ୍ ବ୍ୟବହାର କରାଯାଇଥିବା ଦାବି ସମ୍ପୂର୍ଣ୍ଣ ଭୁଲ । ଦିଲ୍ଲୀ ପୁଲିସ ଏପରି କୌଣସି ପଦକ୍ଷେପ ନେଇ ନ ଥିବା ସ୍ପଷ୍ଟ କରିସାରିଛି । ତେଣୁ ଭୁଲ ତଥ୍ୟ ଆଧାରରେ ସରକାରଙ୍କୁ ବଦନାମ କରିବାର ଚେଷ୍ଟା କରାଯାଉଛି ବୋଲି ସେ ଅଭିଯୋଗ କରିଥିଲେ ।

## 'ବନ୍ଦେ ମାତରମ୍' ଅସମ୍ମାନ କଲେ ତିନି ବର୍ଷ ପର୍ଯ୍ୟନ୍ତ ଜେଲ୍ ଓ ଜରିମାନା ହୋଇ ପାରେ



ନୂଆଦିଲ୍ଲୀ: ସଂସଦର ଦୁଇ ସଦନରେ ଦୁଇ ଗୁରୁତ୍ୱପୂର୍ଣ୍ଣ ବିଲ୍ ପାରିତ । ପେପର ଲିକ୍ ଉପରେ କଡ଼ା ଆଇନ ସହ 'ବନ୍ଦେ ମାତରମ୍'କୁ ମିଳିଲା ସମର୍ଥନ । ବୁଧବାର ସଂସଦର ଦୁଇ ସଦନରେ ଶିକ୍ଷା ବ୍ୟବସ୍ଥା ଓ ଜାତୀୟ ଭାବନା ସହ ଜଡ଼ିତ ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ଆଗକୁ ବଢ଼ିଛି । ଲୋକସଭାରେ ପବ୍ଲିକ ଏକ୍ଜାମିନେସନ୍ସ (ପ୍ରିଭେନ୍ସନ୍ ଅଫ୍ ଅନଫେୟାର୍ ମିନ୍ସ) ସଂଶୋଧନ ବିଲ୍-୨୦୨୬ ପାରିତ ହୋଇଛି । ଏହି ବିଲ୍ ମାଧ୍ୟମରେ ପ୍ରଶ୍ନପତ୍ର ଲିକ୍, ସଂଗଠିତ ପରୀକ୍ଷା ଦୁର୍ନୀତି ଓ ଅସାଧୁ ଉପାୟ ବିରୋଧରେ ଅଧିକ କଡ଼ା ଦଣ୍ଡ, ତଦନ୍ତ କ୍ଷମତା ଏବଂ ଆଇନଗତ ବ୍ୟବସ୍ଥାକୁ ସୁଦୃଢ଼ କରାଯାଇଛି । ବନ୍ଦେ ମାତରମ୍..ର ଅସମ୍ମାନ କଲେ ଜାତୀୟ ସଂଗୀତ ଭଳି ଦଣ୍ଡ ଭୋଗିବେ । ଏଥିପାଇଁ ତିନି ବର୍ଷ ପର୍ଯ୍ୟନ୍ତ ଜେଲ୍ ଓ ଜରିମାନା ହୋଇ ପାରେ । ଅନ୍ୟପଟେ, ରାଜ୍ୟସଭାରେ 'ବନ୍ଦେ ମାତରମ୍ ବିଲ୍-୨୦୨୬' ପାରିତ କରିଛି । ଏହି ବିଲ୍‌ରେ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ଶିକ୍ଷାନୁଷ୍ଠାନରେ 'ବନ୍ଦେ ମାତରମ୍' ଗାନକୁ ବାଧ୍ୟତାମୂଳକ କରିବାର ବ୍ୟବସ୍ଥା ରହିଛି । ତେବେ ନିର୍ଦ୍ଦିଷ୍ଟ ବ୍ୟତିକ୍ରମ ପରିସ୍ଥିତିରେ ଛାଡ଼ ବ୍ୟବସ୍ଥା ମଧ୍ୟ ରହିଛି । ଉଭୟ ବିଲ୍ ବର୍ତ୍ତମାନ ସଂବିଧାନ ସମ୍ମତ ପରବର୍ତ୍ତୀ ବିଧାନ ପ୍ରକ୍ରିୟାକୁ ଅଗ୍ରସର ହେବ । ରାଜ୍ୟସଭାରେ ଜାତୀୟ ସମ୍ମାନ ଅପମାନ ନିବାରଣ ଆଇନ, ୧୯୭୧ ରେ ସଂଶୋଧନ ବିଲ୍ ପାସ୍ ହୋଇଛି । ଏହି ସଂଶୋଧନ ଅନୁଯାୟୀ, 'ବନ୍ଦେ ମାତରମ୍'କୁ ଇଚ୍ଛାକୃତ ଭାବେ ଅପମାନ କରିବା କିମ୍ବା ଗାନ ସମୟରେ ବାଧା ସୃଷ୍ଟି କରିବା ଦଣ୍ଡନୀୟ ଅପରାଧ ହୋଇପାରେ । ଦୋଷୀ ସାବ୍ୟସ୍ତ ହେଲେ ସର୍ବାଧିକ ୩ ବର୍ଷ ଜେଲ୍, ଜରିମାନା କିମ୍ବା ଉଭୟ ହୋଇପାରେ ।

## ବଢୁଛି ଯୁଦ୍ଧ ବିପଦ, ଜାହାଜରେ ଫସି ରହିଛନ୍ତି ୧୩ ଭାରତୀୟ ନାବିକ



ନୂଆଦିଲ୍ଲୀ : ୟୁକ୍ରେନର ଚୋର୍ନୋମୋର୍ସ୍କ ବନ୍ଦରରେ ଏକ ମାଲବାହୀ ଜାହାଜରେ ୧୩ ଜଣ ଭାରତୀୟ ନାବିକ ଫସି ରହିଛନ୍ତି । ରୁଷ-ୟୁକ୍ରେନ୍ ଯୁଦ୍ଧ ମଧ୍ୟରେ ବ୍ଲାକ୍ ସି ରେ ଚାଲିଥିବା ଡ୍ରୋନ୍ ଓ କ୍ଷେପଣାସ୍ତ୍ର ଆକ୍ରମଣ ଯୋଗୁଁ କର୍ମଚାରୀଙ୍କ ଜୀବନ ବିପଦରେ ପଡିଛି । ଋଝଟଓ କେନ୍ଦ୍ର ସରକାର ଜାହାଜର ମାଲିକ ସମ୍ପୃକ୍ତ ଦେଶ ଏବଂ ଅନ୍ୟାନ୍ୟ କର୍ତ୍ତୃପକ୍ଷଙ୍କୁ ତୁରନ୍ତ ହସ୍ତକ୍ଷେପ କରିବାକୁ ଏବଂ କର୍ମଚାରୀଙ୍କୁ ସୁରକ୍ଷିତ ଭାବରେ ସ୍ଥାନାନ୍ତର କରିବାକୁ ନିବେଦନ କରିଛନ୍ତି । ଜାହଜଟି ଏକ ଯୁଦ୍ଧଗ୍ରସ୍ତ ଅଞ୍ଚଳରେ ଫସି ରହିଥିବାରୁ ପ୍ରତ୍ୟେକ ଦିନ କ୍ରୁଙ୍କ ପ୍ରତି ବିପଦ ବଢିବାରେ ଲାଗିଛି । ଏହାରି ମଧ୍ୟରେ ଋଝଟଓ ଏକ ଭିଡିଓ ସେୟାର କରିଛି । ଯାହା ଜାହାଜରୁ ରେକର୍ଡ ହୋଇଥିବା ଅଭିଯୋଗ ହୋଇଛି । ବନ୍ଦର ଚାରିପାଖରେ ଘନ ଧୂଆଁ ଉଠୁଥିବା ଏହି ଭିଡିଓରେ ଦେଖିବାକୁ ମିଳିଛି । ୟୁନିଅନ କହିଛି ଯେ ଜାହାଜର ବହୁତ ନିକଟରେ ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଆକ୍ରମଣ ଜାରି ରହିଥିବାରୁ କ୍ରୁ ଭୟରେ ରହିଛନ୍ତି । ଅନ୍ୟପଟେ ଏପରି ସ୍ଥିତିକୁ ଦୃଷ୍ଟିରେ ରଖି କର୍ତ୍ତୃପକ୍ଷ କ୍ରୁଙ୍କ ସୁରକ୍ଷା ସୁନିଶ୍ଚିତ କରନ୍ତୁ ଏବଂ ବିଳମ୍ବ ନକରି ସେମାନଙ୍କୁ ସ୍ଥାନାନ୍ତର କରନ୍ତୁ ବୋଲି ସଂଘ ଦାବି କରିଛି । ହେଲେ ଏହି ସମ୍ପର୍କରେ ବୈଦେଶିକ ମନ୍ତ୍ରଣାଳୟ ଏବଂ ଜାହାଜ ପରିଚାଳନା କରୁଥିବା କମ୍ପାନୀ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ ।

## ଆସାମ ବନ୍ୟା ବିପର୍ଯ୍ୟୟ ମୃତ୍ୟୁ ସଂଖ୍ୟା ୭୫କୁ ବୃଦ୍ଧି

ଗୁଆହାଟୀ: ଆସାମରେ ପ୍ରଳୟଙ୍କରୀ ବନ୍ୟା ପରିସ୍ଥିତି ଯୋଗୁଁ ମୃତ୍ୟୁ ସଂଖ୍ୟା ୭୫ରେ ପହଞ୍ଚିଛି । ବିଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ସବୁଠାରୁ ଅଧିକ ପ୍ରଭାବିତ ଶିବସାଗର ଜିଲ୍ଲାରେ ଆଉ ୭ ଜଣଙ୍କର ମୃତ୍ୟୁ ହେବା ପରେ ଏହି ସଙ୍କଟଜନକ ସ୍ଥିତି ସୃଷ୍ଟି ହୋଇଛି । ଆସାମ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏଏସ୍ ?ଡିଏମଏ) ର ରିପୋର୍ଟ ଅନୁଯାୟୀ, ଶିବସାଗର, ଚରାଇଦେଓ, ଗୋଲାଘାଟ, ଯୋରହାଟ, ନଗାଓଁ, ଶୋଣିତପୁର ଏବଂ କାମରୂପ ଭଳି ୭ଟି ଜିଲ୍ଲାର ପ୍ରାୟ ୬୨୨ଟି ଗ୍ରାମ ଏବେ ମଧ୍ୟ ଜଳମଗ୍ନ ହୋଇ ରହିଛି । ବନ୍ୟା ଯୋଗୁଁ ପ୍ରାୟ ୪୫,୩୪୨ ହେକ୍ଟର ଚାଷଜମି ନଷ୍ଟ ହୋଇଯାଇଥିବା ବେଳେ ବାସହରା ହୋଇପଡ଼ିଥିବା ୩୨,୪୭୭ ଜଣ ବିପନ୍ନଙ୍କୁ ୧୧୫ଟି ସରକାରୀ ରିଲିଫ୍ କ୍ୟାମ୍ପରେ ଆଶ୍ରୟ ଦିଆଯାଇଛି । ଏହି ସଙ୍କଟ ସମୟରେ ବିପନ୍ନଙ୍କୁ ସାହାଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଏକ ବୃହତ୍ ଆର୍ଥିକ ସହାୟତା ପ୍ୟାକେଜ୍ ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ମୁତାବକ, ପ୍ରତ୍ୟେକ ମୃତକଙ୍କ ପରିବାର ଏବଂ ୩୦ ଦିନରୁ ଅଧିକ ସମୟ ଧରି ନିଖୋଜ ଥିବା ବ୍ୟକ୍ତିଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ରାଶି ସହ ଅତିରିକ୍ତ ୫ ଲକ୍ଷ ଟଙ୍କା ଅର୍ଥାତ୍ ମୋଟ ୯ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବ । ଏହାସହିତ ବନ୍ୟା ପ୍ରଭାବିତ ପ୍ରାୟ ୧ ଲକ୍ଷ ପରିବାରକୁ ତୁରନ୍ତ ଘରୋଇ ସାମଗ୍ରୀ କିଣିବା ପାଇଁ ୧୫,୦୦୦ ଟଙ୍କା ଲେଖାଏଁ ସହାୟତା ମିଳିବ । ଅଗଷ୍ଟ ୧ ତାରିଖରୁ ବନ୍ୟା ପ୍ରଭାବିତ ଅଞ୍ଚଳର ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ୧,୦୦୦ ଟଙ୍କା, ସ୍ନାତକ (ୟୁଜି) ଛାତ୍ରଛାତ୍ରୀଙ୍କୁ ୩,୦୦୦ ଟଙ୍କା ଏବଂ ସ୍ନାତକୋତ୍ତର (ପିଜି) ଛାତ୍ରଛାତ୍ରୀଙ୍କୁ ୫,୦୦୦ ଟଙ୍କା ଲେଖାଏଁ ସହାୟତା ରାଶି ସହ ମାଗଣା ପାଠ୍ୟପୁସ୍ତକ ଓ ପୋଷାକ ଯୋଗାଇ ଦିଆଯିବ । ବନ୍ୟାରେ ନଷ୍ଟ ହୋଇଯାଇଥିବା ସମସ୍ତ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାର ମାର୍କସିଟ୍ ଏବଂ ସାର୍ଟିଫିକେଟ୍ ମଧ୍ୟ ସରକାରଙ୍କ ପକ୍ଷରୁ ବିନା ମୂଲ୍ୟରେ ପୁନଃ ଜାରି କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ।

## ଭୂକମ୍ପରେ ଥରିଲା ଜାପାନ: ୧୮ ମୃତ, ଉଦ୍ଧାର କାର୍ଯ୍ୟ ଜାରି

କୁମାମୋତୋ (ଜାପାନ): ଶକ୍ତିଶାଳୀ ଭୂକମ୍ପରେ ଥରି ଉଠିଛି ଦକ୍ଷିଣ-ପଶ୍ଚିମ ଜାପାନ । ୭.୧ ତୀବ୍ରତାର ଏହି ଭୂକମ୍ପ ପରେ କୁମାମୋତୋ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଏଯାଏଁ ଅତି କମ୍‌ରେ ୧୮ ଜଣଙ୍କ ମୃତ୍ୟୁହୋଇଥିବା ବେଳେ ୬୨ ଜଣ ଆହତ ହୋଇଛନ୍ତି । ଧ୍ୱଂସାବଶେଷ ତଳେ ଫସିଥିବା ଲୋକଙ୍କୁ ଖୋଜିବା ପାଇଁ ଉଦ୍ଧାରକାରୀ ଦଳ ଅଭିଯାନ ଜାରି ରଖିଛି । ଜାପାନ ମେଟେରୋଲୋଜିକାଲ ଏଜେନ୍ସି ଅନୁସାରେ, ଜୁଲାଇ ୨୮ ତାରିଖ ଅପରାହ୍ଣ ପ୍ରାୟ ୪ଟା ୨୭ ମିନିଟ୍‌ରେ କୁମାମୋତୋ ଅଞ୍ଚଳରେ ଏହି ଭୂକମ୍ପ ହୋଇଥିଲା । ଭୂକମ୍ପ ପରେ ପ୍ରଥମେ ସୁନାମି ସତର୍କତା ଜାରି କରାଯାଇଥିଲା, ପରେ ତାହା ହଟାଇ ଦିଆଯାଇଥିଲା । ସବୁଠାରୁ ଅଧିକ କ୍ଷତି କୁମାମୋତୋ ପ୍ରଦେଶର କାଶିମା ସହରର ଏଓନ୍ ମଲ୍‌ରେ ହୋଇଛି ।

# ରାଜ୍ୟ ଗୋଷ୍ଠୀ କ୍ରୀଡା: ଝୁ ଝୁ ବର୍ଷାରେ ରୌପ୍ୟ ଜିତିଲେ ଗୁଲବୀର

## ପୁରୁଷ ୧୦,୦୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ଐତିହାସିକ ରୌପ୍ୟ ପଦକ ଜିତି ଇତିହାସ ରଚିଲେ ଗୁଲବୀର, ପଦକ ନିଶ୍ଚିତ କଲେ ୩ ବକ୍ସର

ଗ୍ଲାସଗୋ, ୨୯।୭: ବର୍ଷା ଲାଗି ରହିଥାଏ। ଟ୍ରାକରେ ପାଣି ସୁଅ ମାରୁଥାଏ। ତଥାପି ଚାଲିଥିଲା ରେସ୍। ଶେଷରେ ସବୁ ପ୍ରକାରର ପ୍ରତିକୂଳ ପରିସ୍ଥିତିକୁ ମାତ ଦେଇ ଭାରତର ଗୁଲବୀର ସିଂହ ଦେଶ ପାଇଁ ଜିତିଛନ୍ତି ଐତିହାସିକ ରୌପ୍ୟ। ମଙ୍ଗଳବାର ବିଳମ୍ବିତ ରାତିରେ ସେ ୧୦ ହଜାର ମିଟିର ଦୌଡରେ ଭାରତ ପାଇଁ ରୌପ୍ୟ ପଦକ ଜିତି ନୂଆ କୀର୍ତ୍ତିମାନ ହାସଲ କରିଛନ୍ତି।

ସେହିପରି ଭାରୋତ୍ତୋଳନରେ ମଧ୍ୟ ଦେଶକୁ ଚଳିତ ରାଜ୍ୟ ଗୋଷ୍ଠୀ କ୍ରୀଡାରେ ଆଉ ଏକ ପଦକ ମିଳିଛି। ଭାରତର ହରଜିନ୍ଦର କୌର ୬୯ କେଜି ବର୍ଗରେ ଦେଶ ପାଇଁ ରୌପ୍ୟ ପଦକ ଜିତିଛନ୍ତି। ମଙ୍ଗଳବାର ଭାରତ ୨ଟି ପଦକ ଜିତିଥିବା ବେଳେ ଦେଶର ୩ ଯୁବ ବକ୍ସର ସେମି ଫାଇନାଲରେ ପ୍ରବେଶ କରି ଆଉ ୩ ପଦକ ମଧ୍ୟ ନିଶ୍ଚିତ କରିଛନ୍ତି।

ମଙ୍ଗଳବାର ବିଳମ୍ବିତ ରାତିରେ ସ୍କଟଲ୍ୟାଣ୍ଡର ଗ୍ଲାସଗୋରେ ଚାଲିଥିବା ଲଢ଼େଇରେ ଭାରତ ଆଉ ୨ଟି ମେଡାଲ ଜିତିବା ପରେ ପଦକ ସଂଖ୍ୟା ୧୨କୁ ବୃଦ୍ଧି ପାଇଛି। ଏହା ମଧ୍ୟରେ ୨ଟି ସ୍ୱର୍ଣ୍ଣ, ୭ଟି ରୌପ୍ୟ ଓ ୩ଟି ବ୍ରୋଞ୍ଜ ରହିଛି।

ଆଲେକ୍ସାଣ୍ଡର ଷ୍ଟାଡିୟମରେ ଅନୁଷ୍ଠିତ ପୁରୁଷ ୧୦,୦୦୦ ମିଟର ଫାଇନାଲରେ ୨୬ ବର୍ଷୀୟ ଗୁଲବୀର ସିଂହ ଐତିହାସିକ ରୌପ୍ୟ ପଦକ ଜିତିଛନ୍ତି। ସ୍କଟଲ୍ୟାଣ୍ଡର ଲଗାତାର ବର୍ଷା ମଧ୍ୟରେ ଅନୁଷ୍ଠିତ ୨୫ ଲ୍ୟାପ୍‌ର ଏହି ଦୌଡ଼ରେ ଗୁଲବୀର ଅଧିକାଂଶ ସମୟ ଆଗରେ ରହି ଶେଷ ଯାଏ ନିଜ ରଣନୀତି ଉପରେ କାମ କରିଥିଲେ।

ତେବେ ଶେଷ ୪୦୦ ମିଟର ଲ୍ୟାପ ସମୟରେ ଅଷ୍ଟ୍ରେଲିଆର କାଇ ରବିନସନ୍ ନିଜର ଗତି ବାଢ଼ାଇଥିଲେ। ସେ ଗୁଲବୀରଙ୍କୁ ପଛରେ ପକାଇ ବେଶ ଆରାମରେ ସ୍ୱର୍ଣ୍ଣ ପଦକ ହାସଲ କରି ନେଇଛନ୍ତି।

ଗୁଲବୀର ମଧ୍ୟ ଶେଷ ଲ୍ୟାପ୍‌ରେ ଚମତ୍କାର ପ୍ରଦର୍ଶନ କରି






୨୭:୪୯.୭୮ ସମୟରେ ଫିନିଶ୍ ଲାଇନ୍ ଅତିକ୍ରମ କରିଥିଲେ। କିନ୍ତୁ ତାଙ୍କୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡିଥିଲା। ଆଇଲ୍ ଅଫ୍ ମ୍ୟାନ୍‌ର ଡେଭିଡ୍ ମୁଲାର୍କି ବ୍ରୋଞ୍ଜ ପଦକ ଜିତିଛନ୍ତି।

ଏହି ସଫଳତା ସହ ଗୁଲବୀର ରାଜ୍ୟ ଗୋଷ୍ଠୀ କ୍ରୀଡା ଇତିହାସରେ ଲଙ୍ଗ ଡିଷ୍ଟାନ୍ସ ଟ୍ରାକ୍ ଇଭେଣ୍ଟରେ ପଦକ ଜିତିଥିବା ପ୍ରଥମ ଭାରତୀୟ ପୁରୁଷ ଆଥଲେଟ୍ ହୋଇପାରିଛନ୍ତି। ୧୯୮୬ ପରେ ପ୍ରଥମଥର ପାଇଁ ଏହି ଇଭେଣ୍ଟରେ କୌଣସି ଆଫ୍ରିକୀୟ ଧାବକ ପୋଡିୟମରେ ସ୍ଥାନ ପାଇ ନାହାନ୍ତି।

ଏସ୍‌ଇସି ସେଣ୍ଟରରେ ଭାରତୀୟ ଭାରୋତ୍ତୋଳନ ଦଳର ସଫଳତା ମଙ୍ଗଳବାର ମଧ୍ୟ ଜାରି ରହିଥିଲା। ୨୦୨୨ ବର୍ମିଂହାମରେ ବ୍ରୋଞ୍ଜ ପଦକ ଜିତିଥିବା ହରଜିନ୍ଦର କୌର ମହିଳା ୬୯ କେଜି ବର୍ଗରେ ଏଥର ନିଜ ପଦକର ରଙ୍ଗ ବଦଳାଇଛନ୍ତି। ସେ ଏହି ବର୍ଗରେ ରୌପ୍ୟ ପଦକ କବଜା କରିଛନ୍ତି।

ହରଜିନ୍ଦର ସ୍ନାଚ୍‌ରେ ୧୦୧ କେଜି ଓ କ୍ଲିନ୍ ଆଣ୍ଡ ଜର୍କରେ ୧୨୦ କେଜି ଉଠାଇଥିଲେ। ସେ ମୋଟ ୨୨୧ କେଜି ଓଜନ ଉଠାଇ ଗ୍ଲାସଗୋରେ ଭାରତ ପାଇଁ ଭାରୋତ୍ତୋଳନରେ ସପ୍ତମ ପଦକ ନିଶ୍ଚିତ କରିଥିଲେ। କାନାଡାର ୨୧ ବର୍ଷୀୟ ଚାର୍ଲଟ୍ ସିମୋନୋ ଗେମ୍ସ ରେକର୍ଡ ସହ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ଅଷ୍ଟ୍ରେଲିଆର ଓଲିଭିଆ ହେମାନ୍ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏହି ବର୍ଗର କ୍ୱାର୍ଟରଫାଇନାଲରେ ଯଦୁମଣି ସିଂହ ମଣ୍ଡେଙ୍ଗବମ୍ ଜାମ୍ବିଆର ମ୍ୱେଙ୍ଗୋ ମ୍ୱାଲେଙ୍କୁ ଏକତରଫା ମୁକାବିଲାରେ ପରାସ୍ତ କରିଥିଲେ। ତୀକ୍ଷ୍ଣ ଜାବ୍ ଓ ସଠିକ୍ କାଉଣ୍ଟର ପଞ୍ଚ ମାଧ୍ୟମରେ ସେ ତିନୋଟି ରାଉଣ୍ଡରେ ନିୟନ୍ତ୍ରଣ ବଜାୟ ରଖି ସର୍ବସମ୍ମତ ନିଷ୍ପତ୍ତିରେ ସେମିଫାଇନାଲକୁ ପ୍ରବେଶ କରିଛନ୍ତି। ସେ ୫-୦ରେ ବିଜୟ ହୋଇଛନ୍ତି।

ସ୍କଟଲ୍ୟାଣ୍ଡର ନିଆମ୍ ମିଚେଲଙ୍କ ବିରୋଧରେ ଘରୋଇ ଦର୍ଶକଙ୍କ ଚାପ ସତ୍ତ୍ୱେ ପ୍ରିୟା ଦମଦାର ପ୍ରଦର୍ଶନ କରିଥିଲେ। ଶକ୍ତିଶାଳୀ ବଡି ଶଟ୍ ଓ ଚମତ୍କାର ଫୁଟ୍‌ୱର୍କ ସହ ସେ ସ୍ପଷ୍ଟ ବିଜୟ ହାସଲ କରି ପଦକ ନିଶ୍ଚିତ କରିଛନ୍ତି। ସେ ୪-୧ରେ ବାଜିମାତ କରିଛନ୍ତି।

ବିଶ୍ୱର ତୃତୀୟ ମାନ୍ୟତାପ୍ରାପ୍ତ ବକ୍ସର ପ୍ରୀତି ପାୱାର ନିଜର ଦମଦାର ପ୍ରଦର୍ଶନ ସମସ୍ତଙ୍କୁ ଦେଖାଇଛନ୍ତି। ଦ୍ରୁତ କମ୍ବିନେସନ୍ ପଞ୍ଚ ଓ ଚମତ୍କାର ଫୁଟ୍‌ୱର୍କ ସହ ସେ ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେ ମଧ୍ୟ ୫-୦ରେ ବିଜୟୀ ହୋଇଛନ୍ତି। କମନୱେଲ୍ଥ ଗେମ୍ସ ବକ୍ସିଂରେ ସେମିଫାଇନାଲରେ ପରାଜିତ ବକ୍ସରମାନଙ୍କୁ ବ୍ରୋଞ୍ଜ ପଦକ ମିଳୁ ଥିବାରୁ, ଜୁଲାଇ ୨୮ରେ ଅନୁଷ୍ଠିତ କ୍ୱାର୍ଟରଫାଇନାଲରେ ଭାରତର ବକ୍ସରମାନେ ଉତ୍କୃଷ୍ଟ ପ୍ରଦର୍ଶନ କରି ଅତି କମରେ ତିନିଟି ପଦକ ନିଶ୍ଚିତ କରିଛନ୍ତି।

# ପୁଣି ୧ ନମ୍ବରକୁ ଫେରିଲେ ଗିଲ୍, ୨୩୦ ସ୍ଥାନ ଉପରକୁ ଉଠିଲେ ସୂର୍ଯ୍ୟବଂଶୀ

ଦୁବାଇ, ୨୯।୭: ପୁଣିଥରେ ଆଇସିସି ଦିନିକିଆ ବ୍ୟାଟିଂ ରାଙ୍କିଂରେ ୧ ନମ୍ବର ସ୍ଥାନକୁ ଫେରିଛନ୍ତି ଭାରତୀୟ ଦଳର ଅଧିନାୟକ ଶୁବମନ ଗିଲ୍। ଦିନିକିଆ ଓ ଟେଷ୍ଟରେ ଭାରତର କମାଣ ସମ୍ଭାଳୁଥିବା ଗିଲ୍ ନିକଟରେ ଶେଷ ହୋଇଥିବା ଇଂଲଣ୍ଡ ବିପକ୍ଷ ସିରିଜରେ ୮୦(ରିଟାର୍ଡ ହର୍ଟ), ୩୧ ଓ ୭୭ ରନର ଇନିଂସ ଖେଳିଥିଲେ।

ଏଥିପାଇଁ ଦିନିକିଆ ବ୍ୟାଟିଂ ରାଙ୍କିଂରେ ତାଙ୍କୁ ବଡ ଫାଇଦା ମିଳିଛି। ଗିଲ୍ ଇଂଲଣ୍ଡ ସିରିଜ ପରେ ୧ ନମ୍ବରରେ ଥିବା ନ୍ୟୁଜିଲ୍ୟାଣ୍ଡର ଡାରେଲ ମିଚେଲଙ୍କୁ ଦ୍ୱିତୀୟକୁ ଠେଲି ଦେଇଛନ୍ତି। ଗିଲ ୮୦୧ ପଏଣ୍ଟ ସହ ୧ ନମ୍ବରରେ ଥିବା ବେଳେ ମିଚେଲଙ୍କ ପଏଣ୍ଟ ସଂଖ୍ୟା ୭୯୪ ରହିଛି। ଓ୍ୱେଷ୍ଟଇଣ୍ଡିଜ ବିପକ୍ଷ ଶେଷ ଦିନିକିଆ ଆହତ ସମସ୍ୟାରୁ ମିଚେଲ ଖେଳି ନଥିଲେ। ଏଥିପାଇଁ ସେ ୭୯୪ ପଏଣ୍ଟରେ ସ୍ଥିର ରହିଛନ୍ତି।

ପୂର୍ବଭଳି ବିରାଟ କୋହଲି ୩ ନମ୍ବର, ରୋହିତ ଶର୍ମା ୪ ନମ୍ବର, ଇବ୍ରାହିମ ଜର୍‌ଦାନ ୫ ନମ୍ବର, ବାବର ଆଜମ ୬ ନମ୍ବର, ହ୍ୟାରୀ ଟେକ୍ଟର ୭ ନମ୍ବର, ୮ମରେ ଜୋ ରୁଟ, ୯ମରେ ଶାଇ ହୋପ ଓ ୧୦ମ ସ୍ଥାନରେ ଚରିଥ ଅସଲଙ୍କା ରହିଛନ୍ତି।

ଆଇସିସି ପକ୍ଷରୁ ଜାରି ବିବୃତିରେ କୁହାଯାଇଛି ଯେ "ନ୍ୟୁଜିଲାଣ୍ଡର ଡାରିଲ୍ ମିଚେଲ୍ ଓ୍ୱେଷ୍ଟଇଣ୍ଡିଜ୍ ବିପକ୍ଷ ଶେଷ ଦିନିକିଆ ମ୍ୟାଚ୍‌ରୁ ବାଦ ପଡ଼ିବା ପରେ ଭାରତୀୟ ଅଧିନାୟକ ଶୁବମନ ଗିଲ୍ ପୁଣିଥରେ ଆଇସିସି ଦିନିକିଆ ବ୍ୟାଟିଂ ରାଙ୍କିଂର ନମ୍ବର ୧ ସ୍ଥାନ ହାସଲ କରିଛନ୍ତି। ଗିଲ ତୃତୀୟ ଥର ପାଇଁ ଦିନିକିଆର






ଶୀର୍ଷ ବ୍ୟାଟର ହେବାର ସଫଳତା। ପାଇଛନ୍ତି।"

ଅନ୍ୟପକ୍ଷରେ ଜିମ୍ବାୱେ ବିପକ୍ଷ ଟି-୨୦ରେ ଦମଦାର ପ୍ରଦର୍ଶନ କରିଥିବା ଭାରତର ବିସ୍ମୟ ବାଳକ ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀ ମଧ୍ୟ ଆଇସିସି ଟି-୨୦ ରାଙ୍କିଂରେ ପ୍ରଥମଥର ଚର୍ଚ୍ଚାକୁ ଆସିଛନ୍ତି।ସେ ଟି-୨୦ ଅନ୍ତର୍ଜାତୀୟ ବ୍ୟାଟର ରାଙ୍କିଂରେ ଏକାଥରେ ୨୩୦ ସ୍ଥାନ ଲମ୍ଫ ମାରି ୪୮ତମ ସ୍ଥାନରେ ପହଞ୍ଚିଛ ଯାଇଛନ୍ତି। ସେ ଜିମ୍ବାୱେ ବିପକ୍ଷ ସିରିଜ୍‌ରେ ୫୦ ଓ ୮୧ ରନ୍‌ର ଇନିଂସ୍ ଖେଳିଥିଲେ। ଏପରି କି ତାଙ୍କୁ 'ପ୍ଲେୟର ଅଫ୍ ଦି ସିରିଜ୍' ପୁରସ୍କାର ମିଳିଥିଲା। ବୈଭବ ଜିମ୍ବାୱେ ବିପକ୍ଷ ୩ଟି ମ୍ୟାଚରେ ମୋଟ ୧୫୧ ରନ୍ ସଂଗ୍ରହ କରିଥିଲେ। ପ୍ରଥମ ମ୍ୟାଚ୍‌ରେ ସେ ମାତ୍ର ୧୯ ବଲ୍‌ରେ ଅର୍ଦ୍ଧଶତକ ଓ ଶେଷ ମ୍ୟାଚ୍‌ରେ ୪୯ ବଲ୍‌ରେ ୮୧ ରନ୍ କରି ସେ ସମସ୍ତଙ୍କୁ ପ୍ରଭାବିତ କରିପାରିଥିଲେ।ଭାରତର ଟି-୨୦ ଅଧିନାୟକ ଶ୍ରେୟସ ଆୟର ଓ ଉପ ଅଧିନାୟକ ତିଳକ ବର୍ମା ମଧ୍ୟ ବ୍ୟାଟିଂ ରାଙ୍କିଂରେ ମଧ୍ୟ ସୁଧାର ଆସିଛି।

ତିଳକ ବର୍ମା ଦୁଇଟି ସ୍ଥାନ ଉପରକୁ ଉଠି ୬ ନମ୍ବର ଓ ଆୟର ୭ଟି ସ୍ଥାନ ଉଠି ୨୪ତମ ସ୍ଥାନରେ ପହଞ୍ଚିଛନ୍ତି। ବୋଲରଙ୍କ ରାଙ୍କିଂରେ ଭାରତୀୟ ସ୍ପିନର ରବି ବିଷ୍ଣୋଇ ଚମତ୍କାର ସଫଳତା ପାଇଛନ୍ତି। ଜିମ୍ବାୱେ ବିପକ୍ଷ ସିରିଜରେ ଭଲ ପ୍ରଦର୍ଶନ କରିବା ପରେ ସେ ୩୧ ସ୍ଥାନ ଲମ୍ଫ ଦେଇ ୪୧ତମ ସ୍ଥାନକୁ ଉଠିଛନ୍ତି। ସେହିପରି ଜିମ୍ବାୱେର ପେସର ବ୍ଲେସିଂ ମୁଜାରାବାନି ୧୦ ସ୍ଥାନ ଉପରକୁ ଉଠି ୨୬ତମ ସ୍ଥାନରେ ପହଞ୍ଚିଛନ୍ତି।ତ୍ରିନିଡାଡ୍‌ରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ଓ୍ୱେଷ୍ଟଇଣ୍ଡିଜ୍ ୯୦ ରନରେ ପାକିସ୍ତାନକୁ ହରାଇ ଦେଇଛି। ୨୧୧ ରନ୍‌ର ପିଛା କରୁଥିବା ପାକିସ୍ତାନ ଚତୁର୍ଥ ଦିନରେ ମାତ୍ର ୧୨୦ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା।ଏହି ମ୍ୟାଚ୍ ପରେ ଟେଷ୍ଟ ବ୍ୟାଟିଂ ରାଙ୍କିଂରେ ପାକିସ୍ତାନ ଅଧିନାୟକ ବାବର ଆଜମ ଦ୍ୱିତୀୟ ଇନିଂସ୍‌ରେ ଅପରାଜିତ ୫୮ ରନ୍ କରିଥିଲେ। ଏଥିପାଇଁ ସେ ୪ଟି ସ୍ଥାନ ଉପରକୁ ଉଠି ୧୫ ନମ୍ବରରେ ପହଞ୍ଚିଛନ୍ତି।

ଶାନ୍ ମସୁଦ୍ ପ୍ରଥମ ଇନିଂସ୍‌ରେ ୧୦୯ ରନ୍ କରି ୮ଟି ସ୍ଥାନ ଲମ୍ଫ ଦେଇ ୩୬ତମ ସ୍ଥାନ ଦଖଲ କରିଛନ୍ତି। ଓ୍ୱେଷ୍ଟଇଣ୍ଡିଜ୍‌ର ଶାଇ ହୋପ୍ ପ୍ରଥମ ଇନିଂସ୍‌ରେ ୯୨ ରନ୍ କରି ୫୧ ନମ୍ବରରୁ ୩୯ ଓ କାଭେମ୍ ହଜ୍ ୭ଟି ସ୍ଥାନ ଉପରକୁ ଉଠି ୬୦ତମ ସ୍ଥାନରେ ପହଞ୍ଚିଛନ୍ତି।

## 'ଟେଷ୍ଟରେ ବୁମରାଙ୍କୁ ଚୟନ କରିବାର ନଥିଲା'

ନୂଆଦିଲ୍ଲୀ: ଶ୍ରୀଲଙ୍କା ଗସ୍ତରେ ଯିବ ଟିମ୍ ଇଣ୍ଡିଆ । ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳାଯିବ । ତେବେ ଦଳରେ ଷ୍ଟାର ପେସର ବୋଲର ଜଶପ୍ରିତ୍ ବୁମରା ସ୍ଥାନ ପାଇଛନ୍ତି । ଯାହାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଟିମ୍ ଇଣ୍ଡିଆର ପୂର୍ବତନ ଅଲରାଉଣ୍ଡର ରବିଚନ୍ଦ୍ରନ ଅଶ୍ୱିନୀ । ଦଳରେ କାହିଁକି ବୁମରାଙ୍କୁ ସ୍ଥାନ ଦିଆଗଲା ଯାହା ଉପରେ ନିଜର ପ୍ରତିକ୍ରିୟା ରଖିଛନ୍ତି ଅଶ୍ୱିନୀ । ନିଜ ୟୁଟ୍ୟୁବ୍ ଚ୍ୟାନେଲରେ ଏହି ନିଷ୍ପତ୍ତି ଉପରେ ରଖିଛନ୍ତି ଦୃଢ଼ ପ୍ରତିକ୍ରିୟା । ଶ୍ରୀଲଙ୍କାର ପିଚ୍ ସ୍ପିନରଙ୍କୁ ସୁହାଉଥିବାବେଳେ ବୁମରାଙ୍କ ଚୟନ ଉପରେ ଅଶ୍ୱିନୀ ଉଠାଇଛନ୍ତି ପ୍ରଶ୍ନ । ସେ କହିଛନ୍ତି କି, ଯଦି ବି ବୁମରା ଶ୍ରୀଲଙ୍କା ବିପକ୍ଷ ସିରିଜ୍ ଖେଳିନଥାନ୍ତେ ତାହେଲେ ଦଳ ଉପରେ କେ?ଣସି ପ୍ରଭାବ ପଡ଼ିନଥାନ୍ତା । କେବଳ ଗୁରୁତ୍ୱପୂର୍ଣ୍ଣ ମ୍ୟାଚରେ ବୁମରାଙ୍କୁ ଖେଳାଇବା ଉଚିତ୍ । କାରଣ ଆଗକୁ ବଡ଼ ଟୁର୍ଣ୍ଣାମେଣ୍ଟ ରହିଛି । ୨୦୨୭ ବିଶ୍ୱକପରେ ଭାରତର ବଡ଼ ଅସ୍ତ୍ର ହେବେ ବୁମରା । ଏଣୁ ତାଙ୍କୁ ଯଥା ସମ୍ଭବ ଚାପ ନଦେବା ଉଚିତ୍ ।

### ଆଇସିସି ନିକଟରେ ଅଷ୍ଟ୍ରେଲିଆର ଦାବି

## ୨୦୨୭ ବିଶ୍ୱକପ ଲାଗି ଟିମରେ ରୁହନ୍ତୁ ୧୭ଖେଳାଳି

ନୂଆଦିଲ୍ଲୀ, ୨୯।୭ : ଓ୍ୱାନଡେ ବିଶ୍ୱକପ ଆସନ୍ତା ବର୍ଷ ହେବ । ଯେଉଁଥିଲାଗି ସବୁ ଦେଶ ନିଜ ନିଜ ସ୍ତରରେ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି । ଏବେ ସେହି ସମୟ ଅଟେ ଯେତେବେଳେ ସବୁ ଦେଶ ନିଜର ଫାଇନାଲ ଟିମ୍ ପକ୍କା କରୁଛନ୍ତି। କେତେକ ଥର ହୋଇଥାଏ କି ଭଲ ଖେଳାଳୀଙ୍କୁ ବି ଡ୍ରପ୍ ହେବାକୁ ପଡ଼ିଥାଏ । ପ୍ରକାଶ ଯେ, ଏହା ଟିମ୍ କମ୍ବିନେଶନ ଉପରେ ସୁନିଶ୍ଚିତ ହୋଇଥାଏ । ଉଦାହରଣ ସ୍ୱରୂପ, ଯଦି ଆପଣଙ୍କ ପାଖରେ ୪ଜଣ ଭଲ ବ୍ୟାଟର ଅଛନ୍ତି, କିନ୍ତୁ କେବଳ ଜଣେ କିମ୍ବା ଦୁଇ ଜଣଙ୍କୁ ଦଳରେ ସାମିଲ କରାଯାଇପାରିବ ଫଳରେ କାହାକୁ ଭଲ ପ୍ରଦର୍ଶନ ପରେ ବି ନିରାଶ ହେବାକୁ ପଡ଼ିବ । ପ୍ରକାଶ ଯେ, ଯେ କୌଣସି ବୋର୍ଡ ବିଶ୍ୱକପ୍ ପାଇଁ ସର୍ବାଧିକ ୧୫ଜଣ ଖେଳାଳୀଙ୍କୁ ଚୟନ କରିପାରିବ। ଅଷ୍ଟ୍ରେଲିଆର ବିଶ୍ୱକପ୍ ୨୦୨୩ବିଜେତା ଦଳର ମୁଖ୍ୟ ପ୍ରଶିକ୍ଷକ ଆଣ୍ଡ୍ରୁ ମ୍ୟାକଡୋନାଲ୍ଡ ୧୭ ଜଣ ଖେଳାଳୀଙ୍କୁ ଚୟନ କରିବାକୁ ଅନୁମତି ଦାବି କରିଛନ୍ତି। ୨୦୨୩ରେ ଫାଇନାଲ ପର୍ଯ୍ୟନ୍ତ ପହଞ୍ଚିଥିବା ଭାରତ ଏବଂ ଅଷ୍ଟ୍ରେଲିଆକୁ ୧୧ମ୍ୟାଚ ଖେଳିବାକୁ ପଡ଼ିଥିଲା । କିନ୍ତୁ ୨୦୨୭ରେ ଫାଇନାଲ ସମେତ ୧୫ମ୍ୟାଚ୍ ପର୍ଯ୍ୟନ୍ତ ଖେଳିବାକୁ ପଡ଼ିପାରେ । ଏଥିରୁ ଅତି କମରେ ୧୩ମ୍ୟାଚ ଫାଇନାଲ ପର୍ଯ୍ୟନ୍ତ ପ୍ରତ୍ୟେକ ଟିମକୁ ହିଁ ଖେଳିବାକୁ ପଡ଼ିବ । ଏଥର ୪ଟିମ୍ ବଢିଯାଇଛି । ଭାରତରେ ହୋଇଥିବା ଗତ ସଂସ୍କରଣରେ ୧୦ଟିମ ଖେଳିଥିଲେ। ଏଥର ମୋଟ୍ ଟିମ୍ ସଂଖ୍ୟା ୧୪କରିଦିଆଯାଇଛି । ପ୍ରାୟ ୫୭ମ୍ୟାଚ୍ ହେବ । ଏଥର ଗ୍ରୁପ ଷ୍ଟେଜ ପରେ ସୁପର-୭ ରାଉଣ୍ଡ ବି ହେବ । ପରେ ସେମିଫାଇନାଲ ହେବ ଯାହାକି ପୂର୍ବରୁ ଗ୍ରୁପ ଷ୍ଟେଜ ପରେ ସିଧା ସେମିଫାଇନାଲ ହେଉଥିଲା । ଆଣ୍ଡ୍ରୁ ମ୍ୟାକଡୋନାଲ୍ଡ ଏକ ସାକ୍ଷାତକାରରେ କହିଛନ୍ତି କି, 'ଯଦି ଏହା ସବୁଠାରୁ ବଡ ଇଭେଣ୍ଟ ହେବାକୁ ଯାଉଛି, ତେବେ ଦଳର ଆକାର କିଭଳି ହେବ ? ଗତ ବିଶ୍ୱକପରେ, ୧୫ଜଣ ଖେଳାଳୀଙ୍କୁ ଚୟନରେ ଆମ ସାମ୍ନାରେ ବହୁତ ଦ୍ୱନ୍ଦ୍ୱ ଥିଲା।

# ପ୍ରଥମ ଟେଷ୍ଟରେ ପାକିସ୍ତାନର ଶୋଚନୀୟ ପରାଜୟ

ନୂଆଦିଲ୍ଲୀ, ୨୯।୦୭: ସବୁ ବିଭାଗରେ ଶୃଙ୍ଖଳିତ ପ୍ରଦର୍ଶନ କରି ଘରୋଇ ଓ୍ୱେଷ୍ଟଇଣ୍ଡିଜ୍ ପ୍ରଥମ ଟେଷ୍ଟରେ ପାକିସ୍ତାନକୁ ୯୦ରନ୍‌ରେ ପରାସ୍ତ କରିଛି । ଚତୁର୍ଥ ଦିବସରେ (ମଙ୍ଗଳବାର) ଓ୍ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟ ଇନିଂସ୍‌ରେ ୧୮୧ ରନ୍‌ରେ ଅଲଆଉଟ୍ ହେବା ସହ ପାକିସ୍ତାନ ସାମ୍ନାରେ ୨୧ ରନ୍‌ର ବିଜୟ ଲକ୍ଷ୍ୟ



ଧାର୍ଯ୍ୟ କରିଥିଲା । ଜବାବରେ ପାକିସ୍ତାନ ଦ୍ୱିତୀୟ ଇନିଂସ୍‌ରେ ବ୍ୟାଟିଂ ବିପର୍ଯ୍ୟୟରେ ସମ୍ମୁଖୀନ ହେବା ୧୨୦ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା । ବାବର ଆଜମ ଟେଷ୍ଟ ଫର୍ମାଟରେ ଅଧିନାୟକ ଦାୟିତ୍ୱ ନେବା ପରଠାରୁ ପାକିସ୍ତାନୀ ଦଳ ପ୍ରଦର୍ଶନରେ କୌଣସି ଉନ୍ନତି ହୋଇନାହିଁ, ଓ୍ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍‌ରେ ୯୦ ରନରେ ପରାସ୍ତ ହୋଇଛି ପାକିସ୍ତାନ ।

ଚତୁର୍ଥ ଦିବସରେ ଓ୍ୱେଷ୍ଟଇଣ୍ଡିଜ୍ ଅସମାପ୍ତ ଦ୍ୱିତୀୟ ଇନିଂସ୍ ୭/୧୨୬ରୁ ବ୍ୟାଟିଂ ଆରମ୍ଭ କରିଥିଲା । ପୂର୍ବ ଦିନରୁ ଅପରାଜିତ ଥିବା କିମାର ରୋଚ୍ ଓ ସମର ଯୋଶେଫ୍ ସତର୍କତାର ସହ ବ୍ୟାଟିଂ କରି ସ୍କୋରକୁ ୧୫୪ରେ ପହଞ୍ଚାଇଥିଲେ । ଯୋଶେଫ୍ ୧ଚୌକା ଓ ୪ଛକା ବଲରେ ୩୮ ରନ୍ କରି ଆଉଟ୍ ହୋଇଥିଲେ । ପରେ ପରେ ରୋଚ୍ ୧୮ ରନ୍ କରି ବିଦାୟ ନେଇଥିଲେ । ମାତ୍ର ଜୋମେଲ ଓ୍ୱାରିକାନ୍ ୧ଚୌକା ଓ ୧ଛକା ବଲରେ ୧୪ ଓ ଜେଡେନ ସଲ୍ସ ଅପରାଜିତ ୬ରନ୍ ଯୋଗ କରିବା ଫଳରେ ଦଳୀୟ ସ୍କୋର ୧୮୧ରେ ପହଞ୍ଚିଥିଲା । ପାକିସ୍ତାନ ପକ୍ଷରୁ ମହମ୍ମଦ ଆବାସ ୫ଟି ଓ୍ୱିକେଟ୍ ଅକ୍ତିଆର କରିଥିଲେ । ୨୧୧ରନ୍ ବିଜୟ ଲକ୍ଷ୍ୟର ପିଛା କରି ପାକିସ୍ତାନ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା ।

୨୫ରନ୍ ମଧ୍ୟରେ ଦଳ ୩ଟି ଓ୍ୱିକେଟ୍ ହରାଇଥିଲା । ଆଜାନ ଅଓ୍ୱେସ ୩, ଇମାମ-ଉଲ୍-ହକ୍ ୩ ରନ୍ କରି ଆଉଟ୍ ହୋଇଥିବାବେଳେ ସଲମାନ ଆଘା ଖାତା ଖୋଲି ପାରିନଥିଲେ । ପ୍ରଥମ ଓ୍ୱିକେଟର ପତନ ପରେ ବ୍ୟାଟିଂ କରିବାକୁ ଆସିଥିବା ବାବର ଆଜମ ଗୋଟିଏ ପଟେ ଓ୍ୱିକେଟ୍ ବଞ୍ଚାଇ ରଖିଥିଲେ ହେଁ ଅନ୍ୟ ପଟରେ ନିୟମିତ ଓ୍ୱିକେଟ୍ ପତନ ଘଟିଥିଲା । ଫଳରେ ପାକିସ୍ତାନ ଇନିଂସ୍ ୧୨୦ରେ ଅଟକି ଯାଇଥିଲା । ବାବର ୫୮ରନ୍ କରି ଅପରାଜିତ ଥିଲେ । ଓ୍ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଜେଡେନ ସିଲ୍ସ ୫ଟି ଓ୍ୱିକେଟ୍ ଅକ୍ତିଆର କରିଥିଲେ ।

## ରୌପ୍ୟ ପାଇଲେ ଅଜୟ

ଗ୍ଲାସ୍‌ଗୋ, ୨୯।୭: ଭାରତର ଉଦୀୟମାନ ଭାରୋତ୍ତୋଳକ ଭେଲୁରି ଅଜୟ ବାବୁ ମଙ୍ଗଳବାର ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ରୌପ୍ୟ ପଦକ ଜିତିଛନ୍ତି। ସେ ପୁରୁଷ ୭୯ କେଜିକାଟେଗୋରୀରେ ଏହି ସଫଳତା ପାଇଛନ୍ତି। ଆନ୍ଧ୍ରପ୍ରଦେଶର ବିଜୟନଗରମ ଜିଲାର ୨୧ ବର୍ଷୀୟ ଭାରୋତ୍ତୋଳକ ସ୍ନାଚରେ ୧୪୯ କେଜି ଓ କ୍ଲିନ ଆଣ୍ଡ? ଜର୍କରେ ୧୮୧ କେଜିକୁ ମିଶାଇ ମୋଟ ୩୩୦ କେଜିଭାର ଉଠାଇ ପୋଡ଼ିୟମରେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ସେ ମାତ୍ର ୧ କେଜି ବ୍ୟବଧାନରେ ସ୍ୱର୍ଣ୍ଣ ପଦକ ହାତଛଡ଼ା କରିଛନ୍ତି। ମାଲେସିଆର ଏରି ହିଦାୟତ ମହମ୍ମଦ ମୋଟ ୩୩୧ (୧୪୭+୧୮୪) କେଜିଭାର ଉଠାଇ ରାଜ୍ୟଗୋଷ୍ଠୀ କ୍ରୀଡ଼ା ରେକର୍ଡ ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଚଳିତ ପ୍ରତିଯୋଗିତାରେ ଭାରତ୍ତୋଳନରେ ଏହା ଭାରତ ପାଇଁ ଷଷ୍ଠ ପଦକ। ମାଲେସିଆର ହିଦାୟତ ୧୪୭ କେଜି ଉଠାଇଥିଲେ। କ୍ଲିନ ଆଣ୍ଡ? ଜର୍କରେ ହିଦାୟତ ପ୍ରଥମେ ୧୮୧ କେଜିଭାର ଉଠାଇଥିଲେ, ଯାହା ସହିତ ଅଜୟ ବାବୁ ତାଙ୍କର ଅନ୍ତିମ ଉଦ୍ୟମରେ ସମକକ୍ଷ ହୋଇଥିଲେ। ହେଲେ ହିଦାୟତ ପରବର୍ତ୍ତୀ ଉଦ୍ୟମରେ ୧୮୪ କେଜିଭାର ଉଠାଇ ରେକର୍ଡ କରି ସ୍ୱର୍ଣ୍ଣ ପଦକ ଅଧିକାର କରିଥିଲେ।

# ଗମ୍ଭୀରଙ୍କ ଟିମରେ ଦ୍ରୁତ ଗତିରେ ପ୍ରବେଶ କରୁଛନ୍ତି ନୂଆ ଖେଳାଳି

**୨୦୨୬ର ପ୍ରଥମ ସାତ ମାସରେ ଟିମ୍ ଇଣ୍ଡିଆ ପାଇଁ ୮ ଜଣ ଖେଳାଳି ଅନ୍ତର୍ଜାତୀୟ କ୍ରିକେଟରେ ଡେବ୍ୟୁ କରିଛନ୍ତି**

**ବୈଭବ ସୂର୍ଯ୍ୟବଂଶୀ ଡେବ୍ୟୁ ପରେ ୬ଟି ଇନିଂସରେ ୧୯୨ ରନ କରି ସବୁଠାରୁ ଅଧିକ ପ୍ରଭାବ ପକାଇଛନ୍ତି**

**ଗୁରନୂର ବ୍ରାର ଓ ପ୍ରିନ୍ସ ଯାଦବ ବୋଲିଂରେ ଭଲ ପ୍ରଦର୍ଶନ କରି ଚୟନକର୍ତ୍ତାଙ୍କ ଭରସା ଜିତିଛନ୍ତି**

**ସୁନୀଲ ଗାଭାସ୍କରଙ୍କ ମତରେ, ନିରନ୍ତର ପରୀକ୍ଷଣ ଯୋଗୁଁ ଟିମ୍ ଇଣ୍ଡିଆରେ ଡେବ୍ୟୁ କରିବା ବର୍ତ୍ତମାନ ସହଜ ହୋଇଛି**

ନୂଆଦିଲ୍ଲୀ, ୨୯/୦୭: ଭାରତୀୟ କ୍ରିକେଟ୍ ଦଳ ପାଇଁ ଯୁବ ଖେଳାଳିମାନେ ନିରନ୍ତର ଡେବ୍ୟୁ କରୁଥିବା ବେଳେ ଅନେକ ବରିଷ୍ଠ ଖେଳାଳି ଏବେ ବି ସ୍ଥାନ ପାଇନାହାଁନ୍ତି। ଚୟନକର୍ତ୍ତା ଏବଂ ଦଳ ପରିଚାଳନା ପୂର୍ବରୁ ଆଠ ଜଣ ଖେଳାଳିଙ୍କୁ ଅନ୍ତର୍ଜାତୀୟ ଡେବ୍ୟୁ ଦେଇଛନ୍ତି, ଏବଂ ଏବେ ସ୍ପିନ୍-ବୋଲିଂ ଅଲରାଉଣ୍ଡର ସରାଂଶ ଜୈନଙ୍କୁ ଶ୍ରୀଲଙ୍କା ବିପକ୍ଷରେ ଟେଷ୍ଟ ଦଳ ପାଇଁ ମନୋନୀତ କରାଯାଇଛି। ଦ୍ରୁତ ବୋଲର ଅଶୋକ ଶର୍ମା ଏବଂ ଯଶ ଠାକୁର ଜିମ୍ବାୱେ ବିପକ୍ଷରେ ସମ୍ପ୍ରତି ଅନୁଷ୍ଠିତ ଟି-୨୦ ସିରିଜରେ ଡେବ୍ୟୁ କରିଥିଲେ। ଏହି ବର୍ଷର ପ୍ରଥମ ସାତ ମାସରେ, ଆଠ ଜଣ ଖେଳାଳି ଟିମ୍ ଇଣ୍ଡିଆ ପାଇଁ ଡେବ୍ୟୁ କ୍ୟାପ୍ ପାଇଛନ୍ତି। ସୁନୀଲ ଗାଭାସ୍କର ଏପରି ମଧ୍ୟ କହିଛନ୍ତି ଯେ, ନିରନ୍ତର ପରୀକ୍ଷଣକୁ ଦୃଷ୍ଟିରେ ରଖି, ଏହା ମନେ ହେଉଛି ଯେ ଟିମ୍ ଇଣ୍ଡିଆ ଡେବ୍ୟୁ କ୍ୟାପ୍ ଅର୍ଜନ କରିବା ବହୁତ ସହଜ ହୋଇଯାଇଛି। ୨୦୨୬ ରେ ଏପର୍ଯ୍ୟନ୍ତ କେତେ ଜଣ କ୍ରିକେଟର ଭାରତ ପାଇଁ ଅନ୍ତର୍ଜାତୀୟ ଡେବ୍ୟୁ କରିଛନ୍ତି ଆସନ୍ତୁ ଜାଣିବା।

ଏମାନଙ୍କ ମଧ୍ୟରେ ସବୁଠାରୁ ଚର୍ଚ୍ଚିତ ନାମ ହେଉଛି ବୈଭବ ସୂର୍ଯ୍ୟବଂଶୀ, ଯିଏକି ଇଂଲଣ୍ଡ ବିପକ୍ଷରେ ଟି-୨୦ ସିରିଜରେ ଡେବ୍ୟୁ କରିବାର ସୁଯୋଗ ପାଇଥିଲେ। ସେ ଅତ୍ୟନ୍ତ ପ୍ରଭାବୀ ସାବ୍ୟସ୍ତ ହୋଇଛନ୍ତି। ସେଏପର୍ଯ୍ୟନ୍ତ ଛଅଟି ଇନିଂସରେ ଦୁଇଟି ଅର୍ଦ୍ଧଶତକ ସହିତ ୧୯୨ ରନ କରିଛନ୍ତି। ଗୁରନୂର ବ୍ରାର ମଧ୍ୟ ଏକ ଦୃଢ଼ ପ୍ରଭାବ ପକାଇ ଛଅଟି ଦିନିକିଆରେ ୧୧ ଓ୍ୱିକେଟ୍ ନେଇଛନ୍ତି।ଜିମ୍ବାୱେ ଟି-୨୦ ସିରିଜ୍ ସମୟରେ ଆଘାତ ପାଇବା ପୂର୍ବରୁ ପ୍ରିନ୍ସ ଯାଦବଙ୍କୁ ଲଗାତାର ସୁଯୋଗ ମିଳୁଥିଲା; ସେ ଆଜି ପର୍ଯ୍ୟନ୍ତ ଛଅଟି ଟି-୨୦ ମ୍ୟାଚରେ ୯ ଓ୍ୱିକେଟ୍ ଏବଂ ତିନୋଟି ଦିନିକିଆରେ ୪ ଓ୍ୱିକେଟ୍ ନେଇଛନ୍ତି। ସୂର୍ଯ୍ୟାଂଶ ଶେଡଗେ ଏପର୍ଯ୍ୟନ୍ତ କୌଣସି ଉଲ୍ଲେଖନୀୟ ପ୍ରଦର୍ଶନ କରିନାହାଁନ୍ତି, ତଥାପି ସେ ଟିମ୍ ଇଣ୍ଡିଆର ପ୍ଲେଇଂ ଇଲେଭେନରେ ସ୍ଥାନ ପାଇଛନ୍ତି।

ବୈଭବ ସୂର୍ଯ୍ୟବଂଶୀ, ଗୁରୁନୁର ବରାଡ, ଯଶ ଠାକୁର, ରାଜକୁମାର ଯାଦବ, ମାନବ ସୂତାର, ହର୍ଷ ଦୁବେ, ଅଶୋକ ଶର୍ମା ଓ ସୂର୍ଯ୍ୟାଂଶ ଶେଜ୍।

ଅନ୍ୟପକ୍ଷରେ, ଦ୍ରୁତ ବୋଲର ମୟଙ୍କ ଯାଦବ ପୁନରାଗମନ କରିଛନ୍ତି। ତାଙ୍କ ବ୍ୟତୀତ, ଅଶୋକ ଶର୍ମା। ମଧ୍ୟ ୧୪୫-୧୫୦ କିଲୋମିଟର/ଘଣ୍ଟା ବେଗରେ ବୋଲିଂ କରିବାକୁ ସକ୍ଷମ। ସ୍ପଷ୍ଟ ଭାବରେ, ଦଳ ପରିଚାଳନା ଯୁବ ଖେଳାଳିଙ୍କ ସର୍ବୋତ୍ତମ ସମ୍ଭାବ୍ୟ ମିଶ୍ରଣ ଉପରେ ଧ୍ୟାନ ଦେଉଛି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ